

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୪ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 14 JANUARY 2021
Vol.No. 31 ■ No. 14 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ ...
ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସମାଜସେବୀ ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କ ପରଲୋକ

କଟକ,୧୩।୦୧ (ନି.ପ୍ର): ଆଉ ନାହାନ୍ତି ସମାଜସେବୀ ପଦ୍ମଶ୍ରୀ ଡି. ପ୍ରକାଶ ରାଓ। ଆଜି ଏସସିବି କୋଭିଡ୍ ହସ୍ପିଟାଲରେ ତାଙ୍କର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ଏ ନେଇ ସୂଚନା ଦେଇଛନ୍ତି ଏସସିବି ଜରୁରୀକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା। ଡିସେମ୍ବର ୨୫ ତାରିଖରେ ଡି. ପ୍ରକାଶ ରାଓ ଅସୁସ୍ଥ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେହି ସମୟରେ ତାଙ୍କର ହୋଇଥିବା କରୋନା ଟେଷ୍ଟରେ ପଜିଟିଭ୍ ଆସିଥିଲା। ପରେ ତାଙ୍କୁ ଏସସିବି କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ରାଓଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତାଙ୍କର ଚିକିତ୍ସା ପାଇଁ



ଏକ ଡାକ୍ତରୀ ଟିମ୍ ଗଠନ କରାଯାଇଥିଲା। କିଛି ଦିନ ତଳେ ତାଙ୍କର କୋଭିଡ୍ ରିପୋର୍ଟ ମଧ୍ୟ ନେଗେଟିଭ୍ ଆସିଥିଲା। ପରେ ତାଙ୍କୁ ସେଣ୍ଟ୍ରାଲ୍ ଆଇସିୟୁକୁ ସ୍ଥାନାନ୍ତର କରାଯିବା ପାଇଁ ଯୋଜନା କରାଯାଇଥିଲା। ଏହା ପୂର୍ବରୁ ଆଜି ଅପରାହ୍ନ ୪.୧୫ ମିନିଟ୍‌ରେ ଆଖି ବୁଜିଛନ୍ତି ଡି. ରାଓ। ବ୍ରେନ ଷ୍ଟ୍ରୋକରେ ତାଙ୍କର ପରଲୋକ ଘଟିଥିବା କହିଛନ୍ତି ତାଙ୍କ ଝିଅ। ସମାଜସେବୀ ପଦ୍ମଶ୍ରୀ ଡି. ପ୍ରକାଶ ରାଓ କଟକ ବକ୍ସିବଜାରରେ ଏକ ଚା' ଦୋକାନ କରିଥିଲେ। ସେଥିରୁ ଉପାର୍ଜିତ ଅର୍ଥରେ ସେ ବସ୍ତି ପିଲାମାନଙ୍କୁ ପାଠ ପଢ଼ାଉଥିଲେ। ଏଥିସହ ସେ ନିଜ ଉଦ୍ୟମରେ ସ୍କୁଲ କରିଛନ୍ତି। ଏହାଛଡ଼ା ସେ ୨୦୦ ଥରରୁ ଅଧିକ ଥର ରକ୍ତଦାନ କରିଛନ୍ତି। ସେଥିପାଇଁ ୨୦୧୯ରେ ପ୍ରକାଶଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିଥିଲା। ଏହାସହ 'ମନକି ବାତ୍' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଡି. ପ୍ରକାଶ ରାଓଙ୍କ ଭୂୟସୀ ପ୍ରଶଂସା କରିଥିଲେ। ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କ ପରଲୋକରେ ବିଶିଷ୍ଟ ବ୍ୟକ୍ତିମାନେ ଶୋକ ପ୍ରକାଶ କରିଛନ୍ତି। ଗଭୀର ଶୋକ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ମଧ୍ୟ ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କ ପରଲୋକରେ ଗଭୀର ଶୋକପ୍ରକାଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୩।୦୧ (ନି.ପ୍ର): ବିଶିଷ୍ଟ ସମାଜସେବୀ ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କର ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ସ୍ୱର୍ଗତଃ ରାଓ ତାଙ୍କର ଉତ୍ସର୍ଗୀକୃତ ସମାଜ ସେବା ବିଶେଷ କରି ଗରୀବ ଓ ଅବହେଳିତ ମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ପାଇଁ ସ୍ମରଣୀୟ ହୋଇ ରହିବେ । ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜଣାଇବା ସହ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ପଦ୍ମଶ୍ରୀ ସ୍ୱର୍ଗତଃ ଡି. ପ୍ରକାଶ ରାଓଙ୍କର ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନ ସହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

## ୮୦ ବିଧାୟକଙ୍କୁ ଧରି ଗ୍ରାଣ୍ଡ ସୋ' ଅଭିମୁଖେ ନବୀନ

### କାଲି କମ୍ପିବ କଳାହାଣ୍ଡି



ଭୁବନେଶ୍ୱର,୧୩।୦୧ (ନି.ପ୍ର): କଳାହାଣ୍ଡିରେ ହେବ ବିଜେଡି ସରକାରର ମେଗା ସୋ' । କୋଭିଡ ପରେ ପ୍ରଥମ ଥର ପାଇଁ ଆସନ୍ତାକାଲି ଆୟୋଜନ ହେବାକୁ ଯାଉଛି ରାଜ୍ୟ ସରକାରଙ୍କ ବଡ଼ କାର୍ଯ୍ୟକ୍ରମ । ଉପସ୍ଥିତ ରହିବେ ପ୍ରାୟ ୮୦ ଜଣ ଏମ୍‌ଏଲ୍‌ଏ । ମକର ସଂକ୍ରାନ୍ତିରୁ ଆରମ୍ଭ ହେବ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ । ଏଥିପାଇଁ କଳାହାଣ୍ଡି ଜୟପାଟଣା ବ୍ଲକ ମଙ୍ଗଳପୁରଠାରେ ଚାଲିଛି ଭବ୍ୟ ଆୟୋଜନ । ମୁଖ୍ୟମନ୍ତ୍ରୀ, ଦଳୀୟ ବିଧାୟକ ଓ ମନ୍ତ୍ରୀ ଏବଂ ସରକାରୀ ଅଧିକାରୀଙ୍କ ପାଇଁ ନିର୍ମାଣ କରାଯାଉଛି ୩ଟି ଷ୍ଟେଜ୍ । ଜଞ୍ଚଡଉଜ ଟେଷ୍ଟରେ ନେଗେଟିଭ୍ ରିପୋର୍ଟ ଥିବା ବ୍ୟକ୍ତି ହିଁ ଯାଇପାରିବେ ଏହି କାର୍ଯ୍ୟକ୍ରମକୁ । କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଲାଗିପଡ଼ିଛନ୍ତି ଦଳର ସ୍ଥାନୀୟ ନେତାଙ୍କ ସହ ଏକ ସ୍ୱତନ୍ତ୍ର ଟିମ୍ ଓ ଜିଲ୍ଲା ପ୍ରଶାସନ । ଜଳସେଚନ ହେବାକୁ ଥିବା ସବୁ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମର ହେବ ସିଧାପ୍ରସାରଣ । ସେସବୁ ପଞ୍ଚାୟତ ଗୁଡ଼ିକରେ ନିମନ୍ତ୍ରିତ ଦଳୀୟ ବିଧାୟକ ଓ ମନ୍ତ୍ରୀ ଉପସ୍ଥିତ ରହି ଲୋକଙ୍କୁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇବେ ।

▶▶ପୃଷ୍ଠା ୭

## ସହରାଞ୍ଚଳରେ କୋଭାକ୍ସିନ ଓ ଗ୍ରାମାଞ୍ଚଳରେ ଦିଆଯିବ କୋଭାସିଲ୍‌ଡ !

ଭୁବନେଶ୍ୱର,୧୩।୦୧ (ନି.ପ୍ର): ଆସନ୍ତା ଶନିବାର ରାଜ୍ୟରେ ଆରମ୍ଭ ହେବ ଟିକାକରଣ। ସେଥିପାଇଁ ଗତକାଲି ଅର୍ଥାତ ମଙ୍ଗଳବାର ଓଡ଼ିଶାକୁ ଆସିଛି କରୋନା ଟିକା କୋଭିସିଲ୍‌ଡ। ବୁଧବାର ଭୁବନେଶ୍ୱରରେ ପହଞ୍ଚିଛି କୋଭାକ୍ସିନ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କୋଭାକ୍ସିନ୍ ଟିକା ସହରାଞ୍ଚଳରେ ଦେବାକୁ ସ୍ଥିର ହୋଇଥିବା ବେଳେ ଗ୍ରାମାଞ୍ଚଳରେ କୋଭିସିଲ୍‌ଡ ଟିକା ଦେବାକୁ ବ୍ୟବସ୍ଥା ହେଉଥିବା ଜଣାପଡ଼ିଛି। ଆଜି ସକାଳେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିଥିଲା କୋଭାକ୍ସିନ୍। ପରେ ଟିକାକୁ ପୁଲିସ ପାଇଲଟିଂ ମାଧ୍ୟମରେ ସିଧାସଳଖ ନିଆଯାଇଥିଲା ଷ୍ଟେଟ ଭ୍ୟାକସିନ୍ ଷ୍ଟୋରକୁ। ଭାରତ ବାୟୋଟେକ, ଆଇସିଏମ୍‌ଆର ଓ ଏନ୍‌ଆଇଭି ଦ୍ୱାରା ପ୍ରସ୍ତୁତ ଏହି ସ୍ୱଦେଶୀ ଟିକାର ୨୦ ହଜାର ଡୋଜ ପ୍ରଥମ ପର୍ଯ୍ୟାୟରେ ଆସିଛି। ଏହାକୁ ଏବେ କେବଳ ଭୁବନେଶ୍ୱର ସହରାଞ୍ଚଳର ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଦାନ କରାଯିବ। ଏଥିପାଇଁ ୯୦୦୦ ସ୍ୱାସ୍ଥ୍ୟ କର୍ମୀଙ୍କ ତାଲିକା ପ୍ରସ୍ତୁତ ହୋଇଛି। କୋଭିସିଲ୍‌ଡର ଗୋଟିଏ ଶିଶିରେ ୫ ଏମ୍‌ଏଲ୍ ଅର୍ଥାତ ୧୦ ଜଣଙ୍କ ପାଇଁ ଡୋଜ ରହୁଥିବା ବେଳେ କୋଭାକ୍ସିନର ପ୍ରତି ଶିଶିରେ ୧୦ ଏମ୍‌ଏଲ୍ ଅର୍ଥାତ ୨୦ ଜଣଙ୍କୁ ଟିକା ଦିଆଯାଇପାରିବ। ସୂଚନା ଅନୁସାରେ ସହରାଞ୍ଚଳରେ କୋଭାକ୍ସିନ ଓ ଗ୍ରାମାଞ୍ଚଳରେ କୋଭାସିଲ୍‌ଡ ଟିକା ଦେବାକୁ ବ୍ୟବସ୍ଥା ହେଉଛି। ସେପଟେ ୧୬ ତାରିଖରୁ ଆରମ୍ଭ ହେଉଥିବା ଟିକାକରଣ ଲାଗି ୧୬୦ଟି କେନ୍ଦ୍ରରେ ଚାଲିଛି ଜୋରାଦର ପ୍ରସ୍ତୁତି। ଲଗାତାର ଦ୍ୱିତୀୟ ଦିନ ପାଇଁ ଷ୍ଟେଟ ଭ୍ୟାକସିନ ଷ୍ଟୋରରୁ ବିଭିନ୍ନ ଜିଲ୍ଲାକୁ କୋଭାସିଲ୍‌ଡ ଟିକା ପଠାଯାଇଛି। ସେଠାରେ ମଧ୍ୟ କଡା ସୁରକ୍ଷା ବ୍ୟବସ୍ଥା ଭିତରେ ଟିକା ରଖାଯାଇଛି। ଏହାପରେ କୋଲଡ୍ ଚେନ୍ ପଏଣ୍ଟ ଓ ପରେ ଟିକାକରଣ କେନ୍ଦ୍ରରେ ପହଞ୍ଚିବ କୋଭାକ୍ସିନ୍। ଭୁବନେଶ୍ୱର ଭଳି କଟକ ମହାନଗର ନିଗମରେ ମଧ୍ୟ ୫ଟି ସ୍ଥାନରେ ଟିକାକରଣ କେନ୍ଦ୍ର କରାଯାଇଛି। ପ୍ରତି ସେଣ୍ଟରରେ ଦୈନିକ ୧୦୦ ଜଣଙ୍କୁ ଟିକା ଦିଆଯିବ।

## ଅପରାଜିତା ଡାଳେ ଡାଳେ, ବିଏମସି ପତ୍ରେ ପତ୍ରେ !



ଭୁବନେଶ୍ୱର,୧୩।୦୧ (ନି.ପ୍ର): ସୁପରହିଟ୍ ହିନ୍ଦୀ ଚଳଚ୍ଚିତ୍ର 'ଉରି' ସିନେମାର ଏକ ଚର୍ଚ୍ଚିତ ସଂଳାପ ଯୁବପିଢ଼ିଙ୍କୁ ବେଶ ଛୁଇଁପାରିଥିଲା। ତାହା ହେଉଛି 'ହାଓ ଇଜ୍ ଦି ଜୋସ୍'। ଉତ୍ତର ହେଉଛି 'ହାଇ ସାର୍'। ରାଜନୀତିରେ ଅପରାଜିତାଙ୍କ ଆଗମନଠାରୁ ସେମିତି ଏକ ମାର୍କାଦିଆ ଜୋସ୍ ନେଇ ଆସିଥିବା ତାଙ୍କ ଚାଲିଚଳନ କହିଦିଏ। ରାଜ୍ୟ ରାଜନୀତିରେ ପାୱାରଫୁଲ କରିଡର କୁହାଯାଉଥିବା ରାଜଧାନୀ ଭୁବନେଶ୍ୱରରୁ ଅପରାଜିତା ୨୦୧୯ରେ ସାଂସଦ ଭାବେ ବିଜୟୀ ହେବା ପରଠାରୁ ତାଙ୍କ ଲୋକପ୍ରିୟତା ଏକ୍ସପ୍ରେସ ବେଗରେ ବଢ଼ିଚାଲିଛି। ଆଉ ସେଇ ଗାଡ଼ିର ବ୍ରେକଫେଲ ପାଇଁ ବିଜେଡି ଯେତେ ପ୍ରକାର ଅସ୍ତ୍ର ପ୍ରୟୋଗ କଲେ ମଧ୍ୟ ତାହା ଫେଲ ହୋଇଯାଉଛି। ଯାହାର ସଦ୍ୟ ଉଦାହରଣ କୋଭିଡ୍ ସମୟରେ ଦେଖିବାକୁ ମିଳିଲା। ସରକାରୀ କଳ ମାଧ୍ୟମରେ ଅପରାଜିତାଙ୍କ ଅଫିସ୍‌ରେ ଚାବି ପକାଇବା ଚିତ୍ର ଯାହା ସମଗ୍ର ରାଜ୍ୟବାସୀ ଦେଖିଲେ। ଆଉ ବିଜେଡି ନେତା ମନ୍ତ୍ରୀମାନେ କୋଭିଡ୍ ନିୟମ ଭାଙ୍ଗିଲେ କେମିତି ସାତଖୁଣ ମାଫ କରାଯାଏ ତାହା ମଧ୍ୟ ରାଜ୍ୟବାସୀ ଜାଣିଲେ। ଏବେ ଅପରାଜିତାଙ୍କ ଅନ୍ନପୂର୍ଣ୍ଣା ଯୋଜନା ବାବଦରେ ବିଚାର କରାଯାଉ। କିଛି ଦିନ ତଳେ ଅନ୍ନପୂର୍ଣ୍ଣା' ଟ୍ରଷ୍ଟ ଗଠନ କରି ଭୁବନେଶ୍ୱର ସହରରେ ଗରିବ ଓ ଭୋକିଲା ଲୋକଙ୍କୁ ମାଗଣା ରନ୍ଧାଖାଦ୍ୟ ଦେବାକୁ ଘୋଷଣା କଲେ ଅପରାଜିତା। ୫ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗରେ 'ଅନ୍ନପୂର୍ଣ୍ଣା' ଟ୍ରଷ୍ଟ ଗଠିତ ହୋଇଥିବା ଖବର ଆସିଥିଲା। ଦେଶବିଦେଶରେ ରହୁଥିବା ବଦାନ୍ୟ ବ୍ୟକ୍ତିମାନେ ପ୍ରାୟ ୪୦ ଲକ୍ଷ ଟଙ୍କା ଦାନ କରିଥିବା ମଧ୍ୟ ଚର୍ଚ୍ଚା ହେଲା।

▶▶ପୃଷ୍ଠା ୭

## 'ପରୀ' ମାମଲାରେ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍

ଭୁବନେଶ୍ୱର,୧୩।୦୧ (ନି.ପ୍ର): ବହୁ ଚର୍ଚ୍ଚିତ ନୟାଗଡ଼ କୁନି ଝିଅ 'ପରୀ' ମାମଲାରେ ରାଜ୍ୟ ସରକାର ଓ ସିବିଆଇକୁ ନୋଟିସ କଲେ ସୁପ୍ରିମକୋର୍ଟ। ପରୀ ମାଆ ସୌଦାମିନୀଙ୍କ ଆବେଦନକୁ ଗ୍ରହଣ କରି କୋର୍ଟ ନୋଟିସ୍ କରିଛନ୍ତି। ଆଜି ପରୀର ମାଆ ନ୍ୟାୟ ପାଇଁ ସୁପ୍ରିମକୋର୍ଟ ଯାଇଥିଲେ ଓ ଘଟଣାର ସିବିଆଇ ତଦନ୍ତ ପାଇଁ ଦାବି କହିଥିଲେ। ୫ ମାସ ତଳେ ୫ ବର୍ଷର ଝିଅ ପରୀକୁ ହତ୍ୟା କରାଯାଇଥିଲା। ଏଥିରେ ମନ୍ତ୍ରୀ ଅରୁଣ ସାହୁ ଓ ତାଙ୍କ ସହଯୋଗୀ ବାବୁଲିର ହାତ ଥିବା 'ପରୀ'ର ବାପା-ମାଆ ଅଭିଯୋଗ କରିଥିଲେ। ମାତ୍ର ପୁଲିସ ସେମାନଙ୍କ



ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ 'ପରୀ'ର ବାପା-ମାଆଙ୍କୁ ନାନା ହଇରାଣ କରୁଥିଲା। ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରୁନଥିଲା। ଅନ୍ୟପକ୍ଷରେ ପରୀଙ୍କ ମାଆଙ୍କୁ ପୁଲିସ ମାଡ଼ ମାରୁଥିବା ଅଭିଯୋଗ ହୋଇଥିଲା। ଏନେଇ ପରୀଙ୍କ ମାଆ ଅଭିଯୋଗ କରିଥିଲେ। ପୁଲିସ ପ୍ରଶାସନଠାରୁ ନିରାଶ ହେବା ପରେ 'ପରୀ'ର ବାପା-ମାଆ ଭୁବନେଶ୍ୱର ଚାଲି ଆସିଥିଲେ। ସେମାନେ ବିଧାନସଭା ସମ୍ମୁଖରେ ଆତ୍ମାହୁତି ଧମକ ଦେଇଥିଲେ। ତମ୍ପି ତୋଫାନ୍ ପରେ ରାଜ୍ୟ ସରକାର ଏସ୍‌ଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ଆଇଟି ଏହି ମାମଲାର ତଦନ୍ତ ଜଣେ ନାବାଳକକୁ ଗିରଫ କରିଥିଲା। ଅଭିଯୁକ୍ତ ଦୁଷ୍କର୍ମ କରି ପରୀକୁ ହତ୍ୟା କରିଥିବା ଏସ୍‌ଆଇଟି ଗଣମାଧ୍ୟମ ସମ୍ମିଳନୀରେ କହିଥିଲେ। ଏସ୍‌ଆଇଟିର ଏପରି ଆରୋପକୁ ପରୀଙ୍କ ବାପା-ମାଆ ଖଣ୍ଡନ କରିଥିଲେ। ଏପରିକି ମାମଲାର ତଦନ୍ତ ସିବିଆଇ ଦ୍ୱାରା କରିବାକୁ ଦାବି କରିଥିଲେ। ହେଲେ ରାଜ୍ୟ ସରକାର ଏଥିପାଇଁ ରାଜି ହେଉନଥିଲେ।

▶▶ପୃଷ୍ଠା ୭

## ସମାଜର ଅବହେଳିତ ଲୋକଙ୍କ ବିକାଶ ପାଇଁ ଉତ୍ସର୍ଗୀକୃତ ଥିଲେ ଡି ପ୍ରକାଶ ରାଓ : ଧର୍ମେନ୍ଦ୍ର



ଭୁବନେଶ୍ୱର,୧୩।୦୧ (ନି.ପ୍ର): ଓଡ଼ିଶାର ବିଶିଷ୍ଟ ସମାଜସେବୀ ପଦ୍ମଶ୍ରୀ ଡି.ପ୍ରକାଶ ରାଓଙ୍କ ଦେହାବସାନରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ ଟ୍ୱିଟ କରି କହିଛନ୍ତି – ଓଡ଼ିଶାର ବିଶିଷ୍ଟ ସମାଜସେବୀ ପଦ୍ମଶ୍ରୀ ଡି.ପ୍ରକାଶ ରାଓଙ୍କ ଦେହାବସାନ ହେବା ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ସେ ସମାଜର ଅବହେଳିତ ଲୋକଙ୍କ ବିକାଶ ପାଇଁ ଉତ୍ସର୍ଗୀକୃତ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସମାଜିକ କାର୍ଯ୍ୟ ବିଷୟରେ ଅବଗତ ଥିଲେ ଓ ୨୦୧୮ ରେ ତାଙ୍କ କଟକ ଗସ୍ତ ସମୟରେ ବିଶେଷ ଭାବରେ ପ୍ରକାଶ ବାବୁଙ୍କୁ ଆମନ୍ତ୍ରିତ କରି ତାଙ୍କ ସହ ଆଲୋଚନା କରିଥିଲେ । ସ୍ୱର୍ଗତ ପ୍ରକାଶ ରାଓ ସଦାସର୍ବଦା ଓଡ଼ିଆଙ୍କ ପାଇଁ ପ୍ରେରଣା ହୋଇ ରହିବେ । ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କ ଅମର ଆତ୍ମାର ସଦଗତି କାମନା କରୁଛି ବୋଲି ସେ କହିଛନ୍ତି ।

## ଡି. ପ୍ରକାଶ ରାଓ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ରହିବେ: ମୋଦି



ଭୁବନେଶ୍ୱର,୧୩।୦୧ (ନି.ପ୍ର): ସମାଜସେବୀ ଡି. ପ୍ରକାଶ ରାଓଙ୍କ ବିୟୋଗରେ ଶୋକ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରକାଶ ରାଓଙ୍କ ସହ ତାଙ୍କର ଏକ ଫଟୋ ପୋଷ୍ଟ କରି ମୋଦି ଲେଖିଛନ୍ତି, ପ୍ରକାଶ ରାଓଙ୍କ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ରହିବ। ସଶକ୍ତୀକରଣ ପାଇଁ ଶିକ୍ଷା ଏକ ବଡ଼ ମାଧ୍ୟମ ଭାବେ ସେ ଦେଖୁଥିଲେ। ତାଙ୍କ ସହ କଟକରେ ଦେଖା ବେଳର ସ୍ମୃତି ଏବେ ବି ମନେପଡ଼େ। ଟ୍ୱିଟ୍ କରି ପରିବାର ଓ ପରିଜନଙ୍କୁ ସମବେଦନା ଜଣାଇଲେ ପ୍ରଧାନମନ୍ତ୍ରୀ। ଆଗକୁ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ନିର୍ବାଚନ ଆସୁଥିବାରୁ ଅପରାଜିତା ଅନ୍ନପୂର୍ଣ୍ଣା ରଣନୀତି ଆପଣେଇଥିବା ଚର୍ଚ୍ଚା ହେଲା।

▶▶ପୃଷ୍ଠା ୭

## ଫସଲ ବୀମା ଯୋଜନା : ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଦିଲ୍ଲୀ,୧୩।୦୧ (ନି.ପ୍ର): ପ୍ରଧାନମନ୍ତ୍ରୀ ଫସଲ ବୀମାଯୋଜନା ପ୍ରଣୟନର ୫ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଏହି ଯୋଜନାର ସମସ୍ତ ହିତାଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏକକାଳୀନ ଅନେକ ଟ୍ୱିଟ୍ ଜରିଆରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, କୃଷକମାନଙ୍କ କଠିନ ପରିଶ୍ରମର ଫଳକୁ ଅପ୍ରତ୍ୟାଶିତ ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ଦେବା ପାଇଁ ପ୍ରଣୀତ ହୋଇଥିବା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଆଜି ୫ବର୍ଷ ପୂର୍ଣ୍ଣ କରିଛି । କୃଷକମାନଙ୍କୁ ବିପୁଳ ଭାବରେ ଲାଭବାନ କରିବା, ଯୋଜନାରେ ସ୍ୱଚ୍ଛତା ରକ୍ଷା ଓ କୃଷକମାନଙ୍କର ଦାବିଗୁଡ଼ିକ ସମାଧାନ ଆଦି ବିଭିନ୍ନ ପ୍ରସଙ୍ଗରେ ମନରେ ଉଠୁଥିବା ବିଭିନ୍ନ ପ୍ରଶ୍ନର ଉତର ଏବଂ 'ନମୋ ଆପ'ର ଗୁରୁତ୍ୱପୂର୍ଣ୍ଣ ଭୂମିକାର ବର୍ଣ୍ଣନା ଆଦି ଏହି ଟ୍ୱିଟ୍ରେ ସ୍ଥାନ ପାଇଛି ।

## ବାଲେଶ୍ୱରରେ ପହଞ୍ଚିଲା କୋଭିଡ-୧୯ ଭେକ୍ସିନ

### ୧୬ ତାରିଖରୁ ୫ଟି କେନ୍ଦ୍ରରେ ଟିକାକରଣ ଆରମ୍ଭ, ପ୍ରଥମ ଦିନରେ ୫୦୦ ସ୍ୱାସ୍ଥ୍ୟକର୍ମୀ ନେବେ କରେନା ଟିକା

ବାଲେଶ୍ୱର,୧୩।୦୧ (ନି.ପ୍ର): ପୂର୍ବ ଘୋଷଣା ଅନୁଯାୟୀ ଆସନ୍ତା ୧୬ ତାରିଖରୁ ସମଗ୍ର ଦେଶରେ କରୋନା ଆରମ୍ଭ ହେଉଛି ପ୍ରଥମ ପର୍ଯ୍ୟାୟ ଟିକାକରଣ କାର୍ଯ୍ୟ। ଅ ଏହି ପରିପ୍ରେକ୍ଷୀରେ ପ୍ରଥମ ପର୍ଯ୍ୟାୟ ଟିକାକରଣ ପାଇଁ ବାଲେଶ୍ୱରରେ ବୁଧବାର ସଂଧ୍ୟାରେ କୋଭିଡ୍ ଭେକ୍ସିନ ପହଞ୍ଚିଛି। ପୁନେର 'ସିରମ୍ ଇନଷ୍ଟିଚ୍ୟୁଟ' ଦ୍ୱାରା ପ୍ରସ୍ତୁତ 'କୋଭିସିଲ୍ଡ ଭେକ୍ସିନ୍' ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ଗାଡ଼ିରେ ବାଲେଶ୍ୱର ମୁଖ୍ୟଚିକିତ୍ସାଳୟ ସ୍ଥିତି ଭେକ୍ସିନ ସେଣ୍ଟରରେ ପହଞ୍ଚିଥିଲା। ପ୍ରଥମ ପର୍ଯ୍ୟାୟ ଟିକାକରଣ




ପାଇଁ ଏଥିରେ ମୋଟ ୮ହଜାର ୪୦୦ ଡୋଜ୍ ଭେକ୍ସିନ୍ ଆସିଥିବା ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳ ସେନ ଜଗଦେବ ସୂଚନା ଦେଇଛନ୍ତି। ତନ୍ମଧ୍ୟରୁ ୭ ହଜାର ୬ଶହ ଡୋଜ୍ ବ୍ୟବହାରଯୋଗ୍ୟ ହେବ ବୋଲି ସେ କହିଛନ୍ତି। ଏନେଇ ଜିଲାରେ ଟିକାକରଣ ପାଇଁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା, ନୀଳଗିରି ଉପଖଣ୍ଡ ଡାକ୍ତରଖାନା, ରୂପସା, ରେମୁଣା ଓ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଭୃତି ୫ ଗୋଟି ସେଣ୍ଟର ହୋଇଛି। ପ୍ରଥମ ଦିନ ପ୍ରତ୍ୟେକ ସେଣ୍ଟରରେ ୧୦୦ ଜଣ ଲେଖାଏଁ ସ୍ୱାସ୍ଥ୍ୟକର୍ମୀଙ୍କୁ ଏହି ଟିକା ଦିଆଯିବ। ପ୍ରଥମ ପର୍ଯ୍ୟାୟ ଟିକାକରଣ କାର୍ଯ୍ୟକ୍ରମ ୧୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ ବୋଲି ସିଡିଏମଓ ଡାକ୍ତର ଜଗଦେବ କହିଛନ୍ତି। ପ୍ରଥମ ପର୍ଯ୍ୟାୟର ଟିକାକରଣ ପାଇଁ ମୋଟ ୧୩ ହଜାର ୬ଶହ ସ୍ୱାସ୍ଥ୍ୟକର୍ମୀ ଚିହ୍ନଟ ହୋଇଥବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଭେକ୍ସିନ୍ ଆସିଲେ ଏହି ଟାର୍ଗେଟ ପୂର୍ଣ୍ଣ ହେବା ସହ ପୁଲିସ ଓ କୋଭିଡ ପରିଚାଳନାରେ ନିୟୋଜିତ ଅନ୍ୟାନ୍ୟ ସରକାରୀ କର୍ମଚାରୀଙ୍କୁ ମଧ୍ୟ ଏହି ଟିକା ପ୍ରଦାନ କରାଯିବ। ତେବେ ସାଧାରଣ ଲୋକଙ୍କ ପାଇଁ ଟିକା ପହଞ୍ଚିବାକୁ ଏକମାସରୁ ଊର୍ଦ୍ଧ୍ୱ ସମୟ ଲାଗିବ ବୋଲି ଅନୁମାନ କରାଯାଇଛି। ଜିଲାରେ ଏହି ଟିକାକରଣ ସମ୍ପୂର୍ଣ୍ଣ ହେବାକୁ ଦୁଇବର୍ଷରୁ ଅଧିକ ସମୟ ଲାଗିପାରେ ବୋଲି ସିଡିଏମଓ ଡାକ୍ତର ଜଗଦେବ ଆଶ ପ୍ରକଟ କରିଛନ୍ତି।

## ଅଯୋଧାରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ଭୁବନେଶ୍ୱରରେ ନିଧି ସମର୍ପଣ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ

ଭୁବନେଶ୍ୱର,୧୩।୦୧ (ନି.ପ୍ର): ୪୯୦ ବର୍ଷର ସଂଘର୍ଷ ପରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଶ୍ରୀରାମଜନ୍ମ ଭୂମିରେ ଭଗବାନ ରାମଙ୍କ ଭବ୍ୟ ମନ୍ଦିର ନିର୍ମାଣ ହେବାକୁ ଯାଉଅଛି । ରାଷ୍ଟ୍ରୀୟ ମର୍ଯ୍ୟାଦାର ପ୍ରତୀକ ଏହି ମନ୍ଦିର ୨୦୨୪ ମସିହା ଶେଷ ସୁଦ୍ଧା ନିର୍ମାଣ ହୋଇଯିବ । ମନ୍ଦିର ନିର୍ମାଣ ପାଇଁ ସମାଜର ରାମଭକ୍ତମାନେ ଶ୍ରୀରାମ ଜନ୍ମଭୂମି ମନ୍ଦିର ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ମୁକ୍ତ ହସ୍ତରେ ନିଧି ସମର୍ପଣ କରିବାକୁ ଆଗେଇ ଆସିଛନ୍ତି । ଏହି ଅବସରରେ ଆଜି ଭୁବନେଶ୍ୱରର ଖାରବେଳ ନଗର,ୟୁନିଟ-୩ ସ୍ଥିତ ଶ୍ରୀରାମ ମନ୍ଦିରରେ ଅଯୋଧାରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ନିଧି ସମର୍ପଣ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ ହୋଇ ଯାଇଛି । ଭୁବହନେଶ୍ୱର ମହାନଗରରେ ଜାନୁୟାରୀ ୧୫ ତାରିଖରୁ ଜାନୁୟାରୀ ୩୦ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ। ଭୁବନେଶ୍ୱରର ୧୪୭ଟି ବସତିରେ ପ୍ରାୟ ୩୦୦୦ କାର୍ଯ୍ୟକର୍ତ୍ତା ୨.୫ ପରିବାରକୁ ନିଧି ସଂଗ୍ରହ ଓ ସଂପର୍କ ଅଭିଯାନରେ ଯିବେ ବୋଲି ସମିତିର ମହାନଗର ସଂଯୋଜକ ଶ୍ରୀ ଜୟକୃଷ୍ଣ ପୃଷ୍ଟି ପ୍ରକାଶ କରିଛନ୍ତି । ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ନିଧି ସମର୍ପଣ ସମିତି, ଓଡିଶାର ସମ୍ପାଦକ ଶ୍ରୀ ଗୋପାଳ ପ୍ରସାଦ ମହାପାତ୍ର, ଭୁବନେଶ୍ୱର ମହାନଗର ମାର୍ଗଦର୍ଶକ ମଣ୍ଡଳିର ସ୍ୱାମୀ ବିଶେଷ ଚୈତନ୍ୟ ମହାରାଜ, ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ବଳିଆବାବା ମଠର ମଦନ ମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ବାବା ଲଙ୍କେଶ୍ୱର ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ

## ଉଦ୍ଘାଟନୀ ଦିବସରେ ଡିଆରକେ ବାରିପଦା ବିଜୟୀ



ଖଇରା,୧୩।୧ (ନି.ପ୍ର): ଖଇରା ବ୍ଲକ ବାବା ଲଙ୍କେଶ୍ୱର ଟୁର୍ଣ୍ଣାମେଣ୍ଟ ଆଜି ଗଣ୍ଡିବେଡ ହାଇସ୍କୁଲ ପଡିଆରେ ଠାରୁ ଉଦ୍ଘାଟିତ ହୋଇଛି । ଏହି ଆନ୍ତରାଜ୍ୟ ଟୁର୍ଣ୍ଣାମେଣ୍ଟର ଉଦ୍ଘାଟନି ଉତ୍ସବରେ ମୁଖ୍ୟ ଅତିଥି ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ,ଶ୍ୟାମସୁନ୍ଦରପୁର ପଞ୍ଚାୟତର ସରପଞ୍ଚ ଶୁଶାନ୍ତ ମହାକୁଡ ,ଲଙ୍କେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟର ସଭାପତି ଅଭିମନ୍ୟୁ ରାଉଳ ,ସେକ୍ରେଟେରୀ ଗିରିଜା ଶଙ୍କର ଦାସ ଉପସ୍ଥିତ ଥିଲେ । ଆଜିର ମ୍ୟାଚରେ ସୂର୍ଯ୍ୟଶିକ୍ଷା କ୍ରିକେଟ କ୍ଲବ ଓ ଡିଆରକେ ବାରିପଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟସ ଜିତି ସୂର୍ଯ୍ୟଶିକ୍ଷା ବେଟିଙ୍ଗ ନିଷ୍ପତି ନେଇ ୨୦ ଓଭରରେ ୮ ୱିକେଟ ହରାଇ ୧୭୯ ରନ ସଂଗ୍ରହ କରିଥିଲେ । ଏହାର ଜବାବରେ ଡିଆରକେ ବାରିପଦା ୧୮ଓଭର୨ବଲରେ ୬ ୱିକେଟ ହରାଇ ୧୮୪ ରନ ସଂଗ୍ରହ କରିଥିଲା । ସୂର୍ଯ୍ୟଶିକ୍ଷା କ୍ରିକେଟ କ୍ଲବରେ ଖେଳାଳୀ ଶୁଭମ ସତ୍ୟଜିତ ୨୮ବଲରେ ୫୬ରନ ଓ ୨୮ରନ ଦେଇ ୩ ୱିକେଟ ସଂଗ୍ରହ କରିଥିବାରୁ ତାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଓ ଆଦିତ୍ୟ ବାସା ୨୩ ବଲରୁ ୫୩ରନ ସଂଗ୍ରହ କରିଥିଲେ ଯେଉଁଥିରେ ୬ଟି ଛକା ଓ ଗୋଟିଏ ବିସ୍ଫୋରକ ଚୌକା ମାରି ଦୃତ୍ତ ଅର୍ଦ୍ଧଶତକ ହାସଲ କରି ମ୍ୟାଚର ଗତିକୁ ପରିବର୍ତ୍ତନ କରିଦେଇଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ଆଜିର ଖେଳରେ ଅମ୍ପେୟାର ହିସାବରେ ଲଲାଟ କେଶରୀ ନନ୍ଦ ଓ ଯଜାତୀ କେଶରୀ ମହାପାତ୍ର ମ୍ୟାଚକୁ ପରିଚାଳନା କରିଥିଲେ । ଭାଷ୍ୟକାର ସମ୍ଭୁନାଥ ଯେନା ,ସ୍କୋରର କିରଣ ଶତପଥି,କମଳା କାନ୍ତ ବେହେରା ,ଜନ୍ମଜୟ ମହାକୁଡ ଥିବାବେଳେ ଉମାକାନ୍ତ ଗିରି,ପ୍ରହଲ୍ଲାଦ ଯେନା ,ବିକ୍ରମ ଦାସ,ଟିଟନ ବୁଗୁଡାଇ,ରମେଶ ବୁଗୁଡେଇ ପ୍ରମୁଖ ପରିଚାଳନା କରିଥିଲେ ।

# ଏକଲବ୍ୟ ବିଦ୍ୟାଳୟ ନିର୍ମାଣ ନେଇ ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଖଣ୍ଡିଗୁଡା ଗ୍ରାମବାସୀ

ଜୟପୁର,୧୩।୧ (ନି.ପ୍ର): ଅନୁସୁଚିତ ଜାତି ଓ ଜନ ଜାତୀ ବିଭାଗ ତରଫରୁ ପ୍ରତି ବ୍ଲକରେ ଗୋଟିଏ ଲେଖାଁଏ ଏକଲବ୍ୟ ବିଦ୍ୟାଳୟ ନର୍ମାଣ ପାଇଁ ଯୋଜନା ରହିଛି । ଆଜି ବୋରିଗୁମ୍ମାର ବ୍ଲକ ଆଉଲି ପଂଚାୟତର ଖଣ୍ଡିଗୁଡା ଗ୍ରାମର ଶହ ଶହ ଗ୍ରାମବାସୀ ଜୟପୁର ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଗ୍ରାମରେ ଉଚ୍ଚ ବିଦ୍ୟାଳୟ ନଥିବା ବେଳେ ଦୀର୍ଘ ବର୍ଷ ଧରି ଗ୍ରାମର ପିଲା ମାନଙ୍କ ପାଠ ପଢା ବାଧାପ୍ରାପ୍ତ ହୋଇଛି । ତେଣୁ ଖଣ୍ଡିଗୁଡା ଗ୍ରାମରେ ଏକଲବ୍ୟ ବିଦ୍ୟାଳୟ ନିର୍ମାଣ ହେଉ ବୋଲି ଯିଦ ଧରି ବସିଛନ୍ତି ଗ୍ରାମବାସୀ । ଏନେଇ ଏକ ଦାବି ପତ୍ର ଉପ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ପ୍ରଶାସନର ଲିଖିତ ପ୍ରତିଶ୍ରୁତି ନମିଳିବା ଯାଏ ଏହି ଲଢେଇ ଜାରି ରହିବ ବୋଲି କହିଛନ୍ତି ଗ୍ରାମବାସୀ । ସେପଟେ କିଛି ଦଲାଲା ଉଚ୍ଚ ପଦସ୍ଥ ପ୍ରଶାସନିକ ଅଧିକାରି ସହ ସଲା ସୁତୁରା କରି ଏହି ବିଦ୍ୟାଳୟ ଅନ୍ୟତ୍ର ନିର୍ମାଣ ନେଇ ଷଡଯନ୍ତ୍ ହେଉଥିବା ନେଇ ଅଭିଯୋଗ ହୋଇଛି । ବୋରିଗୁମ୍ମା ବ୍ଲକର ଖଣ୍ଡିଗୁଡା ଠାରେ ୨୦.୪୮ ଏକର ଜାଗା ଚିହ୍ନଟ ହୋଇଛି । ଟେଣ୍ଡର ମଧ୍ୟ ସରିଛି । ୨ ଥର ଠିକା ସଂସ୍ଥା ଓ ବିଭାଗୀୟ ଅଧିକାରି ଜାଗା ନିରୀକ୍ଷଣ କରିଥିଲେ । ହେଲେ ୧ ବର୍ଷ ବିତି ଯାଇଥିଲେ ବି ଆରମ୍ଭ ହୋଇପାରି ନାହିଁ ନିର୍ମାଣ କାର୍ଯ୍ୟ । ସେ ପଟେ ଦିର୍ଘ ୯ ମାସ ଧରି ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଯାଏ ଅନେକ ଥର ଏହି ବିଦୟାଳୟର ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ନେଇ ଖଣ୍ଡିଗୁଡା ଗ୍ରାମବାସୀ ଲିଖିତ ଭାବେ ଦାବୀ କରିଛନ୍ତି । ଏସବୁ ସତ୍ୱେ ମଧ୍ୟ ପ୍ରଶାସନ ଚୁପ ରହିଛି । ଦୀର୍ଘ ୯ ମାସ ଧରି ଖଣ୍ଡିଗୁଡା ଗ୍ରାମବାସୀ ନିଜର ସଂଘର୍ଷ ଜାରି ରଖିଛନ୍ତି । ଖଣ୍ଡିଗୁଡା ମୌଜାରେ ଥିବା ୨୦ ଏକରରୁ ଉର୍ଦ୍ଧ ସରକାରୀ ଉନ୍ନୟନ ଯୋଜନା ଯୋଗ୍ୟ ଜାଗାରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ନିର୍ମାଣ ପ୍ରକ୍ରିଆ ଆରମ୍ଭ ହୋଇ ସାରିଥିଲା । କିନ୍ତୁ ପରବର୍ତୀ ସମୟରେ ଜାଗା ଚିହ୍ନଟର ପ୍ରଥମ ପର୍ଯ୍ୟାୟରେ ଉକ୍ତ ସ୍ଥାନରେ ୨୦ ଏକର ରୁ ଅଧକ ସରକାରୀ ଜାଗା ଥିବା ସତ୍ୱେ କେବଳ ୧୩ ଏକର ଜାଗା ଥିବା ତଥ୍ୟ ଦେଖାଇ ବିଦ୍ୟାଳୟ ନିର୍ମାଣ ନିମନ୍ତେ ଆବଶ୍ୟକ ୧୫ ଏକର ଜାଗା ନଥିବା ତଥ୍ୟ ଦେଇ ଉକ୍ତ ବିଦ୍ୟାଳୟ କୁ ଅଳା ଗ୍ରାମର ଏକ ଗୋଚର ଜାଗାରେ ନିର୍ମାଣ କରିବାର ଯୋଜନା କରାଯାଉଛି । ଖଣ୍ଡିଗୁଡା ଅଂଚଳର ଜିଲାର ଶେଷ ହୋଇଥିବା ବେଳେ ଆଦିବାସୀ ପରିବାର ବସବାସ କରନ୍ତି । ଏହି ଅଂଚଳର ଅଧିକାଂଶ ଛାତ୍ର ଛାତ୍ରୀ ପ୍ରଥମିକ ଶିକ୍ଷା ପରେ ଶିକ୍ଷା ଗ୍ରହଣ କରିବାରୁ ବଂଚିତ ହେଉଛନ୍ତି । ତେଣୁ ଏହି ବିଦ୍ୟାଳୟ ଖଣ୍ଡିଗୁଡାରେ ସ୍ଥାପନ କଲେ ବୋରିଗୁମ୍ମା ବ୍ଲକର ଅନ୍ତର୍ଗତ ଶିକ୍ଷା କ୍ଷେତ୍ରରେ ସବୁ ଠାରୁ ପଛୁଆ ଥିବା ଆଉଁଲି ଓ ଜୁଝାରି ପଂଚାୟତର ସମସ୍ତ ଗରିବ ଅଦିବାସି ଛାତ୍ର ଛାତ୍ରୀ ଉକ୍ତ ବିଦ୍ୟାଳୟର ପ୍ରଭାବରେ ଆସି ଉଚ୍ଚ ଶିକ୍ଷା ଗ୍ରହଣ କରିବା ନିମନ୍ତେ ଆଗ୍ରହ ପ୍ରକାଶ କରିଥାନ୍ତେ ବୋଲି ଓାର୍ଡ ମେମ୍ବର ଡାଲିମ୍ବ ହରିଜନ, ଦେବ ଜାନି ପ୍ରମୁଖ ଦାବୀ କରିଛନ୍ତି ।

## ଚୋରା ଚାଲାଣ ସମୟରେ ଲୁହାପଥର ବୋଝେଇ ଟ୍ରକ ଜବତ

କେନ୍ଦୁଝର,୧୩।୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ବାମେବାରୀ ସେକ୍ସନର ନୟାଗଡ ଖେସରା ଜଙ୍ଗଲ ରାସ୍ତାରେ ଚୋରାରେ ଲୁହାପଥର ଚାଲାଣ ହେଉଥିବା ସମୟରେ ବନ ବିଭାଗ ପକ୍ଷରୁ ଏକ ଟ୍ରକ ସହ ୩୫ ଟନ ଲୁହାପଥର ଜବତ କରାଯାଇଛି । କେନ୍ଦୁଝର ଡିଏଫଓ ସ୍ୱୟମ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଏସିଏଫ୍ ଅଜୟ କୁମାର ସାହୁଙ୍କ ତତ୍ୱାବଧାନରେ ସୋମବାର ରାତି ପ୍ରାୟ ୧ଟା ସମୟରେ ନୟାଗଡ ଖେସରା ଜଙ୍ଗଲରେ ବନ ବିଭାଗ ଅଚାନକ ଚଢାଉ କରିଥିଲେ । ଅନ୍ଧକାରର ସୁଯୋଗ ନେଇ ଡ୍ରାଇଭର ଏବଂ ମାଫିଆମାନେ ଫେରାର ହୋଇ ଯାଇଥିଲେ ମଧ୍ୟ ଚୋରା ଲୁହାପଥର ଚାଲାଣ କରୁଥିବା ୧୨ ଚକିଆ ଟ୍ରକ ନଂ ଓଡି ୧୫-ଏଲ-୦୩୮୬ କୁ ଜବତ କରିବା ସହ ଏଥିରେ ଥିବା ୨୦ଟନ ସାଇଜ ଆଇରନ ଓର ଜବତ କରିଛନ୍ତି ।

# ଜାତୀୟ ଯୁବ ଦିବସରେ ରାଜ୍ୟ ଯୁବକଲ୍ୟାଣ ପରିଷଦ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର,୧୩।୧ (ନି.ପ୍ର): ସ୍ୱାମୀ ବିବେକାନନ୍ଦଙ୍କ ୧୫୮ତମ ଜୟନ୍ତୀ ଏବଂ ଜାତୀୟ ଯୁବ ଦିବସ ଉପଲକ୍ଷେ ରାଜ୍ୟ ଯୁବକଲ୍ୟାଣ ପରିଷଦ ଏବଂ ରାଜ୍ୟ ରକ୍ତ ସଂଚାଳନ ପରିଷଦର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଜୁ ପଟ୍ଟନାୟକ ରାଜ୍ୟ ଯୁବକଲ୍ୟାଣ ଭବନ ପରିସରରେ ଆୟୋଜିତ ଏହି ଶିବିରକୁ ଇଲେକ୍ଟ୍ରୋନିକ୍ସ, ସୂଚନାପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବକଲ୍ୟାଣ ପରିଷଦର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଶ୍ରୀ ବିଜୟ କୁମାର ନାୟକ, ହକି ପ୍ରମୋସନ କାଉନ୍ସିଲର ଅଧ୍ୟକ୍ଷ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଡ. ମିନତୀ ବେହେରା, କ୍ରୀଡ଼ା ବିଭାଗ ଉପଶାସନ ସଚିବ ଶ୍ରୀ ବିଜୟାନନ୍ଦ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଶିବିରରେ ମୋଟ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ।

# କେନ୍ଦୁପତ୍ର ତୋଳାଳୀ ଓ ଶ୍ରମିକଙ୍କୁ ମୁଖ୍ୟମନ୍ତ୍ରୀଙ୍କ 'ଲଲିପପ୍' : ପ୍ରଦୀପ ପୁରୋହିତ

ଭୁବନେଶ୍ୱର,୧୩।୧ (ନି.ପ୍ର): ଗତକାଲି ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳୀ ଶ୍ରମିକମାନଙ୍କ ଲାଗି ବୋନସ୍ ଘୋଷଣା କରି ଏକ 'ଲଲିପପ୍' ଧରାଇ ଦେଇଛନ୍ତି ବୋଲି ପୂର୍ବତନ ବିଧାୟକ ତଥା କେନ୍ଦୁପତ୍ର ଶ୍ରମିକ ନେତା ଶ୍ରୀ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ କେନ୍ଦୁପତ୍ର ତୋଳାଳୀ, ଗୁଛା କଟାଳି, ବନ୍ଧେଇ ଶ୍ରମିକ, ସିଜିନାଲ କର୍ମଚାରୀଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ରାଜ୍ୟସରକାର ଚଳିତ ବର୍ଷ କେନ୍ଦୁପତ୍ର ସଂସ୍ଥାରୁ ୪୦୦ କୋଟି ଲାଭ ପାଇଛନ୍ତି ଏବଂ ବର୍ତମାନ ଗଚ୍ଛିତ ଥିବା ପତ୍ର ବିକ୍ରି ହେଲେ ଆଉ ୧୫୦ କୋଟି ଟଙ୍କା ସରକାର ଲାଭ ପାଇବାକୁ ଯାଉଛନ୍ତି । କେନ୍ଦ୍ର ସରକାର ପେସା ଆଇନ ଲାଗୁ ହେବା ପରେ ଜଙ୍ଗଲ ଜାତ ଦ୍ରବ୍ୟର ଅଧିକାର ପେସା ଆଇନ ଅନୁଯାୟୀ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ଆଦିବାସୀ ପରିବାର ସଂପୂର୍ଣ୍ଣ ଅଧିକାର ଥିବା ସତ୍ୱେ ରାଜ୍ୟସରକାର ଲାଭାଂଶର ଶତ ପ୍ରତିଶତ ବୋନସ ଦେବା ପରିବର୍ତେ ମୁଖ୍ୟମନ୍ତ୍ରୀ ତୋଳାଳୀ ଓ ଶ୍ରମିକମାନଙ୍କୁ ମାତ୍ର ୯୨.୩୭ କୋଟି ଟଙ୍କା ବୋନସ ଦେବା ଘୋଷଣା କରିବା ଅତ୍ୟନ୍ତ ହାସ୍ୟାସ୍ପଦ । ଦେଶର କେନ୍ଦୁପତ୍ର ଉତ୍ପାଦିତ ହେଉଥିବା ଅନ୍ୟ ରାଜ୍ୟ ସରକାରମାନେ କେନ୍ଦୁପତ୍ର ଲାଭାଂଶରୁ ଶତପ୍ରତିଶତ ବୋନସ ଦେଉଥିବାବେଳେ ଓଡିଶା ସରକାର କେନ୍ଦୁପତ୍ର ଲାଭାଂଶର ଅର୍ଥକୁ ନିଜ ରାଜକୋଷରେ ରଖି ଅନ୍ୟ ଦିଗରେ ଖର୍ଚ୍ଚ କରିବା କେତେ ଦୂର ଯୁକ୍ତିଯୁକ୍ତ ବୋଲି ଶ୍ରୀ ପୁରୋହିତ ମତପୋଷଣ କରିଛନ୍ତି । କେନ୍ଦୁପତ୍ର ତୋଳାଳୀମାନେ ମୃତ୍ୟୁ ବରଣ କଲେ ୨ ଲକ୍ଷ ଟଙ୍କା କିମ୍ବା କୌଣସି କାରଣରୁ ଅକର୍ମଣ୍ୟ ହେଲେ 'ଶ୍ରମିକ ମଙ୍ଗଳ ପାଣ୍ଠି' ରୁ ୧ ଲକ୍ଷ ଟଙ୍କା ଓ ଘୋଷଣା କରିଥିବା ୪୦ ହଜାର ପତ୍ରର ମାନଦଣ୍ଡ ରାଜ୍ୟ ସରକାର ସ୍ଥିର କରିଥିବାରୁ ଓଡିଶାରେ ଥିବା ପାଖାପାଖି ୮ ଲକ୍ଷ କେନ୍ଦୁପତ୍ର ତୋଳାଳୀ ମାନଙ୍କ ଭିତରୁ ମାତ୍ର ୫୦ ହଜାର ତୋଳାଳୀ ଏଥିରେ ଯୋଗ୍ୟ ହେବେ ୭ ଲକ୍ଷରୁ ଉର୍ଦ୍ଧ୍ୱ ତୋଳାଳୀ ସରକାର ଘୋଷଣା କରିଥିବା ୨ ଲକ୍ଷ ଟଙ୍କା କିମ୍ବା ୧ ଲକ୍ଷ ଟଙ୍କା ପାଇବାରୁ ବଂଚିତ ହେବେ । କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ ୧୭ ହଜାର ସିଜିନାଲ କର୍ମଚାରୀଙ୍କ ବର୍ଦ୍ଧିତ ଦରମାର ୧୭ ମାସର ବର୍ଦ୍ଧିତ ଦରମା ଟଙ୍କା ସରକାର ଦେବା ପାଇଁ ଉନ୍ନୟନ ପରିଷଦର ନିଷ୍ପତି ନହେବା ଯୋଗୁଁ ସିଜିନାଲ କର୍ମଚାରୀଙ୍କ ଭିତରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ପ୍ରକୃତରେ ମୁଖ୍ୟମନ୍ତ୍ରୀ ଅଧକ୍ଷତାରେ ଗତକାଲି କେନ୍ଦୁପତ୍ର ଉନ୍ନୟନ ପରିଷଦର ଯାହା ପ୍ରସ୍ତାବ ପାରିତ ହୋଇଛି ତାହା ତୋଳାଳୀ ଓ ଶ୍ରମିକମାନଙ୍କ ପାଇଁ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ପୁରୋହିତ କହିଛନ୍ତି । ଆଗାମୀ ଦିନରେ ସରକାରଙ୍କ ଏହି ନିଷ୍ପତି ବିରୁଦ୍ଧରେ ସାରା ରାଜ୍ୟରେ କେନ୍ଦୁପତ୍ର ଶ୍ରମିକମାନଙ୍କ ବିରାଟ ଆନ୍ଦୋଳନ ହେବ ବୋଲି ସୂଚନା ଦେଇଛନ୍ତି ।

# କଣାସ ବ୍ଲକରେ ପ୍ରଥମ ଧାନମଣ୍ଡି ଉଦ୍ଘାଟିତ

କଣାସ,୧୩।୧ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀମାନଙ୍କ ପ୍ରଗତି ପାଇଁ ଯୋଜନା ପରେ ଯୋଜନା କରି ଚାଲିଥିବା ବେଳେ ଯୋଜନାଗୁଡିକୁ କାର୍ଯ୍ୟକାରୀ କରୁଥିବା ସରକାରୀ ଅଧିକାରୀମାନଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଚାଷୀମାନେଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲାରେ ବହୁଆଗରୁ ଧାନମଣ୍ଡି ଖୋଲି ଧାନସଂଗ୍ରହ କରୁଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକରେ ଗତକାଲି ପ୍ରଥମ ଧାନମଣ୍ଡି ଖୋଲାଯାଇଥିବା ଜଣାପଡିଛି । କଣାସ ଠାରେ ପ୍ରତିଷ୍ଠିତ ମା କୁଞ୍ଜେଶ୍ୱରୀ ସେବା ସମବାୟ ସମ୍ମିତି ପକ୍ଷରୁ ଧାନମଣ୍ଡିକୁ କଣାସ ବ୍ଲକ ଯୋଗାଣ ଅଧିକାରୀ ଅକ୍ଷୟ କୁମାର ସେଠୀ ଉଦଘାଟନ କରିଥିଲେ । ଏହି ଉଦଘାଟନ ଉତ୍ସବରେ ସମବାୟ ସମିତିର ସଭାପତି ସୁକାନ୍ତ କିଶୋର ସାମନ୍ତରାୟ, ଏରିଆ ଅଫିସର ଲିୟାକତ ଅଲି, ପୁରୀ -ନିମାପଡା ସମବାୟ ବ୍ୟାଙ୍କ ଲିଃ, କଣାସ ଶାଖା ପରିଚାଳକ ବିକାଶ ରଂଜନ ପରିଡା, କ୍ଷେତ୍ରରକ୍ଷକ ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ, ସଂପାଦକ ଧିରେନ୍ଦ୍ର କୁମାର ମାନସିଂହ, ସମିତି ପରିଚାଳନା କମିଟିର ସଭ୍ୟ ଶ୍ରୀକାନ୍ତ କୁମାର ପଟ୍ଟଯୋଷୀ, ଭାସ୍କର ସେଠି, ଦୁର୍ଯ୍ୟୋଧନ ଜେନା ଉପସ୍ଥିତ ରହିଥିଲେ । ୭ଜଣ ଚାଷୀଙ୍କ ଠାରୁ ଜଗନ୍ନାଥ ରାଇସ୍ ମିଲ୍ ର କର୍ମଚାରୀମାନେ ୨୧୮ କ୍ୱିଂଟାଲ ୩୭ କେଜି ଧାନ କ୍ରୟ କରିଥିଲେ । କ୍ୱିଂଟାଲ ପିଛା ୪ କେଜି ଧାନ କଟାଯାଉଥିବାରୁ ଚାଷୀମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି । ପ୍ରକାଶ ଥାଉକି ମା କୁଞ୍ଜେଶ୍ୱରୀ ସେବା ସମବାୟ ସମିତିରେ ୨୭୮ଜଣ ଚାଷୀ ୨୫ ହଜାର କ୍ୱିଂଟାଲରୁ ଉର୍ଦ୍ଧ୍ୱ ଧାନ ବିକିବା ପାଇଁ ଅନ୍‌ଲାଇନ୍‌ରେ ପଞ୍ଜିକରଣ କରିଥିବା ବେଳେ ରାଜ୍ୟ ସରକାର ୧୨ ଶହ କ୍ୱିଂଟାଲ ଧାନ କ୍ରୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଦୀର୍ଘ ୨ମାସ ହେଲା ଏଠାକାର ଦଲାଲ ମାନେ ଆନ୍ଧ୍ର ବେପାରୀଙ୍କୁ ଚାଷୀମାନଙ୍କ ଠାରୁ ଶାଗମାଛ ଦରରେ ଧାନକ୍ରୟ କରି ବିକ୍ରି କରୁଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷର ନିଆଁ ଜଳୁଛି । ଉକ୍ତ ସମବାୟ ସମିତିକୁ ଅଧିକ ଧାନ କିଣିବା ପାଇଁ ନିର୍ଦ୍ଦେଶ ଦେବାକୁ ଚାଷୀମାନେ ଦାବି କରିଛନ୍ତି ।

# ଜମଦ୍ୱାରର ସାମଗ୍ରୀକ ବିକାଶ ଓ ଉନ୍ନୟନ ନିମନ୍ତେ ଦାବି

ବାରିପଦା,୧୨ ଜାନୁୟାରୀ (ହି.ସ.)- ଶିମିଳିପାଳ ପର୍ବତମାଳା ମାନବ ଜାତିର ମଙ୍ଗଳ ନିମନ୍ତେ ପ୍ରକୃତିର ଏକ ମହାନ ଅବଦାନ । ପର୍ବତମାଳା ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟ ସୀମାର ମିଳନ ସ୍ଥଳରେ ଅବସ୍ଥିତ ହୋଇ ତିନି ରାଜ୍ୟ ତଥା ମଧ୍ୟ ଭାରତର ଏକ ବିସ୍ତୀର୍ଣ୍ଣ ଅଂଚଳରେ ପରିବେଶ ସୁରକ୍ଷା କରିବାରେ ବିଶେଷ ଭାବରେ ସହାୟକ ହୋଇ ପାରିଛି । ପ୍ରକୃତି ରାଣୀର ଏହି ମହାନ ସମ୍ପଦ ମୟୂରଭଞ୍ଜ ଜିଲ୍ଲାରେ ଅବସ୍ଥିତ ହୋଇଥିବାରୁ ଏହା ଜିଲ୍ଲାର ଏକ ଗର୍ବ । ପର୍ବତମାଳାଟି ମୟୂରଭଞ୍ଜ ଜିଲ୍ଲାର ମଧ୍ୟ ଭାଗରେ ଉତରରୁ ଦକ୍ଷିଣକୁ ଲମ୍ବି ଯାଇଥିବାରୁ ସମଗ୍ର ଜିଲ୍ଲାକୁ ଦୁଇ ଭାଗରେ ବିଭକ୍ତ କରିଅଛି । ଏହାର ପଶ୍ଚିମ ଭାଗରେ ପଂଚପୀଢ଼ ଓ ବାମନଘାଟି ଏବଂ ପୂର୍ବରେ ସଦର ମହକୁମା ବାରିପଦା ଓ କପ୍ତିପଦା ଏହିପରି ୪ ଗୋଟି ଉପଖଣ୍ଡ ରହିଅଛି । ପଶ୍ଚିମ ଭାଗରେ ରହିଥିବା ଶିମିଳିପାଳ ପର୍ବତମାଳାର ପାଦ ଦେଶ ତଥା ପାଂଚପୀଢ଼ ଉପଖଣ୍ଡ ଅଧୀନ ଠାକୁରମୁଣ୍ଡା ବ୍ଲକର ବରାଣ୍ଡିଆ ଗ୍ରାମ ପଂଚାୟତ ନିର୍ଶ୍ଚିନ୍ତପୁର ରାଜସ୍ୱ ମୌଜାରେ ରହିଛି ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏକ ପର୍ଯ୍ୟଟନ ସ୍ଥଳ ଜମଦ୍ୱାର । ଗୋଟାଏ ପାର୍ଶ୍ୱରେ ମୟୂରଭଞ୍ଜ ଜିଲ୍ଲା ଓ ଅପର ପାର୍ଶ୍ୱରେ ରହିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକର ମନୋହରପୁର ଓ ପଣତଡ଼ିହା ଆଦି ପଂଚାୟତ । ମଝିରେ ସୀମାରେଖା ଟାଣି ଦେଇଛି ବିସ୍ତୃତ ପାହାଡ଼ ଓ ଜଙ୍ଗଲ । ଉକ୍ତ ଜମଦ୍ୱାର ବିଷୟରେ ଜିଲ୍ଲାର ବହୁତ କମ ଲୋକ ଜାଣିଥିବା ବେଳେ ଏହାର ନାମ କରଣ କେଉଁ କାରଣରୁ ଜମଦ୍ୱାର ହୋଇଛି ସେ ସମ୍ପର୍କରେ କାହାକୁ ଜଣା ନାହିଁ । ଏହା ଏକ ଐତିହାସିକ ଓ ପୌରାଣିକ କିମ୍ବଦନ୍ତୀ ସହିତ ଜଡ଼ିତ । ନାଗରାଜ ବାସୁକୀଙ୍କ ଆସ୍ଥାନ ସହିତ ନାଗ ଓ ନାଗୁଣୀଙ୍କ ପ୍ରତିମା ଅନାଦୀ କାଳରୁ ପୂଜା ପାଇ ଆସୁଛନ୍ତି । ତେବେ ହଜାର ହଜାର ବର୍ଷ ପୂର୍ବେ ପ୍ରାକୃତିକ ଭାବେ ଶହ ଶହ ଭୟଙ୍କର ଓ ଆକର୍ଷଣୀୟ ଗୁମ୍ଫା ଥିବା ଏହି ବଣ ପାହାଡ଼ ଘେରା ଜଙ୍ଗଲରେ ଏହା ଅବସ୍ଥିତ । ଗୁମ୍ଫାର ଆରମ୍ଭ ଓ ଶେଷ କେଉଁଠି ସେ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ସୂଚନା କାହାକୁ ଜଣା ନ ଥିବା ବେଳେ ଭିତରକୁ ପ୍ରବେଶ କରୁଥିବା ବ୍ୟକ୍ତି ବାଟବଣା ହୋଇଥାନ୍ତି । ଏଥି ସହିତ ଅନ୍ଧାରିଆ ଗୁମ୍ଫା ଭିତରେ ବାଦୁଡ଼ିମାନଙ୍କର ଫଡ଼ ଫଡ଼ ଓ ଚେଁ ଚାଁ ଶବ୍ଦ ସାଙ୍ଗକୁ ବିଷଧର ସର୍ପମାନଙ୍କର ଫୁଙ୍କାର ଶୁଣିବାକୁ ମିଳିଥାଏ । ପୁଣି ଏହା ବିଶାଳକାୟ ଭାଲୁମାନଙ୍କର ଆଶ୍ରୟସ୍ଥଳ । ଏଣୁ ଏଠାରେ ଥିବା ଶହ ଶହ ଗୁମ୍ଫାଗୁଡ଼ିକ ଜନସାଧାରଣଙ୍କ ନିମନ୍ତେ ବିପଦର ସତର୍କ ଘଂଟା ସଦୃଶ୍ୟ ହୋଇଥିବାରୁ ଏହାର ନାମ କରଣ ଜମଦ୍ୱାର ହୋଇଥିବାର ମନେ କରାଯାଇ ପାରେ । ଅତୀତରେ ଅପରାହ୍ନ ୩ଟା ପରେ ଏହି ଅଂଚଳ ଜନ ଶୂନ୍ୟ ହୋଇ ପଡୁଥାଏ ଏବଂ ଜନସାଧାରଣଙ୍କ ଚଳାଚଳ ଓ ଗମନାଗମନ ବନ୍ଦ ହୋଇ ଯାଉଥାଏ । ଏଥି ସହିତ ପାଦ୍ରୀ ହତ୍ୟାମାମଲାରେ ମୁଖ୍ୟ ଅଭିଯୁକ୍ତ ଦାରା ସିଂ ଜମଦ୍ୱାରକୁ ନିଜର ଆତ୍ମା ଭାବେ ବାଛି ନେଇଥିବା ବିଷୟ ଜନସ୍ମୃତିରୁ ଜଣାଢ଼େ । ଠାକୁରମୁଣ୍ଡାଠାରୁ ମାତ୍ର ୧୫ କିଲୋମିଟର ଦୂରରେ ଥିବା ଜମଦ୍ୱାରର ଅବସ୍ଥିତି ୧୯୯୨ ମସିହାଠାରୁ ସମ୍ପୂର୍ଣ୍ଣ ଭାବେ ବଦଳି ଯାଇଛି । ମା ଦ୍ୱାରିକା ଠାକୁରାଣୀ ଏଠାରେ ପୂଜା ପାଇ ଆସୁଥିବା ବେଳେ ଭାଗିରଥୀ ନାଏକ ଠାକୁରାଣୀ ପୀଠରେ ମୁଖ୍ୟ ପୂଜକ ଭାବେ ଦାୟିତ୍ୱ ସମ୍ଭାଳି ଆସୁଛନ୍ତି । ଏଥି ସହିତ ଜମଦ୍ୱାର ପରିଚାଳନା କମିଟି ଗଠନ କରାଯାଇଥିବା ବେଳେ ଏଥିରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ନିକଟବର୍ତୀ ଗ୍ରାମଗୁଡ଼ିକରୁ ମୋଟ ୨୫ ଜଣ ସଦସ୍ୟ ରହିଛନ୍ତି । ପ୍ରତ୍ୟେକ ବର୍ଷ ଜାନୁଆରୀ ୧୪ଠାରୁ ୪ ଦିନ ଧରି ଧରି ଏଠାରେ ମକର ମେଳା ଆୟୋଜନ ହେବା ସାଙ୍ଗକୁ ବାଥୁଡ଼ି ସମ୍ପ୍ରଦାୟ ପକ୍ଷରୁ ସେମାନଙ୍କ ପାରମ୍ପରିକ ଚାଙ୍ଗୁ ନୃତ୍ୟ ୨ ଦିନ ଧରି ଅନୁଷ୍ଠିତ ହୋଇଆସୁଛି । ଉକ୍ତ ଚାଙ୍ଗୁ ନୃତ୍ୟ ସମାରୋହରେ ବିଶିଷ୍ଟ ଚାଙ୍ଗୁ ବାଦକମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଅଧିକ ରୁଦ୍ଧିମନ୍ତ କରାଇଥାନ୍ତି । କମିଟିରେ ଠାକୁରମୁଣ୍ଡା ବ୍ଲକ ନିର୍ଶ୍ଚିତପୁର ଗ୍ରାମର ବାବୁରାମ ତିଉଣିଆ ସଭାପତି ଓ ଗୋପବନ୍ଧୁ ନାଏକ ସମ୍ପାଦକ ଦାୟିତ୍ୱ ସମ୍ଭାଳି ଆସୁଥିବା ବେଳେ ଠାକୁରମୁଣ୍ଡା ବ୍ଲକର ନିକଟବର୍ତି ବରାଣ୍ଡିଆ, ଲକ୍ଷ୍ମୀପୋଷି, ସାରସପୋଷି, ନୂଆଗାଁ, ତାଳପଦା, ନିର୍ଶ୍ଚିତପୁର ଆଦି ଗ୍ରାମ ସହିତ କେନ୍ଦୁଝର ଜିଲ୍ଲାର ମନୋହରପୁର ଓ ପଣତଡିହା ପଂଚାୟତର ବିଭିନ୍ନ ଗ୍ରାମର ଜନସାଧାରଣ କମିଟିରେ କର୍ମକର୍ତା ଓ ସଦସ୍ୟ ରହିଛନ୍ତି । ସେହିପରି ଜମଦ୍ୱାରରେ ପ୍ରତ୍ୟକ୍ଷ ଠାକୁରାଣୀ ମା ଦ୍ୱାରିକା ବିରାଜମାନ ହୋଇଥିବାରୁ ପ୍ରତ୍ୟେକ ଦିନ ଶହ ଶହ ଭକ୍ତ ପୂଜାର୍ଚ୍ଚନା ସହିତ ନିଜର ମନସ୍କାମନା ନିମନ୍ତେ ଏଠାକୁ ଆସୁଥିବା ସମୟରେ ମୟୂରଭଞ୍ଜ ଜିଲ୍ଲା ସହିତ ଜିଲ୍ଲାବାହାରୁ ମଧ ଏଠାକୁ ମା ଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ଆସୁଥାନ୍ତି । ସେହିପରି ଡ଼ିସେମ୍ବର ୨୫, ନୂଆବର୍ଷ, ମକର ଆଦି ବିଭିନ୍ନ ପର୍ବପର୍ବାଣି ଆଦି ସମୟରେ ହଜାର ହଜାର ପର୍ଯ୍ୟଟକମାନଙ୍କର ଆଗମନ ହୋଇଥାଏ ।

## ମଣ୍ଡିରେ ଅନିୟମିତତା: ଟୋକନ୍ ମିଳୁ ନ ଥିବାରୁ ଚାଷୀ ଅସନ୍ତୋଷ

କଣାସ,୧୩।୧ (ନି.ପ୍ର): ରାଜ୍ୟ ସରକାର ଚାଷୀମାନଙ୍କୁ ସଠିକ୍ ଦରରେ ଧାନ ବିକ୍ରୟ କରିବା ପାଇଁ ପ୍ରତ୍ୟେକ ବ୍ଲକରେ ଧାନମଣ୍ଡିମାନ ଖୋଲୁଥିବା ଗଣମାଧ୍ୟମରେ ପ୍ରତ୍ୟେକ ଦିନ ଡେଙ୍ଗୁରା ପିଟୁଛନ୍ତି । କିନ୍ତୁ ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମପଚାଂୟତରେ ସ୍ଥାପିତ ତ୍ରିଲୋଚନପୁର ସେବା ସମବାୟ ସମ୍ମିତିକୁ ଧାନ କିଣିବା ପାଇଁ ଡିସେମ୍ବର ମାସରୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ସମବାୟ ସମିତିକୁ ୧୬ କୁଇଂଟାଲ ଧାନ କିଣିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି । ୨୩୨ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ଅନ୍‌ଲାଇନ ମାଧ୍ୟମରେ ନିଜର ନାମ ପଞ୍ଜିକରଣ କରିଥିବା ଜଣାପଡିଛି । ଗୋପାଳଜି ରାଇସ୍ ମିଲ୍(ଅରିଶଲ) ଉକ୍ତ ମଣ୍ଡିରୁ ଧାନ ନେବାପାଇଁ ନିର୍ଦ୍ଦେଶ ରହିଥିବା ଜଣାପାଡିଛି । କିନ୍ତୁ ୱେବସାଟ୍‌ରେ ପଞ୍ଜିକୃତ କରିଥିବା ଚାଷୀମାନଙ୍କ ନାମ ଆସୁନଥିବାରୁ ଚାଷୀମାନେ ଧାନ ବିକ୍ରୟ କରିପାରୁ ନାହାଁନ୍ତି । ଯାହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି ।

# ରେଡ଼କ୍ରସ୍ ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ

ଭୁବନେଶ୍ୱର,୧୩।୧ (ନି.ପ୍ର): ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଅବସରରେ ସ୍ଥାନୀୟ ରେଡ଼କ୍ରସ୍ ଭବନ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସଭାରେ ପ୍ରାକ୍ତନ ମହିଳା କମିଶନ ସଦସ୍ୟା ତଥା ସାମାଜିକ କର୍ମୀ ଶ୍ରୀମତୀ ନମ୍ରତା ଚଢା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ସେ ତାଙ୍କ ଅଭିଭାଷଣରେ ଯୁବକମାନଙ୍କ ପାଖରେ ଇଛା ଓ ଆଗ୍ରହ ଥିବା ସତ୍ୱେ ସଠିକ ଦିଗ୍‌ଦର୍ଶନ ମିଳୁନାହିଁ ଏବଂ ସେଥିପାଇଁ ସେମାନେ ଦିଗହରା ହେଉଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଆଜିର ସମାଜରେ ଅପରାଧ ତୁଳନାରେ ସାଇବର ଅପରାଧ ବଢୁଛି । ଯେହେତୁ ସେମାନଙ୍କ ପାଖରେ ସ୍ମାର୍ଟ ଫୋନ ରହିଛି, ସମସ୍ତେ ଅନ୍ ଲାଇନ୍ ବ୍ୟବସ୍ଥା ଉପରେ ସମସ୍ତେ ଅଭ୍ୟସ୍ତ । ରେଡକ୍ରସ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଆଜିର ଯୁବ ସମାଜ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରି ସତର୍କ ହୁଅନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ । ଓଡିଶା ରାଜ୍ୟ ଶାଖାର କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ ନିଜସ୍ୱ ଅଭିଭାଷଣରେ ରେଡ଼କ୍ରସ୍‌ର ସ୍ୱେଚ୍ଛାସେବୀ ଭାବେ ପରିଚିତ ହେବା ଆଜିର ସମାଜରେ ଏକ ଗର୍ବ ଓ ଗୌରବର ବିଷୟ ଭାବରେ ଗ୍ରହଣ କରି ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ତଥା ଯୁବପିଢୀମାନଙ୍କୁ ଗଳ୍ପ ମାଧ୍ୟମରେ ପ୍ରେରଣା ଦେଇଥିଲେ । ସମାଜସେବୀ ତଥା କଳାକାର ରୁଷି ପଟ୍ଟନାୟକ ଯୋଗ ଦେଇ ତାଙ୍କ ଅଭିଭାଷଣରେ ସୁଯୋଗ ନିମନ୍ତେ ଇଛାଶକ୍ତିର ତଥା ସକରାତ୍ମକ ଚିନ୍ତାଧାରାର ଆବଶ୍ୟକତା ସଂପର୍କରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ଯୁବ ରେଡ଼କ୍ରସ୍ ସ୍ୱେଚ୍ଛାସେବୀ, ଯୁବ ରେଡ଼କ୍ରସ୍ ପରାମର୍ଶଦାତା, ରେଡକ୍ରସ୍ ଓଡିଶା ରାଜ୍ୟ ଶାଖାର କର୍ମଚାରୀମାନେ ଯୋଗଦେଇଥିଲେ ।

# ନାବାଳକକୁ ଶିଶୁ ସୁରକ୍ଷା ୟୁନିଟକୁ ହସ୍ତାନ୍ତର

କୋରେଇ,୧୩।୧ (ନି.ପ୍ର): ପାଣିକୋଇଲି ପୁଲିସ ଏକ ନାବାଳକକୁ ଉଦ୍ଧାର କରି ଯାଜପୁର ଶିଶୁ ସୁରକ୍ଷା ୟୁନିଟକୁ ହସ୍ତାନ୍ତର କରିଛି । ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଂଚାୟତର କୁରୁପଦା ଗ୍ରାମରେ ଜଣେ ନାବାଳକ ରହିଥିବା କବର ପାଇଁ ଥାନାଧିକାରୀ ଚକ୍ରପତି କଅଁର ଏକ ଟିମ ଉଦ୍ଧାର ନିମନ୍ତେ ପଠାଇଥିଲେ । ପୁଲିସ ଟିମ ସେଠାରେ ପହଂଚି ନାବାଳକୁ ଉଦ୍ଧାର କରି ଥାନାକୁ ଆଣିବା ପରେ ଶିଶୁ ସୁରକ୍ଷା ୟୁନିଟକୁ ହସ୍ତାନ୍ତର କରିଛନ୍ତି । ନାବଳକ ଜରଙ୍କ ଘରୋଇ କଳହ ଯୋଗୁ ଘରୁ ରାଗି ପଳାଇ ଆସିଥବବା ପ୍ରକାଶ କରିଛି । ଅନୁଗୁଳ ଜିଲ୍ଲା ବାଲୁଘାଁ ଗ୍ରାମର ହରିହର(ଛଦ୍ମନାମ) ଘରୁ ଲୁଚିକି ପଳାଇଆସିଥବବା ପ୍ରକାଶ କରିଛି । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟକୁ ଥାନା ପକ୍ଷରୁ ଅବଗତ ପରେ ଶିଶୁ ସୁରକ୍ଷା ୟୁନିଟର ଏକ ଟିମ ଥାନାକୁ ଆସି ନାବାଳକୁ ନିଜ ହେପାଜତକୁ ନେଇଛି ।

# ଫିଆଟ ଲକ୍ସ କ୍ଲବର ପ୍ରଥମ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଂଟ୍ ଉଦ୍ଘାଟିତ

ନୀଳଗିରି,୧୩।୧ (ନି.ପ୍ର): ନୀଳଗିରି ର ବହୁ ପୁରାତନ ତଥା ଅଗ୍ରଣୀ ଫିଆଟ ଲକ୍ସ କ୍ଲବର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଂଟ୍ ମଙ୍ଗଳବାର ଦିନ ଉଦ୍ଘାଟିତ ହୋଇଯାଇଛି । ଉକ୍ତ କ୍ଲବ ବହୁ ବର୍ଷ ଧରି ମହୋତ୍ସବ ଆୟୋଜନ କରି ଆସୁଥିବା ବେଳେ ଚଳିତ ବର୍ଷ କୋଭିଡ୍ କଟକଣା ଯୋଗୁଁ ମହୋତ୍ସବ ବନ୍ଦ ରଖିଥିବା ବେଳେ ସରକାରଙ୍କ କୋଭିଡ ନୀତିନିୟମକୁ ମାନି କ୍ରିକେଟ ଟୁର୍ଣ୍ଣାମେଂଟ୍ ଆୟୋଜନ କରାଯାଇଛି । ଏହି ଟୁର୍ଣ୍ଣାମେଂଟ୍ ଦୀର୍ଘ ୧୨ ଦିନ ଧରି ନୀଳଗିରି କେସି ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ମିଳିଛି । ଉଦ୍ଘାଟନୀ ଦିବସରେ ନୀଳଗିରି ଉପଜିଲ୍ଲାପାଳ ହରିଶ୍ଚନ୍ଦ୍ର ଜେନା ମୁଖ୍ୟ ଅତିଥି ତଥା ଉଦ୍ଘାଟକ ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ । ପ୍ରିମିୟର ଲିଗ୍‌ରେ ମୋଟ ୬ଟି ଟିମ୍ ଅଂଶ ଗ୍ରହଣ କରିଥିବା ବେଳେ ଉଦ୍ଘାଟନୀ ମ୍ୟାଚ ମା'ବଡ଼କାଳିଆ ସହିତ ମା' ରାବାଣୀ ୱାରିୟର୍ସ ରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ମା' ବଡ଼କାଳିଆ ଟିମ୍ ବିଜୟୀ ହୋଇଛି । ଏହି ଅବସରରେ କ୍ଲବର ସଭାପତି ଉଦୟଜ୍ୟୋତି ମହାନ୍ତି, ସଂପାଦକ ସବ୍ୟସାଚୀ ମହାପାତ୍ର, ସହ-ସଂପାଦକ ଅଭିଶେକ ବେହେରା, ପୂର୍ବତନ ସଭାପତି ସୁରଞ୍ଜନ ମହାପାତ୍ର, ବରିଷ୍ଠ ସଦସ୍ୟ ରାଜେନ୍ଦ୍ର ଜେନା, ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । କୁମାର ରାୟ ଓ ସଂଜୀବ ଚୌଧୁରୀ ଅମ୍ପାୟାରିଂ କରୁଥିବା ବେଳେ ଏହି ମ୍ୟାଚକୁ ଦେଖିବା ପାଇଁ ବହୁ କ୍ରିକେଟ ପ୍ରେମୀ ଖେଳ ଉପଭୋଗ କରିଥିବା ଦେଖିବାକୁ ମିଳିଛି ।

# ସରକାରୀ ମହିଳା ମହାବିଦ୍ୟାଳୟରେ ଯୁବ ଦିବସ ପାଳିତ

ଜୟପୁର,୧୩।୧ (ନି.ପ୍ର): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟର ରାଷ୍ଟ୍ରିୟ ସେବା ଯୋଜନା ତରଫରୁ ଯୁବ ଦିବସ ପାଳିତ ହୋଇଛି । ଏହି ଯୁବ ଦିବସରେ ସଫେଇ କାର୍ଯ୍ୟକ୍ରମ, ନାରି ସସକ୍ତି କରଣ ଓ ଯୁବ ଶକ୍ତିର ଉ ।ନ ହିଁ ରାଷ୍ଟ୍ର ଶକ୍ତି । ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମକୁ ଜାତୀୟ ଦିବସ ରୁପେ କୋଭିଡ ନିୟମ କୁ ଆଖିରେ ରଖି ଏକ ଆଲୋଚନା ଚକ୍ର ଓ କଲେଜ କ୍ୟାମ୍ପସ ସଫେଇ କାମ ଅନୁଷ୍ଠିତ ହୋଇଛି । ଏନଏସଏସ ପ୍ରୋଗ୍ରାମ ଅଫିସର ମନୋରଞ୍ଜନ ପ୍ରଧାନଙ୍କ ତତ୍ୱା ବଧାନରେ ଆୟୋଜିତ ଆଲୋଚନା ଚକ୍ର ରେ କଲେଜ ଅଧ୍ୟକ୍ଷା ମନୋରମା ଦେବୀ ମୁଖ୍ୟ ବକ୍ତା ଭାବରେ ଉଦବୋଧନ ଦେଇ ନାରି ଶକ୍ତି ର ବିକାଶ ହିଁ ଓ ଯୁବ ଶକ୍ତି ହିଁ ରାଷ୍ଟ୍ରା ଶକ୍ତି ବୋଲି ସମ୍ବୋଧିତ କଲେ । ସ୍ୱାମିଜୀଙ୍କ ବିଭିନ୍ନ ବାଣି ଉଦ୍ଧାର କରି ଉଦବୋଧନ ଦେଇଥିଲେ ।

# ଗୁଡ଼ି



**ଅକ୍ଷୟ ପଣ୍ଡା**
ଆଳି, ଲୋକାପଡ଼ା
ମୋ - ୯୩୩୭୪୯୨୩୦୭

ପ୍ରତି ବର୍ଷ ପରି ଏ ବର୍ଷ ଆସିଛି ମକର ସଂକ୍ରାନ୍ତି । ଖୁସିର ପର୍ବ ପିଲାଙ୍କର ଆନନ୍ଦର ପର୍ବ । ପଞ୍ଜାବରେ ଲୋରି, ତାମିଲନାଡୁରେ ପୋଙ୍ଗଲ, ଆସାମରେ ବିହୁ ପର୍ବ ଆଗ ପଛ ହୋଇ ପାଳନ କରାଯାଏ । କେତେକ ବାରାଣାସୀର ଗଙ୍ଗା, ପ୍ରୟାଗର ତ୍ରିବେଣୀ ବୁଡ଼ ପକାଇବା ପାଇଁ ଭିଡ଼ ଲଗାଇଥାନ୍ତି । ଏହି ସମୟରେ ଗୁଜୁରାଟ, ମହାରାଷ୍ଟ୍ର, କଲିକତା, ଦିଲ୍ଲୀ ଓ ଓଡ଼ିଶାରେ ଅଧିକାଂଶ ପିଲାମାନେ ଗୁଡ଼ି ଉଡ଼ାଇବାକୁ ବେଶ ପସନ୍ଦ କରନ୍ତି । ଓଡ଼ିଶାର ପୁରୁଣା ରାଜଧାନୀ କଟକ ସହରରେ ଓ ମନ୍ଦିର ମାଳିନି ଭୁବନେଶ୍ୱରେ ଗୁଡ଼ି ଉଡ଼ା ପ୍ରତିଯୋଗୀତାମାନ ଚାଲେ । ନୀଳ ଆକାଶ ମଥାନରେ ରଙ୍ଗ ବେରଙ୍ଗର ଗୁଡ଼ି ଉଡ଼ିବା ଦୃଶ୍ୟ ଦେଖିଲେ କେହି କେବେ ଭୁଲି ପାରିବେନି । ଆଖିର କ୍ୟାମେରାରେ ଉଠି ପଡ଼ିବ ତାର ଛବି ଆଉ ମସ୍ତିଷ୍କର ଗନ୍ତାଘରେ ସାଇତି ହୋଇଯିବ । ତାର ସୁନ୍ଦର ଚିତ୍ରପଟର କପି ଗୁଡ଼ିକ । ଓଡ଼ିଶାର ଆଧୁନିକ ସଙ୍ଗୀତକାର ଅକ୍ଷୟ ମହାନ୍ତି ଗାଇ ଥିଲେ । "ଉଡ଼ି ଉଡ଼ି ଉଡ଼ି, ଯାଆରେ ଉଡ୍ଡୁ, ଏ ମୋର ଗୁଡ଼ି । ଖାଅନା ଖାଅନା ତୋ କାନି । ଏ ମୋର ଲଟକ ମାନି ।" ଆଜକୁ ୨୫୦୦ ବର୍ଷ ପୂର୍ବେ ଚୀନର ଦାର୍ଶନିକ ହୁଆଙ୍ଗ ଥେମ ପ୍ରଥମେ ଗୁଡ଼ି ତିଆରି କରିଥିଲେ । ଚାଇନିଜ ଡ୍ରାଗନ ଗୁଡ଼ି ୨୦୦୦ ବର୍ଷ ପୂର୍ବେ ଲୋକମାନଙ୍କୁ ଚକିତ କରାଇ ଦେଇଥିଲେ । ଯାହାର ଲମ୍ବ ଥିଲା ଏକ ଶହ ଫୁଟ । ହୁଏନ ସା ଓ ୟୁରୋପର ମାର୍କୋପୋଲ ଏହାର ବହୁଳ ରୂପେ ବିଭିନ୍ନ ଦେଶରେ ପ୍ରସାର କରିଥିଲେ । ମୋଗଲ ଶାସନ କାଳରେ ୧୫୩୦ ମସିହା ଠାରୁ ଭରତରେ ବହୁଳ ଭାବେ ଗୁଡ଼ି ଉଡ଼ାଯାଉ ଥିବାର ଜଣାଯାଏ । ଭରତ ଭିଏତନାମ ଚୀନ ଜାପାନ ବ୍ରାଜିଲ କଲୋମ୍ବିଆ ଚିଲି ଇଂଲଣ୍ଡ ଓ ଆମେରିକାରେ ଦେଶ ବିଭିନ୍ନ ସମୟରେ ଗୁଡ଼ି ଉଡ଼ାଯାଏ । ଏହା ଖାଲି ଖୁସି ଆନନ୍ଦ ନୁହେଁ । ଯୁଦ୍ଧ ସମୟରେ ଓ ଗବେଷଣା କ୍ଷେତ୍ର ବହୁ କାର୍ଯ୍ୟରେ ଆସେ । ଗୁଡ଼ି ଦ୍ୱାରା ବହୁ ସାରା ଗବେଷଣା କରାଯାଇଥିଲା । ତାହା ମଧ୍ୟ ସଫଳତା ଲାଭ କରିଥିଲା । ୧୭୫୨ ମସିହାରେ ଆମେରିକାର ଉଦ୍ଭାବକ ବେଞ୍ଜାମିନ ଫ୍ରାଙ୍କଲିନ ବର୍ଷା ଓ ଘଡ଼ ଘଡ଼ି ସମୟରେ ଗୁଡ଼ି ଉଡ଼ାଇଥିଲେ । ସେ ତାଙ୍କ ଗୁଡ଼ିରେ ତମ୍ବା ପାତିଆ, ତାର ଓ ସିଲକ ସୂତା ସାହାଯ୍ୟରେ ଚାବିଟିଏ ବାନ୍ଧି ଦେଇ ଥିଲେ । ତାଙ୍କ ଏ ଗବେଷଣା ସାରା ବିଶ୍ୱକୁ ବିଜୁଳି ଶକ୍ତି ବିଷୟରେ ନୂତନ ତଥ୍ୟ ପ୍ରଦାନ କରିଥିଲା । ଯାହା ପରବର୍ତ୍ତୀ ସମୟରେ ବିଜୁଳି ଶକ୍ତି ଉଦ୍ଭାବନରେ ସହାୟକ ହୋଇଥିଲା ।

ସାର ଜର୍ଜ କ୍ଲେଏ କୁ ଏରୋନଟିକ ଫାଦର ବା ବୌମାନିକ ଜନକ କୁହାଯାଏ । ସେ ୧୮୫୩ ମସିହାରେ ପ୍ଲାଇଙ୍ଗ ମେସିନ୍ ନିର୍ମାଣ କରିବାର ପରିକଳ୍ପନା କରିଥିଲେ । ସେ ଗୁଡ଼ିରୁ ବହୁତ କିଛି ନୂତନ ତଥ୍ୟ ପାଇଥିଲେ । ଉଇଲିୟମ ଏଡ଼େ ଓ ଲରେନସ୍ ହାଇଗଡେ ଜଳବାୟୁ ଓ ପାଣିପାଗ ବିଷୟରେ ଜାଣିବା ପାଇଁ ଗୁଡ଼ିରେ କ୍ୟାମେରା ଲଗାଇ ଆକାଶରେ ଉଡ଼ାଉ ଥିଲେ । ତାହା ମଧ୍ୟ ତାଙ୍କୁ କେତେକାଂଶରେ ସଫଳତା ଆଣି ଦେଇଥିଲା । ଯୁଦ୍ଧ ସମୟରେ ସଙ୍କେତ ଦେବା ପାଇଁ ମଧ୍ୟ ଗୁଡ଼ିର ବ୍ୟବହାର କରାଯାଉ ଥିଲା । ପ୍ରଥମ ବିଶ୍ୱଯୁଦ୍ଧ ୧୯୧୪- ୧୯୧୮ ମସିହାରେ ବ୍ରିଟିସ, ଫ୍ରାନସ ଓ ଋଶିଆର ସୈନ୍ୟମାନେ ଶତ୍ରୁ ସୈନ୍ୟ ବିଷୟରେ ଜାଣିବା ପାଇଁ ସିଗ୍ନାଲ ରୂପେ ଗୁଡ଼ି ବ୍ୟବହାର କରୁଥିଲେ । କେତେକ ସ୍ଥାନରେ ଅନ୍ୟମାନଙ୍କୁ ଭୟଭୀତ କରାଇବା ପାଇଁ ଭିନ୍ନ ଭିନ୍ନ ରକମର ଗୁଡ଼ି ବ୍ୟବହାର କରାଯାଏ । ଗୁଡ଼ିରେ କେତେକ ପ୍ରେମିକ ମାନେ ସେମାନଙ୍କ ପ୍ରେମିକା ମାନଙ୍କ ପାଖକୁ ବାର୍ତ୍ତା ପଠାଇବା ପାଇଁ ମଧ୍ୟ ବ୍ୟବହାର କରୁଥିଲା । କେତେକ ଦେଶ ଏୟାର ଫୋର୍ଷ ପ୍ରଶିକ୍ଷଣ ସମୟରେ ଆକାଶରୁ ଡ଼େଇଁଥିବା ବାୟୁସେନା ମାନଙ୍କ ପିଠିରେ ଗୁଡ଼ି ଲଗାଯାଇଥାଏ । ଏହା ସେମାନଙ୍କ ଜୀବନ ରକ୍ଷା ପାଇଁ ସହାୟକ ହୁଏ । ପ୍ରତି ବର୍ଷ ଆମ ଦେଶରେ ଗୁଡ଼ି ତିଆରି କରି ୧୨୦୦୦ କୋଟି ଟଙ୍କାରୁ ଅଧିକ ଲାଭ ମିଳିଥାଏ । ଏଥିରେ ପ୍ରାୟ ୭୦୦୦୦ ଲୋକ ଆଶିଂକ ରୂପେ କାର୍ଯ୍ୟ କରିଥାନ୍ତି । ଆମ ଦେଶର କେତେକ ସହରରେ ଏ ପରି କାର୍ଯ୍ୟ ଚାଲେ । ସେହି ସହର ଗୁଡ଼ିକ ହେଲା ଅହମଦାବାଦ, କଲିକତା, ଜଳନ୍ଧର, ବରେଲି, ଜୟଗୁରୁ, ଯୋଦ୍ଧପୁର, ଲକ୍ଷ୍ନୌ ଓ କଟକ । ଏପରିକି ଗୁଜୁରାଟର ୨୦୧୭ - ୧୮ ଗୁଡ଼ି ତିଆରିରୁ ୬୨୫ କୋଟି ଟଙ୍କା ଆୟ ହୋଇଥିଲା । ପତଙ୍ଗ ନିର୍ମାଣ ବା ଗୁଡ଼ି ତିଆରି କାରାଖାନା ମାନ କୁଟିର ଶିଳ୍ପ ହୋଇଥିଲେ ମଧ୍ୟ ଏହା ଏକ ଲାଭପ୍ରଦ କାର୍ଯ୍ୟ ପନ୍ଥା କହିଲେ ଅତ୍ୟୁକ୍ତି ହେବନାହିଁ ।

ଏହି ଗୁଡ଼ି ପାଇଁ ବ୍ୟବହୃତ ହେଉଥିବା ଉପକରଣ ଗୁଡ଼ିକ ଅତି ସହଜରେ ମିଳି ଯାଇଥାଏ । ସେଗୁଡ଼ିକ ହେଲା ବାଉଁଶ, ପିଞ୍ଛ କାଠି, ରଙ୍ଗିନ କାଗଜ, ଅଠା ରେଶମ ଲାଇଲନ ସୂତା ରଙ୍ଗ ଓ ହାଲକା କପଡ଼ା । ଗୁଡ଼ିର ବିଭିନ୍ନ ଅଂଶ ଗୁଡ଼ିକ ହେଲା । ଗୁଡ଼ିଟି ଉଡ଼େ । ଗୁଡ଼ି ପଛରେ ଥିବା ଅଂଶକୁ ଲାଞ୍ଜ କୁହାଯାଏ । ଗୁଡ଼ିର ସୂତାକୁ ମାଞ୍ଜା ଓ କାଠ ବାଉଁଶ ତିଆରି ସୂତା ଗୁଡ଼ିକୁ ଲଟେଇ କୁହାଯାଏ । ଦେଶ ବିଦେଶରେ ଗୁଡ଼ି ଉଡ଼ାଯାଉ ଥିବାରୁ ଏହାର ରୂପ ରଙ୍ଗ ଓ ଡ଼ିଜାଇନକୁ ନେଇ ନାମ କରଣ କରାଯାଇ ଥାଏ । ସେଗୁଡ଼ିକ ହେଲା ହେଣ୍ଡେଜ ଗୁଡ଼ି, ରେନବୋ ଗୁଡ଼ି, ପାରା ଫୋଲିସ୍, ଭାସମାନ ଜାହାଜ ଗୁଡ଼ି । ହେଙ୍ଗଡ଼, ଡ଼େଲଟା ହାଇବ୍ରିଡ୍ ଗୁଡ଼ି, ସେଲାରସ, ଡ଼ାଇମଣ୍ଡସ୍ ନେଭେଲିଟି ଓ ବକ୍ସ କାଇଟ । ଏହା ଛଡ଼ା ଚାନ୍ଦସିତାରା, ଆସାମାନ ପରୀ, ବରମୁଣ୍ଡା, ଲଟକମାଣି, ସକର ପାରା, ପଟିଆଲା, ଅଧିୟା, ତ୍ରିରଙ୍ଗା ଓ ଛପନ ଛୁରୀ ଆମ ଦେଶର ସୁପରିଚିତ ଗୁଡ଼ି । ହିନ୍ଦୁ ମାନଙ୍କର ମକର ସଂକ୍ରାନ୍ତି ଦିନ ନୂଆ ବର୍ଷ ଆରମ୍ଭ ହୁଏ । ସେହି ଦିନ ଆନନ୍ଦରେ ଆମ ଦେଶର ଲୋକମାନେ ଗୁଡ଼ି ଉଡ଼ାନ୍ତି । ଏହାଛଡ଼ା ସାଧାରଣତନ୍ତ୍ର ଦିବସ ଓ ସରସ୍ୱତୀ ପୂଜାରେ ମଧ୍ୟ ପିଲାମନେ ଗୁଡ଼ି ଉଡ଼ାନ୍ତି । ଗୁଜୁରାଟ ଓ ମହାରାଷ୍ଟ୍ରର କେତେକାଂଶରେ ଗୁଡ଼ି ଉଡ଼ା ପ୍ରତିଯୋଗିତା ମାନ ପାଳନ କରାଯାଏ । ଭାରତ ଅନ୍ୟାନ ରାଜ୍ୟମାନଙ୍କରେ ମକର ସଂକ୍ରାନ୍ତି ଦିନ ଗୁଡ଼ି ଉଡ଼ାଯାଏ । କରୋନା ପରି ମହାମାରି ସମୟରେ ଆମ୍ଭେମାନେ ଏଥିପ୍ରତି ସଜାଗ ଓ ସଚେତନ ହେବା ଆବଶ୍ୟକ । ସିନ୍ଥେଟିକ ଗ୍ଲାସ୍ ବା ମେଟାଲ କୋଟେଡ଼ ମାଞ୍ଜା ବ୍ୟବହାର କରନ୍ତୁ ନାହିଁ । ଯଦି ପିଲାମନେ ଅସାବଧାନ ହୁଅନ୍ତି ତବେ ନାନା ଅସୁବିଧା ଘଟିପାରେ । ଗତବର୍ଷ ଏପରିକି ଲହୁ ଲୁହାଣ ହେବାର ବହୁ ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା । ୧୦ ବର୍ଷରୁ କମ ପିଲାମାନେ ଓ ବୟଷ୍କ ବ୍ୟକ୍ତିମାନେ କୋଭିଡ଼ ୧୯କୁ ଆଖି ଆଗରେ ରଖି ଏ ପରି କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତି ନାହିଁ । ଆଉ ସାମାଜିକ ଦୂରତା ଅବଲମ୍ବନ କରନ୍ତୁ । ଗୁଡ଼ି ଉଡ଼ାଇବା ସମୟରେ ଗୀତ ବା ଡ଼ିଜେ ଲଗାନ୍ତୁ ନାହିଁ । ଘରର ଛାତ ଉପରେ, ରାସ୍ତା କଡ଼ରେ ନଦୀ ବନ୍ଧ ଓ ପୋଖରୀ ହୁଡ଼ାରେ ଗୁଡ଼ି ଉଡ଼ାନ୍ତୁ ନାହିଁ । ବିଜୁଳୀ ଖୁଣ୍ଟ ସାମ୍ନାରେ ଗୁଡ଼ି ଉଡାଇବା ଆଦୌଉଁ ଠିକ୍ ନୁହେଁ । ଗୁଡ଼ି ଉଡ଼ାଉ ଥିବା ବେଳେ ପକ୍ଷୀ ଓ ଗାଡ଼ି ଚଳାଉଥିବା ବ୍ୟକ୍ତି ମାନଙ୍କ ପ୍ରତି ଧ୍ୟାନ ଦିଅନ୍ତୁ । ହାତରେ ଗ୍ଲୋବସ୍ ବା ହ୍ୟାଣ୍ଡ କ୍ଲଥ ପିନ୍ଧନ୍ତୁ । ଏହା ଦ୍ୱାରା ଆପଣ ନିରାପଦ ରହିବେ । କଟି ଯାଇଥିବା ଗୁଡ଼ି ଗୁଡ଼ିକୁ ସଂଗ୍ରହ କରିବା ପାଇଁ ପିଲାମାନେ ଅନେକ ସମୟରେ ଦୂର୍ଘଟଣା ସମ୍ମୁଖିନ ହୋଇଥାନ୍ତି । ତେଣୁ ଅଭିଭାବକମାନେ, ସେଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ରାସ୍ତା ପାଖରେ ଗୁଡ଼ି ଉଡ଼ାଇବାକୁ ନିରୁତ୍ସାହିତ କରନ୍ତୁ । ଖୋଲା ପଡ଼ିଆରେ ଗୁଡ଼ି ଉଡ଼ାଇବାକୁ ପିଲାମାନଙ୍କୁ ଉତ୍ସାହିତ କରିବା ବେଶ ଭଲ । ଆକାଶ ମଥାନରେ ରଙ୍ଗ ବେରଙ୍ଗର ଗୁଡ଼ି ଉଡ଼ି ବେଶ ସୁନ୍ଦର ଦିଶେ । ଆମ୍ଭେମାନେ ଗୁଡ଼ି ଉଡ଼ାଇବା ବେଳେ ବିଶେଷ ସାବଧାନତା ଅବଲମ୍ବନ କରିବା । କରୋନାକୁ ଆଖି ଆଗରେ ରଖି ଅଭିଭାବକ ମାନେ ସେମାନଙ୍କ ପିଲାମାନଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍ । ହସ ଖୁସି ଅପେକ୍ଷା ଜୀବନର ମୂଲ୍ୟ ଅଧିକ । ଗୁଡ଼ି ଗୁଡ଼ି ଗୁଡ଼ି ଏ ମୋର ଗୁଡ଼ି ଯାଆରେ ଉଡ଼ି । ମନ ର ରଙ୍ଗ ହୃଦୟର ବାସ୍ନା ନେଇ ଗୁଡ଼ି ଉଡ଼ା ପର୍ବ ସଭିଙ୍କୁ ଆପଣାର କରିନିଏ । ଗୁଡ଼ି ଉଡ଼ାନ୍ତୁ ହେଲେ ସାବଧାନତା ଅବଲମ୍ବନ କରନ୍ତୁ । କୋଭିଡ଼ ୧୯ ନିୟମ ପାଳନ କରିବା ସଙ୍ଗେ ସଙ୍ଗେ ସମାଜିକ ଦୂରତା ମାନିବାକୁ ଅନ୍ୟମାନଙ୍କୁ କୁହନ୍ତୁ ।



# ଜଳବାୟୁ ପରିବର୍ତ୍ତନ ଜଳଚରଙ୍କ ପାଇଁ ବିପଦ



ଜଳବାୟୁ ପରିବର୍ତ୍ତନ ଜଳୀୟ ଜୀବଙ୍କ ଜୀବନକୁ ପ୍ରଭାବିତ କରିପାରେ । ଏକ ନୂତନ ଗବେଷଣାରୁ ଏହି ତଥ୍ୟ ସାମ୍ନାକୁ ଆସିଛି । ଅଷ୍ଟ୍ରେଲିଆର ୟୁନିଭର୍ସିଟି ଅଫ୍ ସିଡନୀ ଏବଂ ସିଡନୀ ଇନଷ୍ଟିଚ୍ୟୁଟ ଅଫ୍ ମେରାଇନ ସାଇନ୍ସର ଗବେଷକଙ୍କ ମତେରେ, ମନୁଷ୍ୟ ଶରୀରରେ ଯେଭଳି ପାକସ୍ଥଳୀର ଗଡ଼ବଡ଼ି ତାର ପୁରା ସ୍ୱାସ୍ଥ୍ୟକୁ ବିଗାଡ଼ିଦିଏ ଠିକ୍ ସେହିଭଳି ଜଳଚରଙ୍କ ପାଇଁ ଘାସପତ୍ର ସଦୃଶ ସୂକ୍ଷ୍ମଜୀବ ଏବଂ ଶୈବାଳଙ୍କ ଉପରେ ସାମାନ୍ୟ ପରିବର୍ତ୍ତନ ଆସିଲେ, ତାହା ପୁରା ସାମୁଦ୍ରିକ ଜୀବଙ୍କ ଜୀବନ ଉପରେ ବିପଦ ସୃଷ୍ଟି କରେ । ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଜୈବିକ ବିବିଧତାକୁ ପ୍ରଭାବିତ କରିଚାଲିଛି । ଯଦ୍ୱାରା ସମୁଦ୍ର ପଉନ ଉତ୍ତପ୍ତ ହୋଇ ସୂକ୍ଷ୍ମଜୀବଙ୍କ ବିକାଶଧାରା ଉପରେ କୁପ୍ରଭାବ ପକାଛି । ଏହି କାରଣରୁ ସମୁଦ୍ର ଶୈବାଳଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ହେବାରେ ଲାଗିଛି । ମନୁଷ୍ୟକୃତ ଅନେକ କାରଣ ଯୋଗୁ ଏବେ ଜଳବାୟୁ ପରିବର୍ତ୍ତନ ହେଉଛି । ଯଦି ଏଭଳି କାର୍ଯ୍ୟ ଅନବରତ ଲାଗିରହେ, ତେବେ ଗବେଷକଙ୍କ ଆଶଙ୍କା ଏହାଦ୍ୱାରା ବିଶ୍ୱସ୍ତରର ସାମୁଦ୍ରିକ ଜଙ୍ଗଲ ପ୍ରଭାବିତ ହୋଇପାରେ । ଏହି ଗବେଷଣା ପ୍ରୋସିଡିଙ୍ଗସ ଅଫ୍ ଦିରୟାଲ ସୋସାଇଟି ବି ପତ୍ରିକାରେ ପ୍ରକାଶିତ ହୋଇଛି ।

# ବାସ୍ତୁଶାସ୍ତ୍ରର ନିୟମ

ଘରର ସୁଖ ସମୃଦ୍ଧି ତଥା ପରିବାର ସଦସ୍ୟଙ୍କ ଆପୋଷ ବୁଝାମଣା ନିମନ୍ତେ ମୁରବିମାନେ ଅପେକ୍ଷାକୃତ ଅଧିକ ସଚେତନ । ଯେ କୌଣସି ପରିସ୍ଥିତିରେ ମଧ କଳିଝଗଡ଼ା ଅବା ଅଶାନ୍ତି ନ ଉପୁଜୁ, ଏଥି ନିମନ୍ତେ ବର୍ତ୍ତମାନ ପରିସ୍ଥିତିରେ ଲୋକେ ବାସ୍ତୁଶାସ୍ତ୍ରର ନିୟମକୁ ସାଦରେ ଗ୍ରହଣ କରୁଛନ୍ତି । ବାସ୍ତୁବିତ୍ଙ୍କ ମତରେ ଘର ତିଆରି ସମୟରେ ଦକ୍ଷିଣ ଓ ପଶ୍ଚିମ ପାଖର କାନ୍ଥ ଓ ପାଚେରି ପୂର୍ବ ଓ ଉତ୍ତର ପାଖଠାରୁ ଅଧିକ ମୋଟା ଓ ଉଚ୍ଚ ହେବା ଦରକାର । ଏହା ପରିବାର ସଦସ୍ୟଙ୍କ ନିମନ୍ତେ ସୌଭାଗ୍ୟ ଆଣିଥାଏ ।

ଫ୍ଲାଟ କିମ୍ବା ଘର କିଣୁଥିଲା ବେଳେ ଦୃଷ୍ଟିରେ ରଖିବେ ଯେ ଯେପରି ରାସ୍ତା ତୁଳନାରେ ଆର୍ଥିକ ଅସୁବିଧା ସହ ଘରେ ନିୟମିତ କଳିଝଗଡ଼ା ଉପୁଜିଥାଏ ।

ବିପଦ ଟାଳିବାକୁ ଚାହୁଁଥିଲେ, ଘରର ଦକ୍ଷିଣ-ପଶ୍ଚିମ ଦିଗରେ ଚାରାରୋପଣ କରନ୍ତୁ । ବୃକ୍ଷ ଘରେ ସ୍ଥିରତା ଆଣିବା ସହ ଦୁର୍ଭାଗ୍ୟ ଟାଳିଥାଏ ବୋଲି ବାସ୍ତୁବିତଙ୍କ ମତ ।



ଘରର ମୁଖ୍ୟ ଦୁଆରକୁ ସବୁବେଳେ ପରିଷ୍କାର ପରିଚ୍ଛିନ୍ନ ରଖିବା ଜରୁରୀ । ଏହା ନକରାତ୍ମକ ଶକ୍ତି ଦୂର କରିଥାଏ ।

# ଓଭାରିଆନ୍ କ୍ୟାନସରକୁ ପ୍ରତିରୋଧ କରୁଥିବା ଖାଦ୍ୟ

ଓଭାରିଆନ କ୍ୟାନସର ମହିଳାମାନଙ୍କୁ ହେଉଥିବା ଏକ ଘାତକ ରୋଗ । ଠିକ୍ ସମୟରେ ଏହାର ଚିକିତ୍ସା ନକଲେ ଏହି ରୋଗ ମୃତ୍ୟୁମୁଖରେ ପକାଇଥା, । ଓଭାରିଆନ୍ କ୍ୟାନସର ମୂଳ ରୂପରେ ଅଣ୍ଡାଶୟରେ ହେଉଥିବା ଟ୍ୟୁମର । ଏହାର ଚିକିତ୍ସା ନକଲେ ଏହା ପେଲଭିକ୍ ଓ ପେଟରେ ମାଡ଼ିଯାଏ ଏହି ସ୍ତରରେ ଏହାର ଚିକିତ୍ସା କରିବା କଷ୍ଟକର ହୋଇପଡ଼େ । ଏହି ରୋଗରେ ପେଟ୍ ଫୁଲିଯାଏ । ବାରମ୍ବାର ପରିସ୍ରା ଲାଗେ । ପେଲଭିକ୍ ଏରିଆରେ ସମସ୍ୟା ଦେଖାଦିଏ । ଓଜନ କମ ହୋଇଯାଏ ଏହାର ସଠିକ୍ କାରଣ କେହି କହି ପାରିବେ ନାହିଁ । ଡାକ୍ତରମାନେ କିଛି କାରକଙ୍କୁ ଏହାର କାରଣ ବୋଲି ମାନିଥାନ୍ତି ଯଥା ପାରିବାରିକ ଇତିହାସ, ଅତ୍ୟଧିକ ମୋଟା ହେବା, ଣ୍ଡୋମେଟ୍ରିୟେସିସ୍, ହର୍ମୋନ, ଥେରାପୀ ଓ କିଛି ଲୋକଙ୍କ ମଧରେ ଆନୁବଂଶିକ ପରିବର୍ତ୍ତନ । ତେବେ କିଛି ଘରୋଇ ଉପାୟ ଦ୍ୱାରା ଏହି ସ୍ଥିତି ଓ ଲକ୍ଷଣର ପ୍ରବନ୍ଧନ କରିବା ଦ୍ୱାରା ଆପଣଙ୍କୁ ସାହାଯ୍ୟ ମିଳିପାରିବ ।



**ମଶରୁମ୍ :-**
ମଶରୁମରେ ଲେଣ୍ଟନେନ୍ ନାମକ ସକ୍ରିୟ ଘଟକ ବା ତତ୍ତ୍ୱ ରହିଛି, ଯାହା କିଛି ପ୍ରକାରର କ୍ୟାନସରର ବିକାଶକୁ ପ୍ରତିରୋ କରିବାରେ ସାହାଯ୍ୟ କରେ । ଏଥିରେ ଭିଟାମିନ ଡିଓ ମେଗା- ୩ ମିଳିଥାଏ ।

**ସୋୟାରୁ ଉତ୍ପାଦ ଖାଦ୍ୟ :-** ନ୍ୟୁଟ୍ରିସନ୍ ଜର୍ନାଲ୍ ଏଣ୍ଡ କ୍ୟାନସର ଦ୍ୱାରା ପ୍ରକାଶିତ ଏକ ଅଧନ ଅନୁସାରେ, ସୋୟାରୁ ଉତ୍ପାଦ ଦେଉଥିବା ଖାଦ୍ୟରେ ଆଇସୋପ୍ଲୋବୋନସ ରହିଛି ଯାହା କ୍ୟାନସର କୋଷିକାର ସଞ୍ଚରଣକୁ ଅବରୋଧ କରାଏ ଓ ଟ୍ୟୁମରର ପ୍ରସାରକୁ କମ କରିଥାଏ । ସେଥିପାଇଁ ଆପଣ ସୋୟାରୁ ତିଆରି ଖାଦ୍ୟ ଯଥା- ପନିର, ଦହି ତେଲ, ସୋୟାବିନ ଦୋୟା ସ୍ପାଉଟସ ଆଦି ଖାଆନ୍ତୁ ।

**ପେପରମିଣ୍ଟ ଚା :-** ସବୁବେଳେ ଯଦି ଆପଣ ଅଫସେଟ୍ ରହୁଛନ୍ତି, ତେବେ ଏହା ମଧ ଓଭାରିଅନ କ୍ୟାନସରର ସାମାନ୍ୟ ଲକ୍ଷଣ ମଧରୁ ଗୋଟିଏ । ପେପରମିଣ୍ଟ ଚା ବାସ୍ତବରେ ଏହାର ଚିକିତ୍ସା ପାର୍ଇ ସାହାଯ୍ୟ କରେ । ଏହାକୁ ତିଆରି କରିବାକୁ ହେଲେ ପାଣିରେ ପେପରମିଣ୍ଟର ୪ଟି ପତ୍ର ପକାଇ ଭଲ ଭାବରେ ସିଝାଇ ଦିଅନ୍ତୁ, ତାପରେ ଚା ପରି ଏହାକୁ ପିଅନ୍ତୁ ।

**ଲାଲ ପିଆଜ :-** ଲାଲ ପିଆଜ କ୍ୱେର ସେଟିନ୍, ଏପିଗେନିନ୍ ଓ ବିଭିନ୍ନ ଏନ୍ଥୋକାୟନିନ୍ ପରି କ୍ୟାନସରରୋଧୀ ଯୌଗିକ ବସ୍ତୁରେ ଭରପୂର ଯାହାକୁ ସୋବନ କଲେ ଓଭାରିଆନ୍ କ୍ୟାନସରରେ ଆପଣଙ୍କୁ ସାହାଯ୍ୟ କରିପାରେ ।

**ଅଦା :-** ଅଦାରେ ମଧ କ୍ୟାନସରରୋଗୀ ଗୁଣ ରହିଛି । ଏଥିରେ ଜିଞ୍ଜରୋଲ, ଜିଞ୍ଜରୋନ ଓ ଶୋଗଲ ସହିତ ସକ୍ରିୟ ଯୌଗିକ ବସ୍ତୁ ଥାଏ । ଯେଉଁଥିରେ କ୍ୟାନସରରୋଧୀ ଗୁଣ ରହିଛି ଓ କ୍ୟାନସରର ଉତ୍ପରିବର୍ତ୍ତନକୁ ଦବାଇଦିଏ ।






# ଚା'ରେ କରନ୍ତୁ ସୌନ୍ଦର୍ଯ୍ୟ ଚର୍ଚ୍ଚା

ଗବେଷକଙ୍କ ମତରେ ମହିଳା ଓ ଯୁବତୀମାନେ ଦିନକୁ ଥରୁଟିଏ କମ୍ ଚିନି ବ୍ୟବହୃତ ହୋଇଥିବା ଚା' ପିଇବା ଭଲ । ନଚେତ୍ ଗ୍ରୀନ୍ ଟି ପିଇବା ସବୁଠୁ ଉପକାରୀ । ଚା'କୁ ସୌନ୍ଦର୍ଯ୍ୟ ଚର୍ଚ୍ଚା ଭାବେ ମଧଡ଼୍ୟ କେତେକ ସ୍ଥାନରେ ବ୍ୟବହାର କରାଯାଏ । ଜାପାନର କେତେକ ବ୍ୟୁଟିପାର୍ଲରରେ କେବଳ ଗ୍ରୀନ୍ ଟିକୁ ବ୍ୟବହାର କରି ଫେସିଆଲ ସହ କେଶ ସଫା କରାଯାଏ । ଏହା ସେଠାରେ ବେଶ୍ ଲୋକପ୍ରିୟ । ସେଠାକାର ଏକ ୱେବସାଇଟରେ ଗ୍ରୀନ୍ ଟିର କେତେକ ସୌନ୍ଦର୍ଯ୍ୟ ଉପଚାର ନିକଟରେ ପ୍ରକାଶିତ ହୋଇଛି ।




- ଗ୍ରୀଟ୍ ଟି ଫୁଟା ପାଣିକୁ ଥଣ୍ଡା ହେବା ପାଇଁ ରଖନ୍ତୁ । ପରେ ସେଥିରେ କାକୁଡ଼ି ରସ ମିଶାଇ ତ୍ୱଚାରେ ଲଗାନ୍ତୁ । ଏଭଳି ଥରେ ପାଣି ପ୍ରସ୍ତୁତ କଲେ ୫ ଦିନ ପର୍ଯ୍ୟନ୍ତ ଫିଜ୍ରରେ ରଖି ବ୍ୟବହାର କରିପାରିବେ । ଏହା ତ୍ୱଚାର ରଙ୍ଗ ସଫା କରିବା ସହ ବ୍ରଣ କମିଯାଏ ।
- ଆଖି ତଳ କଳାଦାଗ ପଡ଼ିଲେ ଏକ କପ୍ ଥଣ୍ଡାପାଣିରେ ଗୋଟିଏ ସଫା ଧଳା କପଡ଼ାରେ ୧ ଚାମୁଚ୍ ଗ୍ରୀନ୍ ଟି ଦାନା ବାନ୍ଧି ୩୦ ମିନିଟ୍ ରଖନ୍ତୁ । ପରେ ସେହି କପଡ଼ାକୁ ଆଖି ଉପରେ ରଖିବେ । ନିୟମିତ ଏପରି କଲେ ଆଖି ସଫା ହେବା ସହ କଳାଦାଗ କମ୍ ହୁଏ ।
- ଲେମ୍ବୁ ରସରେ ଗ୍ରୀନ୍ ଟି ଫୁଟା ପାଣିକୁ ଥଣ୍ଡା ହେବା ମିଶାଇ ଲଗାଇଲେ ତ୍ୱଚାର ଏକ ଚମକ ଆସେ ।

ଗ୍ରୀନ୍ ଟି ଫୁଟା ପାଣିରେ କେଶ ଧୋଇଲେ କେଶର ଘନତ୍ୱ ବଢ଼ିଥାଏ ।




# ଆଖି ତଳ ଦାଗର ଉପଚାର

ଯୁବତୀଙ୍କ ନିମନ୍ତେ ଆଖି ତଳେ କଳାଦାଗ ପଡ଼ିବା ଏକ ପ୍ରମୁଖ ସମସ୍ୟା ଅଟେ । ଏହା ମୁହଁର ସୌନ୍ଦର୍ଯ୍ୟକୁ ପ୍ରଭାବିତ କରେ । ସେଥିପାଇଁ ସରଳ ଘରୋଇ ଉପଚାରମାନ-



- ୧ ଚାମଚ ଟମାଟର ରସ, ୧ ଚାମଚ ଲେମ୍ବୁ ରସ, ୧ ଛୋଟ ଚାମଚ ହଳଦୀ ଗୁଣ୍ଡ ଓ ସାମାନ୍ୟ ବେସନ ନେଇ ଏକ ଗାଢ଼ ପେଷ୍ଟ ତିଆରି କରନ୍ତୁ । ଏହାକୁ କଳାଦାଗ ପଡ଼ିଥିବା ସ୍ଥାନରେ ଲଗାଇ ୧୫ ମିନିଟ୍ ପରେ ହାଲକା ଭାବେ ଧୋଇନେବେ ନଚେତ୍ ଓଦା କପଡ଼ାରେ ବେଶ୍ ଆରାମରେ ପୋଛିନେବେ ।
- କଂଚା କ୍ଷୀରକୁ ତୁଳାରେ ଭିଜାଇ ଏହି ସ୍ଥାନରେ ୨୦ ମିନିଟ୍ ଦୈନିକ ରଖନ୍ତୁ । ୧ ସପ୍ତାହ ମଧ୍ୟରେ ଆଖି ତଳ କଳାଦାଗର ପ୍ରଭାବ କମ୍ ହେବ ।
- ବାଦାମ ତେଲ ଓ ମହୁ ସମାନ ମାତ୍ରରେ ନେଇ ୨ରୁ ୩ ସପ୍ତାହ ଆଖି ତଳ କଳାଦାଗ ପଡ଼ିଥିବା ସ୍ଥାନରେ ଲଗାଇଲେ ଆରାମ ମିଳେ ।
- ଗୋଲାପ ଜଳକୁ ଥଣ୍ଡା ପାଣିରେ ମିଶାଇ ମୁହଁରେ ନିୟମିତ ଛାଟିଲେ ମଧ୍ୟ କଳାଦାଗର ପ୍ରଭାବ ହ୍ରାସ ହୁଏ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୪ ଜାନୁଆରୀ ୨୦୨୧ , ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନିଶା ନିବାରଣ...

କେନ୍ଦ୍ର ସରକାର ଏହା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ କଡ଼ା ଆଇନ୍ ଆଣିବାକୁ ଯାଉଛନ୍ତି। ଏକୋଇଶି ବର୍ଷ ପୂର୍ବରୁ କେହି ଧୂମପାନ କରିପାରିବେ ନାହିଁ ବୋଲି ପ୍ରସ୍ତାବିତ ଆଇନରେ ପ୍ରାବଧାନ ରହିବ। ଏକୋଇଶି ବର୍ଷରୁ ଊଣା ଯେଉଁ ବ୍ୟକ୍ତି ଧୂମପାନ କରିବେ, ତାଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ପ୍ରସ୍ତାବିତ ଆଇନରେ ଉଲ୍ଲଂଘନକାରୀମାନଙ୍କ ଉପରେ ଯେଉଁ ଶକ୍ତ କାର୍ଯ୍ୟାନୁଷ୍ଠାନ ହେବ; ତାହା ହେଉଛି ସାତବର୍ଷ ଜେଲ ସାଙ୍ଗକୁ ଲକ୍ଷେ ଟଙ୍କା ଜରିମାନା। ତାହା ବାଦ୍ ଯେଉଁ ବ୍ୟକ୍ତି ସାଧାରଣରେ ସିଗାରେଟ ଟାଣିବେ, ତାଙ୍କୁ ମଧ୍ୟ ଚଢ଼ା ଦଣ୍ଡ ଦେବାକୁ ହେବ। ବିମାନବନ୍ଦର ଓ ରେଷ୍ଟୋରାଁଗୁଡ଼ିକରେ ଧୂମପାନ ପାଇଁ ଯେଉଁ ସ୍ମୋକିଂ ଜୋନ୍ ରଖାଯାଇଥିଲା, ସେଗୁଡ଼ିକୁ ଶୀଘ୍ର ହଟାଯିବ। ଏହିସବୁ ପ୍ରାବଧାନ ରହିଥିବା ଆଇନ ଲାଗୁ ହେବା ପୂର୍ବରୁ ସରକାର ଜନମତ ଲୋଡ଼ିବେ ବୋଲି କୁହାଯାଉଛି। ଏ ପର୍ଯ୍ୟନ୍ତ ସିଗାରେଟ୍ ଟାଣିବା ନେଇ ସର୍ବନିମ୍ନ ବୟସ ରଖାଯାଇଛି ଅଠର ବର୍ଷ। ଉପସ୍ଥିତ ଆଇନର ଷଷ୍ଠଧାରାରେ ସଂଶୋଧନ କରାଯାଇ ସେହି ବୟସ ସୀମାକୁ ଏକୋଇଶିକୁ ବଢ଼ାଇ ଦିଆଯିବବୋଲି ସ୍ଥିର କରିଛନ୍ତି କେନ୍ଦ୍ର ସରକାର। ସିଗାରେଟ ପ୍ୟାକେଟ ଉପରେ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶମତେ 'ସ୍ମୋକିଂ ଇଜ୍ ଇଂଜୁରିଅସ୍ ଟୁ ହେଲଥ୍' ବୋଲି ଷ୍ଟାଚ୍ୟୁଟରି ୱାର୍ଣ୍ଣିଂ ଲେଖାଯାଉଛି, ତାହା ଧର୍ମକୁ ଆଖିଠାର କହିପାରିବା। କିଶୋର ବୟସର ପିଲାମାନେ ସୁଦ୍ଧା ସିଗାରେଟ୍ ପିଇବା ଭଳି ସଉକ ଆପଣାଇବା କିଭଳି ଚିନ୍ତାଜନକ, ତାହା ସମସ୍ତଙ୍କୁ ଊଣାଅଧିକେ ଜଣା। ସାବାଳକମାନଙ୍କ ଭିତରେ ହୁଏତ ଧୂମପାନ ଭଳିକୁ ଅଭ୍ୟାସ ନେଇ ଜାଗରୁକତା କେତେକ ପରିମାଣରେ ଦେଖାଦେଲାଣି, ହେଲେ ପୌଗଣ୍ଡ (ପାଂଚରୁ ପନ୍ଦର ବୟସର) ମାନେ ବିଡ଼ି-ସିଗାରେଟ୍ ପିଇବାଠାରୁ ଗୁଟ୍‌ଖା ଓ ଖଇନି ଚୋବାଇବା ଅଭ୍ୟାସ କରିସାରିଲେଣି। ବଡ଼ଠାରୁ ସାନ ସମସ୍ତଙ୍କ ଭିତରେ ଗୁଟ୍‌ଖା ଓ ଖଇନି ଅଭ୍ୟାସ ଜବରଦସ୍ତ ବସା ବାନ୍ଧିଦେବା ଫଳରେ ତମାମ୍ ସମାଜ କୁପଥଗାମୀ ହୋଇସାରିଲାଣି କହିଲେ ଭୁଲ ହେବନାହିଁ। ଅନେକଙ୍କ ଧାରଣା ଅଛି କି, ସ୍ମୋକ୍‌ଲେସ୍ ସିଗାରେଟ୍ ବ୍ୟବହାର ଫଳରେ ସେଭଳି କିଛି ହାନି ହେବନାହିଁ। ମାତ୍ର ତାହା ସମ୍ପୂର୍ଣ୍ଣ ଭୁଲ୍। ବାସ୍ତବପକ୍ଷେ ଆମ ଦେଶରେ ଧୂମବିହୀନ ତମାଖୁ ବ୍ୟବହାର କରି ପ୍ରତିବର୍ଷ ୩,୫୦,୦୦୦ଜଣ ମୃତ୍ୟୁମୁଖ୍ୟରେ ପଡ଼ିଥାନ୍ତି। ସାଧାରଣ ଭାବରେ ଧାରଣା, ତମାଖୁ ଉତ୍ପାଦ ଭିତରେ ପାନ ମସଲା, ଖଇନି, ଜର୍ଦ୍ଦା, ଗୁଟ୍‌ଖା ଭଳି ସ୍ୱାସ୍ଥ୍ୟହାନିକର ସାମଗ୍ରୀ ରହିଛି। ଦୁର୍ଭାଗ୍ୟକୁ କେବଳ ଧୂମପାନ ନୁହେଁ, ମଦ୍ୟପାନଠାରୁ ସବୁ ତମାଖୁଜାତ ଚିଜ ଆମର ଜୀବନଚର୍ଯ୍ୟାକୁ ବିକଳ ବିକୃତ କରିସାରିଛି। ଯେଉଁମାନେ ସମାଜପତି ବୋଲାଉଛନ୍ତି, ସେମାନେ ତମାଖୁ ରାକ୍ଷସ ଦ୍ୱାରା କବଳିତ ଥିଲେ ସୁଦ୍ଧା ଧୂମପାନ କଟକଣା ଭଳି ଅଙ୍କୁଶ ସାରା ବ୍ୟବସ୍ଥାକୁ କିଭଳି ସୁଧାରିପାରିବ, ବିଚାରିବାର କଥା। ପୁରୁଷମାନେ ଖଇନି କି' ଗୁଟ୍‌ଖାରେ କାମ ଚଳାଇ ଦିଅନ୍ତି, ମହିଳାମାନେ ପାନ ଚୋବାଇବା ସାଙ୍ଗକୁ ତମାଖୁଜାତ ସାମଗ୍ରୀର ବ୍ୟବହାର କରିଥାନ୍ତି। ତମାଖୁ ଓ ଖଇନି ବ୍ୟବହାର ଦ୍ୱାରା ମୁଖଗହ୍ୱର କର୍କଟ ଭଳି ମାରାତ୍ମ ମହାବ୍ୟାଧି ହୋଇଥାଏ। ଦିନକୁ ପାଖାପାଖି ହଜାରେ ଲୋକ ମୃତ୍ୟୁମୁଖରେ ପଡ଼ିଥାନ୍ତି। ବିଡ଼ି ବ୍ୟବହାର ଗ୍ରାମାଂଚଳରେ ଅଧିକ ହୋଇଥାଏ, ସିଗାରେଟ୍ ଓ ତମାଖୁ ପାଇଁ ଯେଉଁଭଳି ଘାତକ ସୃଷ୍ଟି ହୁଏ, ତାହା ବର୍ଣ୍ଣନାର ବାହାରେ। ଅନୁଧ୍ୟାନରୁ ଜଣାଯାଏ, ତମାଖୁ ବ୍ୟବହାରର କୁପରିଣତି ଭିତରେ ଗଳା କ୍ୟାନସର, ମାରାତ୍ମକ ଦନ୍ତବ୍ୟାଧି ଭଳି ଘାତକକୁ ଡାକି ଅଣାଯାଉଛି। ମୃତ୍ୟୁହାର ବୃଦ୍ଧିର ଏହା ଅନ୍ୟତମ ମୁଖ୍ୟ କାରଣ।

## କବିତା କୋଣାର୍କ

### ମକର ସଂକ୍ରାନ୍ତି...

**ନିରଂଜନ ସାହୁ**

ମଘା ନକ୍ଷତ୍ରରେ ମାଘ ଆସିଲା
ମକର ସଂକ୍ରାନ୍ତି ଦେଖି ହସିଲା।

ସୂର୍ଯ୍ୟ ଅବସ୍ଥାନ ମକର କ୍ରାନ୍ତି
ତେଣୁ ଏ ତିଥି ମକର ସଂକ୍ରାନ୍ତି।

ଦକ୍ଷିଣ ଅୟନ ଗତି ସରିଲା
ଉତ୍ତର ଅୟନ ଆରମ୍ଭ ହେଲା।

ଏଣିକି ଶୀତର ଦାଉ କମିବ
ଖରାର ପ୍ରକୋପ ଏବେ ଜମିବ।

ଦିନ ବଢ଼ି ରାତି ଛୋଟ ହୋଇବ
ଏତେ ଲମ୍ବା ରାତି କିଏ ଶୋଇବ?

ମକର ସଂକ୍ରାନ୍ତି ପଡ଼େ ଚହଳ
ମଠ, ମନ୍ଦିରରେ ଭାରି ଗହଳ।

ଆଦିବାସୀ ଭାଇଭଉଣୀ ମିଶି
ପରବ ପାଳନ୍ତି ହୋଇଣ ଖୁସି।

ମକର ଚାଉଳ ଲାଗିବ ଭୋଗ
ଦିଅଁ ଦରଶନ ମିଳିବ ଯୋଗ।

ମକର ଚାଉଳ ଖୋଇ ଆନକୁ
ମକର ବସିବା ଏହି ସନକୁ।

ଫକୀରମୋହନ ଏହି ଦିବସେ
ଜନ୍ମ ଲଭିଥିବା କଥାଟି ଆସେ।

କରିଲେ ଓଡ଼ିଆ ଭାଷାର ସେବା
ବ୍ୟାସକବି ଭାବେ ସମ୍ମାନ ଦେବା।

ପୋଙ୍ଗଲ ନାମରେ ମକର ପର୍ବ
ପାଳନ ହୁଅଇ ଆଣଇ ଗର୍ବ।

ଆସନ୍ତୁ ମକର ପର୍ବ ପାଳିବା
ସବୁ ବିଭେଦତା ଆମେ ଟାଳିବା।


ନିହଲପ୍ରସାଦ, ଗନ୍ଦିଆପାଟଣା
ଢ଼େଙ୍କାନାଳ-୭୫୯୦୧୬
ମୋ: ୯୯୩୮୭୪୧୫୮୩




# ମୟୂରଭଞ୍ଜ ଲୋକସଂସ୍କୃତିରେ ମକର




ଡକ୍ଟର ଶ୍ରୀହରି ପଣ୍ଡା
ଗୌଡ଼ଗାଁ, କପ୍ତିପଦା,
ମୟୂରଭଞ୍ଜ
ମୋ. ୮୬୫୮୫୦୫୯୭୮


ସଂସ୍କୃତି ସମାଜର ସାମଗ୍ରିକ ଭାବରୂପ, ଏହା ମଧ ଅନ୍ତର୍ଚେତନାର ପ୍ରତିବିମ୍ବ । ସଂସ୍କୃତିର ଆରମ୍ଭ ଅଛି,ବିକାଶ ଅଛି ମାତ୍ର ବିଲୟ ନାହିଁ । ମାନବ ଜାତିର କ୍ରିୟା କର୍ମ ହିଁ ସଂସ୍କୃତିର ପ୍ରାଣଧାର । ଗୋଟିଏ ଜାତିର ସାମାଜିକ ଭାବଭଙ୍ଗୀ ଏହାର ହୃତପିଣ୍ଡ । ଜାତିର ଚାଲିଚଳଣି, ଆଚାର ବିଚାର, ପର୍ବପର୍ବାଣି, ଓଷାବ୍ରତ, ନୃତ୍ୟ-ସଙ୍ଗୀତ, ଇତିହାସ, ଧର୍ମଧାରା, ସ୍ଥାପତ୍ୟ,କଳା-ଭାସ୍କର୍ଯ୍ୟ, ସାହିତ୍ୟ ସର୍ବୋପରି ମାନବର ଦୈନନ୍ଦିନ ଜୀବନର ସୁଖ-ଦୁଃଖର ଭାବାନୁଭୂତି ସଂସ୍କୃତିର ଏକ ଅଙ୍ଗ ଅଟେ । ସୁତରାଂ ମାନବ ସମାଜର ସଂସ୍କୃତି ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଅଟେ ।

ସଂସ୍କୃତି ସମାଜର ସାମଗ୍ରିକ ଭାବରୂପ, ଏହା ମଧ ଅନ୍ତର୍ଚେତନାର ପ୍ରତିବିମ୍ବ । ସଂସ୍କୃତିର ଆରମ୍ଭ ଅଛି,ବିକାଶ ଅଛି ମାତ୍ର ବିଲୟ ନାହିଁ । ମାନବ ଜାତିର କ୍ରିୟା କର୍ମ ହିଁ ସଂସ୍କୃତିର ପ୍ରାଣଧାର । ଗୋଟିଏ ଜାତିର ସାମାଜିକ ଭାବଭଙ୍ଗୀ ଏହାର ହୃତପିଣ୍ଡ । ଜାତିର ଚାଲିଚଳଣି, ଆଚାର ବିଚାର, ପର୍ବପର୍ବାଣି, ଓଷାବ୍ରତ, ନୃତ୍ୟ-ସଙ୍ଗୀତ, ଇତିହାସ, ଧର୍ମଧାରା, ସ୍ଥାପତ୍ୟ,କଳା-ଭାସ୍କର୍ଯ୍ୟ, ସାହିତ୍ୟ ସର୍ବୋପରି ମାନବର ଦୈନନ୍ଦିନ ଜୀବନର ସୁଖ-ଦୁଃଖର ଭାବାନୁଭୂତି ସଂସ୍କୃତିର ଏକ ଅଙ୍ଗ ଅଟେ । ସୁତରାଂ ମାନବ ସମାଜର ସଂସ୍କୃତି ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଅଟେ । ସଂସ୍କୃତିର କ୍ରମବିକାଶରେ ମାନବର ନିଜ ମଧରେ ବୌଦ୍ଧିକ ଚେତନା ସୃଷ୍ଟି ହୁଏ ,ସଂସ୍କୃତିରୁ ମନୁଷ୍ୟ ଶୃଙ୍ଖଳିତ ଜୀବନଯାପନ କରିବାକୁ ପ୍ରେରଣା ପାଏ, ତା'ର ମାନସିକ ଶକ୍ତିର ବୌଦ୍ଧିକ ବିକାଶ ଘଟିଲେ ତା ମନରୁ ପାଶବିକ ପ୍ରବୃତ୍ତି ଲୋପପାଏ । ଏହା ଦ୍ୱାରା ତା ହୃଦୟରେ ଦୈବୀ ମନୋଭାବ ଜାଗ୍ରତ ହୁଏ, ତା ଚିନ୍ତାର ଭୂୟୋବିକାଶ ସାଧିତ ହୁଏ । ସୁତରାଂ ସଂସ୍କୃତି ମାନବ ଜୀବନର ଓ ସମାଜର ଚିରପ୍ରବହମାନ ନିରନ୍ତର ବାରିଧାରା । ବୈଦିକ ସଂସ୍କୃତି କେତେକଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିବା ସ୍ଥଳେ ଲୋକ ସଂସ୍କୃତି ଜନଜୀବନ ପାଇଁ ସହାୟକ ହୋଇପାରେ । ଏଥିରେ ସମାଜର ନିମ୍ନ ଶ୍ରେଣୀର ଲୋକଙ୍କଠାରୁ ଆରମ୍ଭ କରି ଅଶିକ୍ଷିତ ଓ ତଥାକଥିତ ଆଚାରବିଚାର,ବ୍ୟବହାର ଓ ଚାଲିଚଳଣକୁ ଚିହ୍ନି ନଥିବା ବ୍ୟକ୍ତିମାନେ ଅନ୍ତର୍ଭୁକ୍ତ । ଏହି ସଂସ୍କୃତି ବହୁ ସାଧାରଣ ମଣିଷକୁ ବନ୍ଧନରେ ଆବଦ୍ଧ କରି ରଖିବାର ସାମର୍ଥ୍ୟ ଅର୍ଜନ କରିଛି । ଯେଉଁ ସଂସ୍କୃତି, ସାଧାରଣ ଜନତାର ହସ, ଲୁହ, ସୁଖ, ଦୁଃଖ, ନାଚ, ଗୀତ, ଆଚାର, ବିଚାର, ବିଧିବିଧାନ ଏବଂ ଲୋକ ଚରିତ୍ରର ପ୍ରତିଧ୍ୱନି, ତାହା ଲୋକ ସଂସ୍କୃତି ରୂପେ ପରିଚିତ । ଲୋକ ସଂସ୍କୃତିର ପରିସୀମା ବ୍ୟାପକ । ପ୍ରତିଦିନର ଜୀବନ ପ୍ରବାହ ଓ ଆନନ୍ଦ ମଉଛବର ଆଧାର ଭାବେ ଏ ସଂସ୍କୃତି ସାଧାରଣ ଜନତାର ଘରେ ଘରେ ଆଦୃତ ହୋଇଥାଏ । ଜନଜୀବନର ସମସ୍ତ କଳାକୌଶଳ ଓ କୃତିତ୍ୱର ସ୍ୱାକ୍ଷର ବହନ କରି ଏହା ସଜୀବ ଓ ସକ୍ରିୟ । ଲୋକ ସଂସ୍କୃତିର ଧାରା ବହୁ ଦୁରଦୂରାନ୍ତକୁ ପ୍ରସାରିତ ହୋଇଛି । ଲୋକ ସଂସ୍କୃତିର ଶକ୍ତି ଯଥେଷ୍ଟ । ଏହା ଜନତାର ଜୀବନ ଧାରାରେ ଅତ୍ୟନ୍ତ ପ୍ରଭାବଶାଳୀ । ଲୋକ ସଂସ୍କୃତି ବିଭିନ୍ନ ଅଞ୍ଚଳରେ ଆଞ୍ଚଳିକ ଦୃଷ୍ଟିରୁ ପ୍ରାଧାନ୍ୟ ପାଇଥାଏ । ଲୋକସଂସ୍କୃତି ବିଭିନ୍ନ ଅଞ୍ଚଳର ବାହକ । ଆଞ୍ଚଳିକ ଜନତାର ଚଳଣି ଓ ଜୀବନଧାରାର ପ୍ରଣାଳି ସହିତ ଗଢି ଉଠିଥିବା କଳା, ସାହିତ୍ୟ ଓ ପୂଜାପାର୍ବଣକୁ ଭିତ୍ତି କରି ଏହାର ସୃଷ୍ଟି । ବିଭିନ୍ନ ଅଞ୍ଚଳର ଲୋକ ସଂସ୍କୃତି ଭିନ୍ନ ଓ ସ୍ୱତନ୍ତ୍ର । ସଭ୍ୟତାର ବିକାଶ ସହିତ ଆଧୁନିକ ରୁଚିର ପରିବର୍ତ୍ତନ ହେଉଛି । କ୍ରମଶଃ ମଣିଷ ନୂତନ ରୂପରେ ସବୁ ପରିବେଶ ଓ ପରିସ୍ଥିତିକୁ ଗଢି ତୋଳିବାକୁ ଚେଷ୍ଟା କରୁଛି । ତଥାପି ଲୋକ ସଂସ୍କୃତିର ସ୍ୱରୂପ ଯେପରି ମଣିଷ ସମାଜକୁ ଆକୃଷ୍ଟ କରି ରଖିଛି ତାହା ଦେଖି ବିସ୍ମିତ ହେବାକୁ ହୁଏ । ଏହି ଲୋକ ସଂସ୍କୃତି ଅଞ୍ଚଳରୁ ଅଞ୍ଚଳ ଭିନ୍ନ ଓ ଆଞ୍ଚଳିକତାର ପାଣିପବନ ଓ ମାଟିଗୋଡିରେ ପୁଷ୍ଟ । ମୟୂରଭଞ୍ଜର ଲୋକ ସଂସ୍କୃତି ବ୍ୟାପକ । କୁଳାଚାରଠାରୁ ନାଟ୍ୟସଙ୍ଗୀତ ପର୍ଯ୍ୟନ୍ତ ସବୁଥିରେ ଭିନ୍ନ ସ୍ୱାଦ ଓ ଭିନ୍ନଶୈଳୀ ଉପଭୋଗ୍ୟ । ପୁରପଲ୍ଲୀରେ ପରିପୂର୍ଣ୍ଣ ବିଭିନ୍ନ ଦେବାଦେବୀ ଅର୍ଚ୍ଚନା,କ୍ରିଡାକଉତୁକ ଓ ସଂପର୍କ ସ୍ଥାପନ ଭିତରେ ଲୋକ ସଂସ୍କୃତି ଗଢି ଉଠିଛି । ଏହି ସଂସ୍କୃତିରେ ମଣିଷର ଆତ୍ମା ପ୍ରତିବିମ୍ବିତ ହୋଇଛି । ସ୍ୱାଭାବିକତା ଏହାକୁ ଅଧିକ ଆକର୍ଷଣୀୟ କରିପାରିଛି । ଏଠାରେ ବାସ କରୁଥିବା ଆଦିବାସୀ ସମ୍ପ୍ରଦାୟ କନ୍ଧ ଓ କୋହ୍ଲ ଆଦି ଅଧିବାସୀମାନେ, କୃତିମତାଠାରୁ ନିଜକୁ ବହୁଦୂରରେ ରଖି, ଲୋକ ସଂସ୍କୃତିର ବିଶେଷ ଅଂଶକୁ ବଞ୍ଚାଇ ପାରିଛନ୍ତି । ଏ ଅଞ୍ଚଳର ଲୋକଦେବତା, ଲୋକକଳା, ଲୋକ ଜୀବନଧାରା, ଲୋକାଚାର, ଲୋକସଂସ୍କାର, ଲୋକନାଟକ ଓ ଲୋକଗୀତି ପ୍ରଭୃତି ଏହାର ସାମାଜିକ ଜୀବନ ସହିତ ଓତଃପ୍ରୋତ ଭାବେ ଜଡିତ । ଆଧୁନିକ ଜୀବନଧାରା ନୂତନମୁଖୀ ହେଲେ ସୁଦ୍ଧା, ଲୋକସଂସ୍କୃତିର ପ୍ରଭାବ ସବୁଠି ଅନୁଭୂତ ହୋଇଥାଏ । ଉନ୍ନୀତ ସାଂସ୍କୃତିକ ପରଂପରା, ଲୋକସଂସ୍କୃତିକୁ ଭିତ୍ତିକରି ଗଢି ଉଠିଛି । ଭାରତର ଆତ୍ମା ସେହି ସଂସ୍କୃତିର ଅନ୍ତରଙ୍ଗତାରେ ଆବଦ୍ଧହୋଇ ରହିଛି, ଏଥିରେ ଦ୍ୱିମତ ନାହିଁ । ଆଜିର ସଂସ୍କୃତି ବାହ୍ୟ ଆଡମ୍ବରରେ ସମୃଦ୍ଧ ହେଉଥିବାବେଳେ, ସଂସ୍କୃତିର ଅନ୍ତର୍ଚେତନା ଲୋକ ସଂସ୍କୃତିର ପ୍ରତୀକ ହୋଇ ମୂର୍ତ୍ତିମନ୍ତ ଭାବେ ଜୀବନ୍ତ ରହିପାରୁଥିବା ତା'ଶକ୍ତିଶାଳୀତା ଓ ଲୋକପ୍ରିୟତାର ନିଦର୍ଶନ । ଆଦିବାସୀ ବହୁଳ ଅଞ୍ଚଳ ମୟୂରଭଞ୍ଜର ଆଦିବାସୀମାନଙ୍କ ଚାଲିଚଳଣ, ପରମ୍ପରା ଓ ସାମାଜିକ ଜୀବନ ଧାରା ଆଦିକୁ ଦୃଷ୍ଟି ଦେଲେ ଜଣାଯାଏ, ଏ ସଂସ୍କୃତିର ପ୍ରାଣସତ୍ତା ବହୁ ପ୍ରାଚୀନ । ଏମାନେ କୌଣସି କଟକଣା ଓ ଆବଦ୍ଧ ନୀତିର ଶୃଙ୍ଖଳ ମଧରେ ନରହି ଯେପରି ମୁକ୍ତ ଭାବରେ ନୃତ୍ୟ ଓ ଅଭିନୟ କରନ୍ତି, ତାହା ଅତ୍ୟନ୍ତ ଚିତ୍ତାକର୍ଷକ । ଏହାକୁ ପରିବେଶଣ ସମୟରେ ଆଦିବାସୀ ଯୁବକ ଯୁବତୀମାନେ ବିଶୃଙ୍ଖଳ ବା ଅସଂଯତ ହେବାର ଦେଖାଯାଏନାହିଁ । ଜିଲ୍ଲାର ଅଧିବାସୀମାନଙ୍କର ଜନ୍ମକାଳ ସ୍ଥିର କରିବା କଠିନ । ସେମାନେ ଅନ୍ୟସ୍ଥାନରୁ ଆସି ଏଠାରେ ବସବାସ କରିନାହାନ୍ତି କିମ୍ବା ଏଠାରୁ କୌଣସି ଆଦିବାସୀ ପରିବାର ଅନ୍ୟତ୍ର ଚାଲିଯିବାର ଦେଖାଯାଇନାହିଁ । ସିମିଳିପାଳ ଅଭୟାରଣ୍ୟ ଭିତରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ଗୃହ, କାନ୍ଥ ଓ ଅଗଣାର ସାଜସଜ୍ଜା ହେଉଛି ଲୋକକଳାର ପ୍ରତିନିଧି । ପର୍ବପର୍ବାଣୀ ସମୟରେ ସେମାନେ ଯେପରି ଯତ୍ନ ଓ ଆନ୍ତରିକତା ସହିତ ଝୋଟିପକାଇ, ବିଭିନ୍ନ ଚିତ୍ର ସୃଷ୍ଟି କରନ୍ତି, ତାହା ସେମାନଙ୍କ ଗୃହର



ସୌନ୍ଦର୍ଯ୍ୟକୁ ବହୁ ଗୁଣିତ କରଦିଏ ।

ଭଞ୍ଜଭୂମି ମୟୂରଭଞ୍ଜରେ ବର୍ଷତମାମ ବିଭିନ୍ନ ଯାନିଯାତ୍ରା, ପର୍ବପର୍ବାଣି ଲାଗି ରହିଥାଏ । ବିଭିନ୍ନ ସଂପ୍ରଦାୟର ଲୋକମାନେ ଏଠାରେ ବାରମାସରେ ତେର ପର୍ବ ପାଳନ କରିଥାନ୍ତି । ମୟୂରଭଞ୍ଜରେ ମକର ପର୍ବ ହେଉଛି ପ୍ରମୁଖ ଗଣପର୍ବ । ମାଘମାସରର ପ୍ରଥମ ଦିନ ମକର ପର୍ବ ପାଳିତ ହୁଏ । ଏହି ସମୟରେ ଧାନ ଅମଳ ସରି ଯାଇଥାଏ । ସେଥିପାଇଁ ଲୋକମାନେ ଆନନ୍ଦରେ ଏହି ଉତ୍ସବ ପାଳନ କରନ୍ତି । ଏହି ପର୍ବକୁ ତିନି ଦିନ ଧରି ପାଳନ କରାଗଲେ ହେଁ, ମାସକ ପୂର୍ବରୁ ଏଥିପାଇଁ ପ୍ରସ୍ତୁତି ଚାଲିଥାଏ । ତିନିଦିନଯାକ ପର୍ବର ବୈଶିଷ୍ଟ୍ୟ ରହିଛି । ମକର ସଂକ୍ରାନ୍ତି ଦିନ ଏହି ମକର ପର୍ବ ପାଳନ କରାଗଲେ ହେଁ, ପର୍ବର ଦୁଇଦିନ ପୂର୍ବରୁ ଏହା ଆରମ୍ଭ ହୋଇଥାଏ । ପ୍ରଥମ ଦିନକୁ 'ଚାଉଳଧୂଆ'କୁହାଯାଏ । ନୂତନ ଟୋକେଇକୁ ଅରୁଆ ଚାଉଳରେ ପୂର୍ଣ୍ଣ କରାଯାଏ । ଘରର ଗୃହିଣୀମାନେ ଅରୁଆ ଚାଉଳକୁ ଯତ୍ନର ସହିତ ଧୂଅନ୍ତି । ସେହି ଧୂଆ ଅରୁଆ ଚାଉଳରୁ ଚୂନା ପ୍ରସ୍ତୁତ ହୁଏ । ଦ୍ୱିତୀୟ ଦିବସ 'ବାହୁଣ୍ଡି'ନାମରେ ପରିଚିତ । ବିଲରୁ ସବୁ ଧାନ କାଟି ଆଣିବା ସମୟରେ, ଗୋଟିଏ ଧାନମେଣ୍ଡାକୁ ବିଲରେ ଛାଡ଼ି ଦିଆଯାଇଥାଏ । ସେହିଦିନ ଚାଷୀକୁଳ ଛଡା ଯାଇଥିବା ଧାନ ମେଣ୍ଡାକୁ ମାଟି ସହିତ ଆଣି ଘରେ ରଖନ୍ତି । ଚଉରା ମୂଳରେ ଏହି ଧାନ ମେଣ୍ଡାକୁ ରଖିବା ପରେ, ଗୃହରେ ଥିବା ସେର, ତେଲଘଡି, କଣା, ପଇଲା ଓ ପାଲ ଆଦିକୁ ଅଣାଯାଇ ଚଉରା ମୂଳରେ ରଖାଯାଏ । ଗୃହିଣୀମାନେ ସକାଳୁ ଗାଧୋଇ ଆସି, ଚଉରା ମୂଳରେ ଥିବା ମେଣ୍ଡାରେ ସିନ୍ଦୁର ଓ ଚନ୍ଦନ ଦିଅନ୍ତି । ଏହି କାର୍ଯ୍ୟକ୍ରମକୁ 'ବାହୁଣ୍ଡି ବନ୍ଧା'ବୋଲି କହନ୍ତି । ପରଦିନ ମକର ପର୍ବ ପାଳିତ ହୁଏ । ତା'ପୂର୍ବ ରାତିରୁ ନଦୀ ଓ ପୋଖରୀ ତୁଠ ନିକଟବର୍ତ୍ତୀ ହୁଡ଼ାରେ 'ଅଘିରା'ର ବ୍ୟବସ୍ଥା ହୋଇଥାଏ । କୁଟା ଛଅଣ ଓ ଅନ୍ୟାନ୍ୟ କାଠିରେ ଏହା ଘୋଡା ହୋଇ ରଖାଯାଇଥାଏ । ବଡି ଭୋରରୁ ଗାଧୋଇବା ପାଇଁ ଯିବାବେଳେ, ସେହି ଅଘିରାରେ ନିଆଁ ଲଗାଯାଏ । ନଦୀ ଓ ପୋଖରୀ ତୁଠରେ କୀର୍ତ୍ତନ ଚାଲିଥାଏ । ଯେଉଁମାନେ କୀର୍ତ୍ତନ କରନ୍ତି, ସେମାନେ ରାତି ନପାହୁଣୁ ସ୍ନାନ ଶେଷ କରିଥାନ୍ତି । ସେଦିନ ଖସାଲଡୁ, ମକର ଚାଉଳ ଓ ତିଳଡ ଆଦି ଭୋଗ କରାଯାଏ । ସେହି ଭୋଗକୁ ସମସ୍ତେ ଗାଧୋଇ ଆସି ପାଇ, ପରମ ତୃପ୍ତି ଲାଭ କରନ୍ତି । ପିଠାପଣା ଓ ମଉଜ ମଜଲିସର ପର୍ବ ଭାବେ ଏହାକୁ ପଳାନ କରାଯାଏ ।

ବାମନଘାଟି ସବଡିଭିଜନ ଅନ୍ତର୍ଗତ ଘୁମାଣ, ସରକାଣ୍ଡ ବନ୍ଧ ରାଣୀବନ୍ଧ, ଆହାର ବନ୍ଧ ଓ ଦଲ୍ଲିକ ବନ୍ଧ ପ୍ରଭୃତି ସ୍ଥାନରେ ଏହିଦିନ ମେଳାମାନ ହୁଏ । କପ୍ତିପଦା ସବଡିଭିଜନ ଅନ୍ତର୍ଗତ ଗୌଡଗାଁ ନିକଟସ୍ଥ ଟାଙ୍ଗରାଶୁଣି ଓ ଶମୀବୃକ୍ଷଠାରେ ମେଳା ହୋଇଥାଏ । ପାଞ୍ଚପୀଢ ସବଡିଭିଜନ ଅନ୍ତର୍ଗତ କେଶରୀକୁଣ୍ଡ ଓ ସମିଗାଁ ପ୍ରଭୃତି ସ୍ଥାନରେ ଏହି ଦିନ ମେଳା ହୁଏ । ଖିଚିଂର ଦୋମୁହାଣି ଏବଂ ଯଶୀପୁର ଅନ୍ତର୍ଗତ ରାମଗିରି ଠାରେ ସେହି ମକର ସଂକ୍ରାନ୍ତି ଅବସରରେ ମେଳା ଅନୁଷ୍ଠିତ ହୁଏ । ଏହି ଦିନ ଆଦିବାସୀ ସମ୍ପ୍ରଦାୟ ପକ୍ଷରୁ ଭିନ୍ନ ପ୍ରକାରର 'ମାଙ୍କଡ ନାଚ' କରାଯାଇଥାଏ । ସେମାନେ ଏହାକୁ 'ଗାଳିଏ ନେଜ୍'କହନ୍ତି । ସେମାନେ ବିଭିନ୍ନ ରଙ୍ଗରେ ନିଜକୁ ଚିତ୍ର ବିଚିତ୍ର କରି, ଘର ଘର ବୁଲି ଅଭିନୟ ଦେଖାନ୍ତି । ଅଭିନୟ ବେଳେ ଯାହା ସବୁ ପିଠା, ଧାନ ଓ ଚାଉଳ ଆଦି ମାଗି ଆଣିଥାଆନ୍ତି, ସେଥିରେ ଭୋଜି କରାଯାଏ । ଗାଁ ମୁଣ୍ଡରେ ଏକାଠି ବସି ସମସ୍ତେ ଏହାକୁ ଉପଭୋଗ କରନ୍ତି । ମକର ସଂକ୍ରାନ୍ତି ଗୋଟିଏ ଦିନ ପାଇଁ ଅନୁଭବ କରା ଯାଉଥିବାବେଳେ, ମୟୂରଭଞ୍ଜ ଅଞ୍ଚଳରେ ଏହାକୁ ଗୋଟାଏ ମାସ ଅନୁଭବ କରାଯାଏ । ମାଘ ମାସକୁ ଏ ଅଞ୍ଚଳରେ 'ମକର ମାସ'ବୋଲି କହିଥାନ୍ତି । ସେ ଅଞ୍ଚଳରେ ମକର ପର୍ବର ଗୁରୁତ୍ୱ ସମସ୍ତେ ଅନୁଭବ କରିପାରନ୍ତି ।

# ଏକଲ ଅଭିଯାନର ରଜତ ଜୟନ୍ତୀ ଉତ୍ସବ




ରିତାଞ୍ଜଳୀ ପ୍ରଧାନ


ଚାହୁଁ ଚାହୁଁ ଇତି ମଧରେ ଦିର୍ଘ ୨୫ ବର୍ଷ ବିତିଗଲାଣି ତେଣୁ ଚଳିତ ବର୍ଷ ଏକଲ ଅଭିଯାନ ତରଫରୁ ରଜତ ଜୟନ୍ତୀ ଉତ୍ସବ ପାଳିତ ହେଉଛି । ବନବନ୍ଧୁ ପରିଷଦ ଦ୍ୱାରା ପରିଚାଳିତ ଏକଲ ଅଭିଯାନର ରଜତ ଜୟନ୍ତୀ ଉତ୍ସବଟିକୁ ପାଳନ କରିବା ପାଇଁ ୩ ମାସର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଗତ ଡ଼ିସେମ୍ବର ମାସରୁ ଏହି ରଜତ ଜୟନ୍ତୀ ଉତ୍ସବର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଆସନ୍ତା ଫେବୃଆରୀ ମାସରେ ଏହା ଉଦ୍‌ଯାପିତ ହେବ ବୋଲି ପୂର୍ବରୁ ଘୋଷଣା କରାଯାଇଛି । ତେଣୁ ଏହି ୩ମାସ ଧରି ସମଗ୍ର ଭାରତବର୍ଷରେ ଥିବା ଏକଲ ଅଭିଯାନର ଶାଖା ମାନଙ୍କରେ ନିୟମିତ ହରିକଥା ପ୍ରବଚନ ଚାଲିଥିବା ବେଳେ ଠାଏ ଠାଏ ଭାଗବତ ପାଠ ଓ କେତକ ସ୍ଥାନରେ ଭଜନ କିର୍ତ୍ତନ, ସତ୍‌ସଙ୍ଗର ମାହଲ ଦେଖିବାକୁ ମିଳୁଛି । ଏହା ଯେଉଁ ପ୍ରକାର ଆଧାତ୍ମିକ ପରିବେଶ ସୃଷ୍ଟି କରୁଛି ସେଥିରେ ଲୋକେ ଖୁବ୍ ଆନନ୍ଦ ଅନୁଭବ କରୁଛନ୍ତି । କେତକ ସ୍ଥାନରେ ଏ ପ୍ରକାର ପରିବେଶ ବର୍ଷସାରା ଯଦି ରୁହନ୍ତା ଖୁବ୍ ଭଲ ହୁଅନ୍ତା ବୋଲି ଲୋକେ ମତା ମତ ଦେଉଥିବାର ଶୁଣିବାକୁ ମିଳୁଛି । ସେହିପରି ଦେଶସେବାରେ କାର୍ଯ୍ୟରତ ଥିବା ଓ ବର୍ତ୍ତମାନ ଅବସର ନେଇଥିବା ପୁର୍ବତନ ସୈନିକ ମାନଙ୍କୁ ମଧ ଏକଲ ଅଭିଯାନ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି । ଏହା ମଧ ରଜତ ଜୟନ୍ତୀ ଉତ୍ସବ ପାଳନର ଏକ ଅଂଶ ଭାବରେ ଏକଲ ଅଭିଯାନ ତରଫରୁ ଗ୍ରହଣ କରାଯାଇଛି । ଖାଲି ସେତିକି ନୁହେଁ ଗୋମାତା ପୂଜନ ସହିତ, ଘରେ ଘରେ ଲୋକେ କିପରି ଗୋରୁ ଗାଈ ରଖିବେ ଏବଂ ପୁର୍ବର ସଂସ୍କୃତିକୁ ଫେରାଇ ଆଣିବେ ସେଥିପାଇଁ ମଧ ସଚେତନତାର ବାର୍ତ୍ତା ବଣ୍ଟା ଯାଉଛି । ଏବେ ମଧ ଯେଉଁ ବ୍ୟକ୍ତି ଘରେ ଗାଈ ଗୋରୁ ପାଳନ କରୁଥିବେ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଏହି ରଜତ ଜୟନ୍ତୀ ଉତ୍ସବରେ ରହିଛି । ଘର ସମ୍ମୁଖରେ ତୁଳସୀ ଚଉରା ବନାଇବା ଓ ନିୟମିତ ତୁଳସୀ ଗଛକୁ ପୂଜା କରିବା ଦ୍ୱାରା ମିଳୁଥିବା ଉପକାର ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଉଛି । ତେବେ ଏ ସମସ୍ତ କାର୍ଯ୍ୟକ୍ରମ ରଜତ ଜୟନ୍ତୀ ଉତ୍ସବ ଉପଲକ୍ଷେ ହାତକୁ ନିଆଯାଇଛି । ଏବେ ମୁଁ ଏକଲ ଅଭିଯାନର ନିୟମିତ କାର୍ଯ୍ୟକ୍ରମ ସମ୍ପର୍କରେ କିଛି କହୁଛି ।

ଏକଲ ଅଭିଯାନ ଏକ ସାମାଜିକ ସଂଗଠନ । ଯାହାର ପ୍ରାଥମିକ ପ୍ରତିଷ୍ଠା ବନବାସୀ ଭାଇ ଭଉଣୀ ମାନଙ୍କ ପାଇଁ । ଏହି ଅଭିଯାନର ଅନେକ ଗୁଡ଼ିଏ ଆୟାମ ରହିଛି , ସେଥିରୁ ପ୍ରାଥମିକ ଶିକ୍ଷା ମାଧ୍ୟମରେ ବନବାସୀ ଭାଇ ଭଉଣୀ ମାନେ ଶିକ୍ଷିତ ହୋଇ ପାରୁଛନ୍ତି, ଗତି ବିଧିର ଆରୋଗ୍ୟ ଶିକ୍ଷା ସମାଜର ଲୋକ ମାନଙ୍କୁ ସଚେତନତା ଆଣି ଦେଇଛି, ଏହି ଶିକ୍ଷା ମାଧ୍ୟମରେ ଲୋକ ମାନଙ୍କ ପାଖରେ ହଜି ଯାଇଥିବା ଆୟୁର୍ବେଦ ଜଡ଼ିବୁଟି ସମ୍ବନ୍ଧରେ ଲୋକଙ୍କୁ ବହୁତ ସାହାଯ୍ୟ ମିଳିପାରୁଛି । ତାସହିତ ସମାଜର ଅଜ୍ଞ ଲୋକଙ୍କୁ ଗ୍ରାମ ବିକାଶ ମାଧ୍ୟମରେ ଗ୍ରାମରେ ବହୁତ ଉନ୍ନତି ମୂଳକ କାର୍ଯ୍ୟ ତଥା ଜମିକୁ ଜୈବିକ କ୍ଷେତରେ ପରିଣତ କରିବା ସୁସ୍ଥ ଓ ନୀରୋଗ ରହିବା ପାଇଁ ରାସାୟନିକ ସାରର ପ୍ରୟୋଗ ନକରିବାକୁ ଶିକ୍ଷା ଦେଇ ପାରିଛି ତଥା ସରକାରୀ ଯୋଜନା ମାଧ୍ୟମରେ ଲୋକେ କେମିତି ଲାଭ ଉଠାଇ ପାରିବେ , ପ୍ରତିଯୋଜନାର ଉଚିତ ବିନିଯୋଗ କରିପାରିବେ, ନିଜ ଅନ୍ୟର ଇଚ୍ଛାରେ ପରିଚାଳିତ ନହୋଇ ନିଜର ଅଧିକାର ନିଜେ କେମିତି ପାଇପାରିବେ ତାପାଇଁ ସୂଚନା ଅଧିକାର ଆଇନ ମାଧ୍ୟମରେ ପାଇ ପାରୁଛନ୍ତି । ଏ ସବୁ ବିଷୟରେ ଏକଲ ଅଭିଯାନ ଗ୍ରାମବାସୀ ତଥା ବନବାସୀ ପରିବାରକୁ ସାହାଯ୍ୟ କରିପାରୁଛି । ତତ୍ ସହିତ ଗାଁ ଗାଁରେ ସତସଙ୍ଗ, ଭଗବତ ଚିନ୍ତା ଚେତନା ମାଧ୍ୟମରେ ଲୋକଙ୍କୁ କିପରି ସଂସ୍କାରିତ କରିହେବ ତା ବିଷୟରେ ଏକଲ ଅଭିଯାନ ଚେଷ୍ଟା ଚଳାଇଛି । ଏହି ସତସଙ୍ଗ ଗାଁ ଗାଁରେ ଲୋକଙ୍କୁ ଏକତ୍ରିତ କରି ଏକଲ ଅଭିଯାନର ଅନ୍ୟ ଏକ ଆୟାମ ହରିକଥା ଯୋଜନା ଦିର୍ଘ ୨୫ ବର୍ଷ ଧରି ଚାଲି ଆସୁଅଛି । ଏବଂ ୨୦୨୦ରେ ଏହାର ୨୫ ବର୍ଷ ପୁର୍ତ୍ତି ଅବସରରେ ଏକଲ ଅଭିଯାନ ଏହି ଯୋଜନାର ରଜତ ଜୟନ୍ତି ଉତ୍ସବ ପାଳନ କରୁଅଛି । ଏହି ଅବସରରେ ମୋର ହିନ୍ଦୁ ଭାଇ ଭଉଣୀ ମାନଙ୍କୁ ଅନୁରୋଧ ଏକଲ ଅଭିଯାନର ଏହି ଆୟାମକୁ ଦେଶର କୋଣ ଅନୁକୋଣରେ ହରି କଥା, କୃଷ୍ଣ କଥା ତଥା ଭଗବତ ଚିନ୍ତା ଓ ଚେତନା ନପହଞ୍ଚିଛି ତେବେ ସବୁଠି ପହଞ୍ଚାଇବା ଉଚିତ । ସତସଙ୍ଗ ମଣିଷକୁ ଖୁବ୍ ସୁଖ ଓ ଶାନ୍ତି ପ୍ରଦାନ କରେ । ମନକୁ ପବିତ୍ର ନିରୋଗ ରଖେ । ସମାଜକୁ ସଂସ୍କାରିକ କରେ । ଅମଣିଷକୁ ମଣିଷରେ ପରିଣତ କରେ ତେଣୁ ମୋର ସମସ୍ତ ଭାଇ ଭଉଣୀଙ୍କୁ ବିନମ୍ର ଅନୁରୋଧ କି ଉକ୍ତ ରଜତ ଜୟନ୍ତୀକୁ ସମସ୍ତେ ସମ୍ମାନ ଦିଅନ୍ତୁ ଏବଂ ନିଜକୁ ସଂସ୍କାରିତ କରନ୍ତୁ ।


+ସଞ୍ଚ ପ୍ରମୁଖ,
ଗୋପବନ୍ଧୁନଗର, ମୟୂରଭଞ୍ଜ


## କବିତା କୋଣାର୍କ

### ପାଦପ ପୂଜନ,ପ୍ରକୃତି ସୁରକ୍ଷା....

**ବିନୟ ଭୂଷଣ ପାଣିଗ୍ରାହୀ**

ଶୀତଋତୁ ଯିବ ବସନ୍ତ ଆସିବ
ସନ୍ଧିକ୍ଷଣ ଅଟେ ଏଇ,
ଅମାବାସ୍ୟା ଆସି ପହଂଚି ଗଲାଣି
ବକୁଳେ ସ୍ୱାଗତ ପାଇଁ।

ବସନ୍ତ ଆସିଲେ ଉତ୍ତରା ପବନ
ଉତ୍ତରକୁ ଯିବ ଫେରି,
ଦକ୍ଷିଣ ଦିଶାରୁ ମୃଦୁ ସମୀରଣ
ଆସିବ ଧୀରେ ସଂଚରି।

ଥରିବନି ଦେହ ବୋହିବନି ଝାଳ
ବୋହିଲେ ମଳୟ ବାଆ,
ଆମ୍ବ ବଉଳିବ ପଣସ ଫଳିବ
ବାସ ଚହଟିବ ଆହା !

ଜାତିଜାତି ଫୁଲ ବାରି ବଗିଚାରେ
ହସିବେ ପାଖୁଡା ମେଲି,
ପତ୍ର ଗହଳରୁ ସୁମଧୁର କଣ୍ଠେ
ଗୀତ ଗାଇବ କୋଇଲି।

ଚୂନା କୁଟିଲେଣି ମାଆ-ଖୁଡି ମାନେ
କରିବେ ମଣ୍ଡା-ଗଇଁଠା,
ଭରିବେ ତହିଁରେ ଗୁଡ଼ ଛେନା ପୁର
ଲାଗିବ ଆହାକି ମିଠା।

ପାଦପ ଦେବତା ପୂଜିବେ ସଭିଏଁ
ପୂଜିବେ ପୁଣି ଇଶାଣ,
ବଉଳ ବସିବେ କୁଆଁରୀ ସାଥୀଏ
ପୁରୁଣା ଏ ରୀତି ଜାଣ।

ବାରମାସେ ବାର ଅମାବାସ୍ୟା ମଧେ
ଏ ଅମାବାସ୍ୟା ସ୍ୱତନ୍ତ୍ର,
ଅତି ସାଧାରଣ ଅଟେ ପୂଜାବିଧି
ନାହିଁ ଧରାବନ୍ଧା ମନ୍ତ୍ର।

ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷେ ସର୍ବେ
ପାଳନ୍ତି ଏହି ପର୍ବକୁ,
ଯାହାକୁ ଯେମିତି ପସନ୍ଦ ସେମିତି
ପୂଜନ୍ତି ପ୍ରକୃତି ମା'କୁ।

ପ୍ରକୃତି ଦେବତା ରୁଷିଲେ ଧରାରେ
ବିପନ୍ନ ହେବ ଜୀବନ
ତା'ସୁରକ୍ଷା ପାଇଁ କରିବା ଶପଥ
ଏଇ ଅମାବାସ୍ୟା ଦିନ।


ହରସିଂହ ପୁର, ପିରହାଟ ବଜାର,
ଭଦ୍ରକ-୩୧
ମୋ: ୯୯୩୭୫୪୮୪୩୧


### ଯିବ ଯଦି ଦେଖି ମକର ମେଳା...

**ଅଶୋକ କୁମାର ପ୍ରଧାନ**

କହିଲେ ବୋଉ ରେ କୁନା ମୁନା
ଯିବ ଯଦି ଦେଖି ମକର ମେଳା
ମେଳା ଦେଖିବ ମଜା କରିବ
ଫେରି ଆସିବ ଉପର ବେଳା।

କୁଆଡେ ତୁମେ ଗଲେ ମୋ ଧନ
ମନଟା ମୋର ବୁଝୁନି ଜମା
ତୁମେ ନଥିଲେ ଘରେ ମୋ କାହିଁ
ଦିନରେ ଘୋଟି ଆସୁଛି ଅମା।

କହୁଛି ଶୁଣ ଭିଡ ଭିତରେ
ଜମାରୁ ତୁମେ ପଶିବ ନାହିଁ
ଦୂରେଇ ଟିକେ ରହିବ ଭଲା
ଡର କେବଳ କରୋନା ପାଇଁ।

ମୁହଁରୁ ତୁମେ ମାସ୍କ ତୁମର
କାଢିବ ନାହିଁ ମୋ ଗେଲା ଧନ
କାହିଁ କେଜାଣି ଅସ୍ଥିର ହୁଏ
ମୋହର ଏହି ଓଲୁଣି ମନ।

ଆଗ କାଳେ ମୁଁ ଦେଖି ନଥିଲି
କରୋନା ପରି ବିପଦ ଜମା
ଖଟି ଖାଇକି ହସ ଖୁସିରେ
କଟିଲା ଆମ ବୟସ ସୀମା।

କି ଯୁଗ ହେଲା ଆସିରେ ଏବେ
ଜମାରୁ କିଛି ହେଉନି ହାଣି
ଏ ରୋଗରାଗ ଚଳଣି ଦେଖି
ହୃଦୟ ମୋର ହେଉଛି ହାଣି।

ଯାଉଛ ଯଦି ମକର ମେଳା
ମନା ମୁଁ କେବେ କରିନି ପିଲେ
ଏମେଳା ଆମ ଜୀବନେ ପରା
ଏକତା ହେବା ଶିଖାଏ ଭଲେ।

ଦେଶ ବିଦେଶୁ ଦୂରରାଇଜୁ
ଆସନ୍ତି ଭାଇ ଭଉଣୀ ଯେତେ
ବରଷ ଯାକ କଷ୍ଟକୁ ଭୁଲି
ମନର କଥା ହୁଅନ୍ତି କେତେ।

ସ୍ନେହ ମମତା ଭକତି କଥା
ଏହି ପରବ ବାରତା ଦିଏ
ମନରୁ ହରି ଦୁଃଖ ସନ୍ତାପ
ମନକୁ ଭଲ ବାଟରେ ନିଏ।

ଆମ ପରବ କେଡେ ଗରବ
ଶିଖାଏ କେତେ ଅମୂଲ୍ୟ ଶିକ୍ଷା
ତାହକୁ ନେଇ ଜୀବନେ ତୁମେ
କରିବ ପିଲେ ଅସଲ ଦୀକ୍ଷା।

ମନ ତୁମର ନିର୍ମଳ ହେବ
ରହିବ ନାହିଁ କଷଣ କେବେ
ହସ ଖୁସିରେ ରହିବ ସଦା
ବୁଝିବ ମେଳା ମହତ୍ ତେବେ।

ବୋଉର କଥା ଶୁଣିକି ଦୁହେଁ
ଖୁସିରେ ମେଳା ଦେଖିଲେ ଯାଇ
ବେଳ ଥାଇକି ଆସିଲେ ଫେରି
ଏକତା ମୈତ୍ରୀ ଗୀତକୁ ଗାଇ।


+ଶିକ୍ଷକ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ ,ଗଞ୍ଜାମ
ମୋ-୮୨୪୯୧୧୯୧୩୦

## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

**ଭାଗ-୨**

ଡ. ସିନ୍ଧୁ ସେନ



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

ଜୀବନର ଅନେକ କଥା । ଅସରନ୍ତି ଗାଥା । ଯାହା କହି ହୁଏନି କି ଦେଖାଇ ହୁଏନି । ଜୀବନ ଭରି ସଂଗ୍ରାମ, ଜ୍ୱାଳା, ଯନ୍ତ୍ରଣା, ଅଶ୍ରୁ, ବ୍ୟଥାଭରା ଦୀର୍ଘଶ୍ୱାସ ସବୁକୁ ମୁଁ ଛାତିକୁ ପଥର କରି ଦେହରେ ମାରି ଦେଇଛି । ସେ କଥା ଅନ୍ୟମାନେ କେହି ଜାଣିପାରି ନାହାଁନ୍ତି । ହେଲେ ଭବିଷ୍ୟତରେ ଇତିହାସ ପୃଷ୍ଠାରେ ଲିଖିତ ମୋର ଏ ଆତ୍ମକାହାଣୀ ପଢ଼ି ମୋତେ ତ ଚିହ୍ନିବାକୁ ଅବକାଶ ପାଇବ । କାଳର ବକ୍ଷରେ ମୁଁ ହେବି ଚର୍ଚ୍ଚିତ । ଏ ଜଗତ ମୋତେ ଆଙ୍ଗୁଳି ଦେଖାଇ ଉପହାସ କରିବ । ହେଲେ, ସେମାନେ କାହୁଁ ବୁଝିବେ, କି ଭଳି କେଉଁ ପରିସ୍ଥିତିରେ ପଡ଼ି ମୁଁ ଅଧର୍ମର ପକ୍ଷକୁ ସମର୍ଥନ କରିଥିଲି । ଦୁର୍ଯ୍ୟୋଧନକୁ ପରମ ମିତ୍ର କରିଥିଲି । ମୋର ନିଜସ୍ୱ ବିଜୟ ପାଇଁ ଯେତେ ନୁହେଁ, ମିତ୍ରର ବିଜୟ ପାଇଁ ସାରା ଜୀବନକୁ ଉର୍ତ୍ସଗୀକୃତ କରିଥିଲି । ମିତ୍ରତାର ଅଯାଚିତ ଦାନରେ ମୁଁ କେବେ ଭରି ଦେଇ ନଥିଲି ବିଷ, ଛଳନା, ଛନ୍ଦ କିମ୍ବା କପଟତା, ବରଂ ସବୁକୁ ଜାଣିବି, ସାରାଜୀବନ ଯାକ ଅଧର୍ମକୁ ସମର୍ଥନ କରିଥିଲି। ମୁଁ ବି ତ ଜଣେ ରକ୍ତ, ମାଂସଧାରୀ ମଣିଷଟିଏ । ଦେବତାଙ୍କ ଔରସରୁ ଜନ୍ମ ନେଇଥିଲେ ବି ସାଧାରଣ ମଣିଷର ସହଜାତ ଗୁଣ ତ ଭରି ରହିଥିଲା ମୋରି ରକ୍ତରେ । ତେଣୁ, କେମିତି ମୁଁ ସ୍ୱାର୍ଥପର ହୋଇପଡ଼ିଥାନ୍ତି ଯେ, ମିତ୍ର ପ୍ରେମର ରଜ୍ଜୁରେ ମୁଁ ଶକ୍ତଭାବେ ବାନ୍ଧି ହୋଇ ପଡ଼ିଥିଲି । ମିତ୍ରତାର ବିବଶତାରେ ମୁଁ ବା କ'ଣ ଆଉ କରିଥାଇ ପାରନ୍ତି । ଦୁର୍ଯ୍ୟୋଧନ ହିଁ ଥିଲେ ମୋ ପ୍ରାଣର ସ୍ପନ୍ଦନ, ନିଃଶ୍ୱାସର ପବନ । ଏକ ଉପଯୁକ୍ତ ମିତ୍ରର ପ୍ରତିଦାନ ଦେବା କ'ଣ ଭୁଲ, ଅପରାଧ ? ମୁଁ ତ ମିତ୍ରଦ୍ରୋହୀ ନଥିଲି । ବରଂ କାଳକାଳକୁ ଆମ୍ଭ ମିତ୍ରତା ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ହୋଇ ରହିଯିବ ଏହା କ'ଣ ମୋ ପାଇଁ ଗୌରବ ନୁହେଁ ।

ମୁଁ ତ ଦେବତା ନଥିଲି । ଥିଲି ସାଧାରଣ ମଣିଷଟିଏ । ମଣିଷର ସହଜାତ ପ୍ରବୃତ୍ତି ଠାରୁ ମୁଁ ତ କିଛି ଭିନ୍ନ ନଥିଲି । ମାନୁଛି, ଏକ ଅଭିଶପ୍ତ ଜୀବନ ନେଇ ମୋତେ ସାରାଜୀବନ ବଞ୍ଚିବାକୁ ପଡ଼ିଛି । ତେଣୁ, ମୋ ଜୀବନର କାହାଣୀ ଏକ ଅଭିଶପ୍ତ ଜୀବନର କାହାଣୀ । ଏକ ଦଳିତ, ବ୍ୟଥାତୁର ବେଦନା ନିର୍ଯାସର ଆର୍ତ୍ତନାଦ । ତଥାପି, ଏତିକି କହିବି ଏତେ ନିନ୍ଦା, ଅପମାନ, ଅସମ୍ମାନ, ହତାଦର, ଏତେ ବେଦନା, ଦୀର୍ଘଶ୍ୱାସ ସତ୍ତ୍ୱେ ବି ମୁଁ ଦବିଯାଇ ନଥିଲି । ଉପରକୁ ଉଠିବାକୁ ନିରନ୍ତର ଉଦ୍ୟମ କରିଥିଲି । ଆଗକୁ ଆଗକୁ ଆଗେଇଯିବାର ଉଦ୍ୟମ ଅବ୍ୟାହତ ରଖିଥିଲି । ସମଗ୍ର ଜଗତବାସୀଙ୍କ ଆଗରେ ନିଜ ପୌରୁଷକୁ ପ୍ରତିପାଦିତ କରିଛି । ମୋର ନିଜସ୍ୱ ବଳ, ବୀର୍ଯ୍ୟ ମୋତେ ବଳୀୟାନ୍ କରିଛି ।

ଏବେ ମୋର ଅନ୍ତିମ ଲଗ୍ନ ଆସନ୍ନ । ଜୀବନର ଅନ୍ତିମ ମୁହୂର୍ତ୍ତରେ ମୋ ହୃଦୟ ପିଟିପିଟି ଦୁଇଫାଳ ହୋଇଯାଉଛି । ଧମନୀରୁ ରକ୍ତ ସରିସରି ଆସୁଛି । ଆଜି ମୋର ଶେଷସମୟ ଉତ୍ତୀର୍ଣ୍ଣ । ଶରବିଦ୍ଧ ମୋ ରକ୍ତାକ୍ତ ଶରୀରରୁ ରକ୍ତକ୍ଷରିତ ହୋଇ ଏବେ ମୁଁ ରକ୍ତଶୂନ୍ୟ । ଅନେକ ପୂର୍ବରୁ ମୋ ଜନ୍ମଜାତକ କବଚ କୁଣ୍ଡଳ ଦାନକରି ମୁଁ ନିଃସ୍ୱ । ମୋ ଉପରେ ଖୋଲା ଆକାଶ । ମୁଁ ଏବେ ବେଶ୍ ଦେଖିପାରୁଛି ସେଇ ଅସ୍ତମିତ ସୂର୍ଯ୍ୟକୁ । ଯାହାକୁ ମୁଁ ସାରାଜୀବନ ଗୁରୁ ରୂପେ ପୂଜା କରିଥିଲି । ବହୁ ବିଳମ୍ବରେ ହେଲେ ବି ମୁଁ ଯେବେ ଜାଣି ପାରିଥିଲି ମୁଁ ସୂର୍ଯ୍ୟସନ୍ତାନ । ଜନ୍ମଜାତ କବଚକୁଣ୍ଡଳ ମୋର ତାଙ୍କରି ଦାନରୁ, ସେଦିନ ନିଜକୁ ବେଶ୍ ଭାଗ୍ୟବାନ ମଣିଥିଲି । ସୂର୍ଯ୍ୟସମ ଜ୍ୟୋତିର୍ମୟ ହୋଇ ବଞ୍ଚି ରହିବାକୁ ଚାହିଁଥିଲି । ହେଲେ, ସତରେ କ'ଣ ମୁଁ ହୋଇପାରିଲି ସୂର୍ଯ୍ୟ, ନା ତାଙ୍କଠାରୁ ପାଇପାରିଲି ତେଜସ୍ୱିୟ ଆଲୋକ । ଏମିତି କଣ ବା ମୋର ଅପରାଧ ଥିଲା ଯେ, ମୋ ଉପରେ ସମସ୍ତଙ୍କର ଥିଲା ଏମିତି ଏକ ଆଶ୍ଳେଷ ଭରା ଚାହାଣୀ ।

ହେଲେ, ଆଜି କାହିଁକି ମୋର ଏ ଅନ୍ତିମ ମୁହୂର୍ତ୍ତରେ ମନେହେଉଛି, ସୂର୍ଯ୍ୟଦେବ ମୋତେ ହାତଠାରି ପାଖକୁ ଡାକୁଛନ୍ତି ହେଲେ ଯେଉଁଦିନ ମୁଁ ମୋର ପିତୃ ପରିଚୟ ଖୋଜି ବୁଲୁଥିଲି, ସେଦିନ କୁଆଡ଼େ ଥିଲେ ସୂର୍ଯ୍ୟଦେବ। ମୋ ପ୍ରତି ତାଙ୍କର ଘୃଣା, ଲଜ୍ଜା, ଅବା ଭୟରେ ସେ ଏଡ଼ାଇ ଚାଲିଥିଲେ ମୋତେ। ଅଥଚ ନିତିଦିନ ତ ତାଙ୍କର ଉଦୟ ଅସ୍ତରେ କିଛି ପରିବର୍ତ୍ତନ ହୋଇ ନଥିଲା । ଏଥିପାଇଁ ଜଗତ ତ ତାଙ୍କୁ ଅସମ୍ମାନ କରି ନଥିଲା । ଜଣେ ଯଥାର୍ଥ ଆଦର୍ଶ ପିତାର କର୍ତ୍ତବ୍ୟ କରିପାରି ନଥିବାରୁ ତାଙ୍କୁ ତ କେହି ଦୋଷାରୋପ କରି ନଥିଲେ । ବରଂ ଦେବତାର ଆସନରେ ସେ ହୋଇଥିଲେ ଆସୀନ । ତେଣୁ ମୁଁ କାହିଁକି ନିଜକୁ ହେୟ ମନେକରିବି । ବରଂ ମୋ ମୋ ଜୀବନର ସ୍ୱୀକାରୋକ୍ତିକୁ ସମଗ୍ର ଜଗତବାସୀଙ୍କ ଆଗରେ.... ମୋ ପରି ନୀଚକୁଳ ଜାତ ଦଳିତ ବ୍ୟକ୍ତି ଯଦି ସମାଜର ତଥାକଥିତ ନୀଚତାର ବନ୍ଧନକୁ ତୁଟାଇ ଉର୍ଦ୍ଧ୍ୱକୁ ଉଠିପାରିଲା, ସୂର୍ଯ୍ୟସମ ଜ୍ୟୋତି ବିକିରିତ କରିପାରିଲା ତେବେ, ମୋ ଜୀବନ ହେବ ସାର୍ଥକ, ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ହିଁ ଦେଖି ଆସିଥିଲେ । ହେଲେ, ସୂର୍ଯ୍ୟର ପ୍ରତିରୂପ ଯେ, ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ମୁକ୍ତ ଆକାଶ ବକ୍ଷରେ ଲିପିବଦ୍ଧ କରି ଯାଇଥିଲା ତାର ଆତ୍ମଲିପିକୁ ସେ କଥା ତ ଦିନେ ଇତିହାସ ସ୍ୱୀକାର କରିବ । ଆଜି ତେଣୁ ମୋର ପୂଜ୍ୟ ପିତୃପ୍ରତିମ ସୂର୍ଯ୍ୟଦେବଙ୍କ ଉଦ୍ଦେଶ୍ୟରେ ଏତିକି କହିବାରେ କୁଣ୍ଠିତ ହେବି କାହିଁକି ? ହେ ସୂର୍ଯ୍ୟଦେବ! ମୋର ଜନ୍ମଜାତ ଇତିହାସ ପୃଷ୍ଠାରେ ତୁମେ ମଧ୍ୟ ଯୁଗଯୁଗ ପାଇଁ କଳଙ୍କିତ ହୋଇ ରହିଯିବ । ଏକ ଜ୍ୟୋତିର୍ମୟ ଆଲୋକର ଉତ୍ସ ହୋଇ ତୁମ ଦେବତ୍ୱର ମର୍ଯ୍ୟାଦା କ୍ଷୁଣ୍ଣକରି ଯେଉଁ କଳାଦାଗଟିଏ ଟାଣି ହୋଇଯିବ ସେଇ ଦାଗରେ ହିଁ ସମଗ୍ର ଜଗତବାସୀ ଚିହ୍ନିବେ କର୍ଣ୍ଣଙ୍କୁ । ତେଣୁ ମୁଁ ଏ ଜଗତବାସୀଙ୍କ ପାଇଁ ପ୍ରଥମ ସୂର୍ଯ୍ୟ ହୁଏ କି ଦ୍ୱିତୀୟ ସୂର୍ଯ୍ୟ ହୁଏ ସେ ନେଇ ମୁଁ ବିବ୍ରତ ନୁହେଁ । କିନ୍ତୁ ତୁମରି ଅଂଶରୁ ସୃଷ୍ଟ ମୋ ତନୁର ପବିତ୍ର ଜ୍ୟୋତି କାଳକାଳକୁ ବିକିରିତ କରୁ ସମଗ୍ର ଜଗତବାସୀଙ୍କୁ, ଇତିହାସ ପୃଷ୍ଠାରେ ମୋତେ ଯେତେ ନାମ ଥିଲେ ମଧ୍ୟ ତୁମରି ନାମରେ ବିଦିତ ହେଉଥାଉ ମୋର ନାମଟି । ଜଗତବାସୀଙ୍କ ପାଇଁ ପ୍ରଥମ ସୂର୍ଯ୍ୟ ହୋଇ ନପାରିଲେ ବି ତୁମରି ମୁକ୍ତିର ଆଲୋକରେ ଆଲୋକିତ ହୋଇ ଯେପରି 'ଦ୍ୱିତୀୟ ସୂର୍ଯ୍ୟ' ହୋଇପାରେ ଏହାହିଁ ମୋର ଅନ୍ତିମ ବାସନା, ବିନମ୍ର ମିନତି..... ଓଁ ଦିବାକରାୟ ନମଃ...... ଓଁ ପିତୃଦେବାୟ ନମଃ..... ଓଁ..... ଶାନ୍ତି ...... ଶାନ୍ତି ........ ଶାନ୍ତି.......

॥ ଦୁଇ ॥

ଆର୍ଯ୍ୟାବର୍ତ୍ତ । ସେତେବେଳେ ସମଗ୍ର ଭାରତବର୍ଷର ବିଶାଳ ଭୂଖଣ୍ଡକୁ କୁହାଯାଉଥିଲା ଆର୍ଯ୍ୟାବର୍ତ୍ତ । ନଗରମୟୀ ଆର୍ଯ୍ୟାବର୍ତ୍ତରେ ବହୁତ ବଡ଼ବଡ଼ ନଗର ଥିଲା। ହସ୍ତିନାପୁର, ଦ୍ୱାରିକାପୁର, ମଥୁରା, ଅଯୋଧ୍ୟା ଏମିତି ଆହୁରି ଅନେକ ନଗର । ଅନେକ ରାଜା, ମହାରାଜା, ବୀରମାନଙ୍କର ଚଳପ୍ରଚଳ ଥିଲା ସେଠାରେ । କେତେକେତେ ବୀର ମାନଙ୍କର ଇତିହାସରେ ଗଢ଼ା ହୋଇଥିଲା ଆର୍ଯ୍ୟାବର୍ତ୍ତର ଇତିହାସ । ଆର୍ଯ୍ୟାବର୍ତ୍ତରେ ଜନ୍ମିଥିବା ବୀର ଶହୀଦ ମାନଙ୍କର ରକ୍ତରେ ରଞ୍ଜିତ ହୋଇ ଉଠିଥିଲା ତାର ସଭ୍ୟତା ଓ ସଂସ୍କୃତି । ସେହି ଆର୍ଯ୍ୟାବର୍ତ୍ତର ଛୋଟ ଏକ ଗାଁ ଚମ୍ପାପୁର । ସାରିସାରି ଚମ୍ପାଗଛର ଘେର ମଧ୍ୟରେ ଗଢ଼ି ଉଠିଥିବା ଏକ ଛୋଟବସ୍ତିଟିରୁ ବୋଧହୁଏ କାଳକ୍ରମେ ନାମକରଣ ହୋଇଥିଲା ଚମ୍ପାପୁର ଭାବରେ । ରାଜନୀତିକ ମାନଚିତ୍ରରେ ଚିହ୍ନିତ ନଥିବା ଏକ ବିନ୍ଦୁଟିଏ ପରି ଚମ୍ପାପୁର ଗାଁର ସ୍ଥିତି ଥିଲା ଆର୍ଯ୍ୟାବର୍ତ୍ତରେ । ହେଲେ, ମୋ ପାଇଁ ଚମ୍ପାପୁର ଏକ ସ୍ୱତନ୍ତ୍ର ଆକର୍ଷଣ । ଯାହାର ପାଣି ପବନରେ ଗଢ଼ା ହୋଇଥିଲା



ମୋର ପ୍ରାଣପିଣ୍ଡ । ତାହାହିଁ ଥିଲା ମୋର ଜନ୍ମମାଟି । ମାଆଙ୍କ ଭଳି ଆଉ ଜଣେ ଦ୍ୱିତୀୟ ମାଆ । ଯାହାର କୋଳରେ ମୋର ବିତିଛି କୈଶୋର, ବାଲ୍ୟଜୀବନ । ସେ ତ ମୋପାଇଁ ଥିଲା ସ୍ୱର୍ଗ, ତୀର୍ଥସ୍ଥଳ । ଘଞ୍ଚ ଚମ୍ପାବନର ଗହଳରୁ ପ୍ରଭାତ ବିହଙ୍ଗର କାକଳୀ, ପ୍ରତ୍ୟୁଷ ସୂର୍ଯ୍ୟର କଅଁଳ ରଶ୍ମି ଚମ୍ପାପୁର ଗାଁ ଲୋକଙ୍କୁ ଜାଗ୍ରତ କରାଇଥାଏ । ମୁଁ ବି ସେଇ ଚମ୍ପାବନର ଗହଳ ଛାୟାରେ ଧୂଳି ଖେଳିଖେଳି ସମୟ ବିତାଇଛି । ତେଣୁ ଚମ୍ପାପୁର ମୋ ପାଇଁ ଅନନ୍ୟ, ଏକ ସ୍ୱତନ୍ତ୍ର ଆକର୍ଷଣ । ଚତୁର୍ଦ୍ଦିଗରେ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାତାବରଣ, ସତେଯେମିତି କେବଳ ଚମ୍ପାଫୁଲର ବାସ୍ନାରେ ମହକିତ ନଥିଲା ଗାଁର ମାଟି । ଏଠାରେ ବାସ କରୁଥିବା ପ୍ରତ୍ୟେକଟି ମଣିଷ ପରସ୍ପରର ମିତ୍ରତାର ମହକରେ ମହକିତ।

"ରାଧା" ଏହି ଦୁଇଟି ଅକ୍ଷରରେ କି ଅପୂର୍ବ ଶିହରଣ ଗୁଞ୍ଜରି ଉଠେ ଜାଣେନା, ରାଧା ମୋ ପାଇଁ ପବିତ୍ର ଗଂଗାଧାର, ଫଲ୍‌ଗୁଧାର, ସ୍ନେହର ଉର୍ମିରେ ଛଳଛଳ ଚଞ୍ଚଳ, ଆଶୀର୍ବାଦରେ ଉଜ୍ଜ୍ୱଳ ରାଧା କି ଅମୃତମୟୀ, ପ୍ରାଣସ୍ପର୍ଶୀ ଶବ୍ଦଟିଏ, ସେଇ ତ ମୋର ମମତାମୟୀ ମାଆ । ତାଙ୍କରି ପୁତ୍ର ହିସାବରେ ମୁଁ ରାଧେୟ । ମୋତେ କେହି ରାଧେୟ ବୋଲି ଡାକିଦେଲେ ମୋର ମମତାମୟୀ ମାଆଙ୍କ ପ୍ରତିମୂର୍ତ୍ତିଟା ମୋ ଆଖିଆଗରେ ଝଲସି ଉଠେ । ତେଣୁ ରାଧେୟ ନାମଟି ମୋର ଖୁବ୍ ପ୍ରିୟ, ବିଶେଷକରି ମାଆଙ୍କ ମୁହଁରୁ ମୁଁ ଏଇ ଡାକଟି ଶୁଣିବାରେ ପାଇଥାଏ ତୃପ୍ତି । ରାଧେୟ ଡାକରେ ମୋ ମାଆଙ୍କ ଓଠରୁ ଝରିପଡ଼େ ଅଜସ୍ର ଚୁମ୍ବନର ଧାର । ଆଉ ମୁଁ କ୍ଷଣିକରେ ପାଲଟିଯାଏ ଅବୋଧ ଶିଶୁଟିଏ । ଯିଏ ରାଧାମାଆଙ୍କ ପଣତ ତଳର ଉଷୁମ କୋଳରେ ଟିକିଏ ମୁଣ୍ଡ ଗୁଞ୍ଜିବାକୁ ପାଗଳପ୍ରାୟ ହୁଏ । ସତରେ ମାଆର କୋଳ କେତେ ଉଷୁମ ଶେଯ । ବିଧାତାଙ୍କ ସୃଷ୍ଟିରେ ସେଇ ଶ୍ରେଷ୍ଠ ଉଷୁମ କୋଳ ମୁଁ ତ ପାଇଥିଲି । ପାଇଥିଲି ମଧ୍ୟ ସେଇ ମଧୁଭରା ଚୁମ୍ବନର ଉଷୁମ ସ୍ୱାଦ । ମାଆ ରାଧାଙ୍କ କୋଳ ଥିଲା ମୋ ପାଇଁ ଚିର ଉନ୍ମୁକ୍ତ । ସେ କୋଳର ତୁଳନା ମୁଁ ଆଉ କାହାରି ସହ କରିପାରେନା । ତେଣୁ, ମୁଁ ଭାବେ ମୋ ମାଆ ଅନ୍ୟମାନଙ୍କ ଠାରୁ ଭିନ୍ନ, ଅନନ୍ୟା ।

ଚମ୍ପାପୁରର ପ୍ରାୟ ଅଧିକାଂଶ ପରିବାର ଥିଲେ ସୂତ ପରିବାର । ମୋ ବାପା ଥିଲେ ଚମ୍ପାପୁରର ସେଇ ସୂତ ପରିବାରର ଜଣେ ବାସିନ୍ଦା । ହେଲେ, ଅନ୍ୟମାନଙ୍କ ଠାରୁ ସେ ଥିଲେ ସ୍ୱତନ୍ତ୍ର । କାରଣ ହସ୍ତିନାପୁରର ମହାରାଜ ଧୃତରାଷ୍ଟ୍ରଙ୍କର ସେ ଥିଲେ ମୁଖ୍ୟସାରଥି, ଅଧିରଥ ରୂପେ ସର୍ବଜନାଦୃତ । ଆଉ ମୁଁ ତାଙ୍କ ପୁତ୍ର ହିସାବରେ ପାଇଥିଲି ତାଙ୍କର ଅଗାଧ ସ୍ନେହ, ବାତ୍ସଲ୍ୟ ମମତା ।

ବାଲ୍ୟ ଜୀବନରୁ କେଉଁଠି ସେ ଅଭାବ ରଖି ନଥିଲେ ମୋ ପାଇଁ । ବାତ୍ସଲ୍ୟ ମମତାର ଛଳଛଳ ଫଲ୍‌ଗୁ ଧାରାଟିଏ ଯେମିତି । ସର୍ବଦା କଳକଳ ମୁଖରିତ । ଆଜି ସେଇ ବାଲ୍ୟଜୀବନର କଥାକୁ ଭାବି ବସିଲେ ଇଚ୍ଛାହୁଏ ଆଉ ଟିକିଏ ବେଶିଦିନ ବିତାଇଥାନ୍ତି ସେ କୈଶୋରଟିକୁ । କିଛି ଅମୃତ ଚାଖି ପାରିଥାନ୍ତି । ମାଆ କହନ୍ତି ମଣିଷ କୁଆଡ଼େ ଅମୃତର ସନ୍ତାନ । ଆଜି ମୋର ପିଲାଦିନର କଥା ମନେପଡ଼ିଲା ବେଳକୁ ବାସ୍ତବରେ ଉପଲବ୍ଧି କରୁଛି ଏହାର ସତ୍ୟତାକୁ । ଏବେବି ଭାବୁଛି, ମୁହୂର୍ତ୍ତକ ପାଇଁ ସେଇ ଜୀବନକୁ ଉପଭୋଗ କରିବାପାଇଁ କିଏ ସୁଯୋଗ ଦିଅନ୍ତା କି ?

ଅଧିରଥଙ୍କ ଭଳି ବାପା ପାଇ ମୁଁ ଭାଗ୍ୟବାନ । ବାପା ମୋର କେତେ ସରଳ ମଣିଷ ଥିଲେ । ଏବେବି ମନେପଡ଼େ, ତାଙ୍କର ଛଳଛଳ ସେଇ ଆଖି ଦିଓଟି । କେବେ କେମିତି ତାଙ୍କ ଦୁଇପାଦ ତଳେ ପ୍ରଣାମ କରିବା ଅବସରରେ ସେ ମୋତେ ତଳୁ ଉଠାଇ ନେଇ ନିବିଡ଼ ଆଲିଙ୍ଗନ କରୁଥିଲେ । ଆଉ ସସ୍ନେହରେ ମୋ ଶିରଦେଶରେ ଚୁମ୍ବନ ଦେଉଥିଲେ । ତାଙ୍କର ସେଇ ଚୁମ୍ବନରେ କି ମଧୁ ଥିଲା କେଜାଣି ମୁଁ ଲୋଟି ପଡୁଥିଲି ତାଙ୍କ କୋଳରେ । ମୁଣ୍ଡ ଉଠାଇବାକୁ ଆଦୌ ଚାହୁଁ ନଥିଲି । ହେଲେ, ତାଙ୍କ ସହ ବେଶି ସମୟ ମୁଁ ରହିପାରୁ ନଥିଲି ।

(କ୍ରମଶଃ)


ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


## ଆଜିର କବିତା

### ମକର ସଂକ୍ରାନ୍ତି ଆସିଲା...

ଝରଣା ବାରିକ



ସୂରୁଜ ଆମର ହୋଇଲେ ବକର
ମକର ଆସିଲା ଯେବେ
ବସନ୍ତକୁ ଦେଖି ଶୀତ ଲୁଚିଲାଣି
ବରଷେ ବିଶ୍ରାମ ନେବେ ।

ଭାଇ ଆମ ସାରି ଦେଇ କାମ
ଫସଲ ରଖିଲା ଘରେ
ମକର ଚାଉଳ ସାଥେ ଫଳମୂଳ
ସୂର୍ଯ୍ୟଙ୍କୁ ଅର୍ପଣ କରେ ।

ପଞ୍ଜାବେ ଲୋହରି ବିହୁ ଆସାମରେ
ପୋଙ୍ଗଲ ନାମରେ ପୁଣି
ପରବ ମକର ପାଳନ୍ତି ଏ ଦେଶେ
ଖୁସିର ଲହରି ବୁଣି ।

ହସେ ଦିବାକର ମକରକୁ ପାଇ
ତେଜଇ ଦକ୍ଷିଣ ଗତି
ଧିରେ ଧିରେ ଦିନ ବଡ଼ ହୋଇଯାଏ
କରମରେ ରଖ ମତି ।

ଦକ୍ଷିଣା ପବନ ବହେ ଘନଘନ
ଆକାଶେ ଉଡଇ ଗୁଡ଼ି
ସୁରୁଜ ଦେବତା ଆଗଭଳି ଆଉ
ଯାଆନ୍ତିନି ଶୀଘ୍ର ବୁଡ଼ି ।

ଘର ପରିବାର ସାଥୀ ପରିଜନ
ମକରେ ଏକାଠି ହୋଇ
ସାମାଜ ପାଇଁକି ବାରତା ଦିଅନ୍ତି
ହୃଦେ ସଂସ୍କୃତିକୁ ବୋହି ।


+ସାମଲ, ତାଳଚେର, ଅନୁଗୁଳ
ମୋବାଇଲ :
୯୫୫୬୮୪୬୯୩୨


### ଆମ ସହରଟା ଆଜି ହସୁଛି ...

ପ୍ରିୟଦର୍ଶିନୀ ମହାପାତ୍ର

ଆମ ସହରଟା ଆଜି ହସୁଛି
ମଉସାଙ୍କ ସହ ମାଉସୀ ଏଥର
ହେଲ୍‌ମେଟ ପିନ୍ଧି ଯାଉଛି
ଭଲ ହେଉ ଅବା ଫାଇନ୍ ଡରରେ
ନିୟମଟା ସିଏ ମାନୁଛି
ଆମ ସହର ଟା ଆଜି ହସୁଛି ... ।

ନବବଧୂ ଠାରୁ ଓଢଣୀ ଖସିଲେ
ଯେମିତି ସାଇପଡୋଶୀକୁ ଦିଶୁଛି
ସିସି ଟିଭି ତା ଠାରୁ ଭୟଙ୍କର
ସବୁ ଦେଖି କହି ଦେଉଛି
ଘର ଘର ଫାଇନ୍ ଚିଠି ପଠେଇକି
ସଭିଙ୍କୁ ତାଗିଦ୍ କରୁଛି
ଆମ ସହରଟା ଆଜି ହସୁଛି ...।

ନବ ବରଷେ ନୂତନ ଆସିଛି
ସରକାରଙ୍କର ଏ ନୂଆ ଯୋଜନା
ସବୁଠି ଆଦୃତ ଲଭିଛି
ଦୁର୍ଘଟଣା ମାତ୍ରା ନିହାତି ରୋକିବ
ଜନମୁଖୁ କଥା ଶୁଭୁଛି
ଆମ ସହରଟା ଆଜି ହସୁଛି ... ।

ଯୁବକ ଯୁବତୀଙ୍କ କଣ୍ଠା ସାଜିଛି
ରଞ୍ଜିତ ମନର ହେଲ୍‌ମେଟ ଏବେ
ପ୍ରତିବନ୍ଧକ ସାଜିଛି
ରାସ୍ତାରେ ଔଦ୍ଧତ୍ୟ ହେବନାହିଁ ବୋଲି
ଟିକେ ନିୟମଟା କଡ଼ା ହେଉଛି
ଆମ ସହରଟା ଆଜି ହସୁଛି ....।

ଏ ମହାମାରୀ ବେଳେ ମାସ୍କ ସାଙ୍ଗକୁ
ହେଲ୍ ମେଟ ପିନ୍ଧା ଚାଲିଛି
ଚାଲ ଏ ଆହ୍ୱାନେ ସାମିଲ ହୋଇବା
ସୁରକ୍ଷିତ ପଥ ଦିଶୁଛି
ଆମ ସହର ଟା ଆଜି ହସୁଛି ...।


+ଶିକ୍ଷୟିତ୍ରୀ
ଜୟଦେବ ବିହାର, ଭୁବନେଶ୍ୱର




### ଶୀତ ବଧୂ

ବିଜୟଲକ୍ଷ୍ମୀ ପାଣିଗ୍ରାହି

ଋତୁ ସବାରିରେ ନବବଧୂ ସାଜି
ଶୀତ ଆସେ ନଇଁ ନଇଁ
ଝୁମି ଯାଉଥାଏ ବେରଙ୍ଗୀ ଫୁଲରେ
ମଳୟ ପରଶ ପାଇ
ଅଳସୀ ଫୁଲର ପଣତ ଫାଙ୍କରୁ
ଖରା ମାରେ ଚାଇଁ ଚାଇଁ....।

ଧନ କିଆରୀରେ ଶୀତର ଲହରୀ
ଧାଙ୍ଗୀଡିର ଗୀତ ସୁରେ
କୁଡ଼ିଆ ଭିତରେ ଦିହୁଡ଼ି ଜଳାଇ
କେତେ ଆତ୍ମହରା କରେ।
ଶୀତ ଆଗମନେ ରାତ୍ରି ମାୟାବିନୀ
ମନ ହୁଏ ହାଇଁପାଇଁ...।

ଋତୁ ସବାରିରେ.....
ତତଲା ନିଶ୍ୱାସେ ଦେହର ଉତ୍ତାପ
ସପନ ଦିଏ ରଂଗାଇ
ପାହାନ୍ତି ପହର କାକର ଡାକରେ
ନିଦ ଭାଙ୍ଗେ ରହି ରହି
ଘାସ ପତରରେ ଅଭିମାନ ମାରି
ମୁକୁତା ରହିଛି ଚାହିଁ.....।

ଋତୁ ସବାରିରେ.....
ଝରଣା ପାଣିରେ ମୁହଁ ପରଖଇ
ଗଭାର ଡାଲିଆ ଫୁଲ
କଙ୍କି ଧରିବାର ବୟସ ଫାଙ୍କରେ
କେତେ ଲୁଚକାଳି ଖେଳ।

ଚିତେଇ ଶୋଇଛି ନାକଟି ଡଙ୍ଗର
ତିଳେ ଅବଶୋଷ ନାହିଁ ।
ଋତୁ ସବାରିରେ......।


+ ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦


### ନୀରବ ରାତ୍ରୀ

ରଶ୍ମୀ ସାମଲ



ଜ୍ୟୋତ୍ସ୍ନାଭରା
ନୀରବ ରାତି
ଚାପିରଖେ ଅନେକ ତାତି ,
ମୁହଁ ଲୁଚାଇ ବସିଯାଏ
ଅଳସ ଚାନ୍ଦର ଚାଦର ତଳେ
କେଉଁ ଏକ ଅନାଗତ
ମୁହୂର୍ତ୍ତର ଅପେକ୍ଷାରେ ।

ନିବୁଜ କୋଠରୀର
ଅନ୍ଧାରରେ
ଜଳୁଥାଏ ସଳିତା ହୋଇ
ନିଜକୁ ନିଜେ ;
ଦେହସାରା ଉତ୍ତାପ ଭର୍ତ୍ତି
ବାହୁବନ୍ଧନରେ ନିଷିଦ୍ଧ ନିବିଡ଼ତା
ଅସଜଡ଼ା କରୁଥାଏ
ଗୋଟାପଣେ ଅବୟବକୁ
ତା'ଭିତରେ ମାପେ ହୃଦୟକୁ
ସାଗରର ଗଭୀରତା ପରି।

ପାପ କି ପୁଣ୍ୟ
ସେଥିରେ ନଥାଏ ନିଘା ଜମା
ଅଘୋଷିତ ଲକ୍ଷ୍ମଣ ରେଖାକୁ ଡେଇଁ
ଦେହମନର ଭୋକ ମେଣ୍ଟୁଥାଏ
ଆକାଶକୁ ମୁହଁକରି
କେଳିଦୀପ ଜାଳି.:

ନିଇତି ରଚୁଥାଏ ଅଭିସାର
ସତେଯେମିତି ସେ
ଦୋଚାରୁଣୀ ପିଙ୍ଗଳା
ବଡ଼ ନାଳିଟୋପାର ସିନ୍ଦୂର ପରି
ଅସତୀର ବିଶେଷଣ
ଦାଉଦାଉ ଝଟକେ
ତା' ମଥାରେ ।

ଫରକ ଏତିକି ଯେ
ନିଖୁଣ ଅଭିନୟ କରି
ତଥାପି ଖୋଜୁଥାଏ ବାହାନା
କେତେବେଳେ ବି
ବଞ୍ଚିବାର ଯାବତୀୟ ଇଚ୍ଛାକୁ
ଧୂଳିସାତ କରି
ନିଜକୁ ମିଶାଇଦିଏ ମାଟିରେ।


+ଭୁବନେଶ୍ୱର
ମୋ:୯୪୩୭୧୧୫୮୬୫


## ତ୍ୱଚାର ଯତ୍ନ...



ଆମେ ସମସ୍ତେ ତ୍ୱଚାକୁ ନେଇ ଖୁବ୍ ଯତ୍ନବାନ ଥିଲେ ମଧ୍ୟ ସମୟର ଅଭାବ ପାଇଁ ଆମେ ତ୍ୱଚାର ଯତ୍ନ ନେଇପାରିନଥାଉ, ଯାହାଫଳରେ ତ୍ୱଚା ଦିନକୁ ଦିନ ଯତ୍ନ ଅଭାବରେ ମଳିନ ପଡ଼ିଯାଏ ଓ ଯାହା ଆଖିକୁ ବହୁତ ଖରାପ ଦେଖା ଯାଇଥାଏ । ତେବେ ଚାଲନ୍ତୁ ଜାଣିବା କିଛି ଘରୋଇ ଉପାୟ ଯାହା ଦ୍ୱାରା ଆମେ ଆମ ତ୍ୱଚାର ଯତ୍ନ ନେଇପାରିବା ଓ ଆମ ସମୟ ମଧ୍ୟ ବଞ୍ଚିଯାଇପାରିବ । ଏକପାତ୍ରରେ ଗରମପାଣି ରଖି ସେଥିରେ ୧/୨ ଚାମଚ ଲେମ୍ବୁ ରସ ମିଶାଇ ସେହି ଗରମ ପାଣିର ବାମ୍ଫ ଆପଣଙ୍କ ଚେହେରାକୁ ଦିଅନ୍ତୁ । ପାଖାପାଖି ୫-୬ ମିନିଟ୍ ଚେହେରାକୁ ବାମ୍ଫ ଦିଅନ୍ତୁ, ଏହାପରେ ଟାଓ୍ୱେଲ ସାହାର୍ଯ୍ୟରେ ମୁହଁ ଓ ବେକକୁ ସାମାନ୍ୟ ଘଷି ମୁହଁ ଧୋଇ ଦିଅନ୍ତୁ । ଯାହା ଦ୍ୱାରା ଆପଣ ପାଇପାରିବେ ଏକ ସତେଜ ତ୍ୱଚା । ,କ ବଡ଼ ଚାମଚ ହଳଦୀ, ଏକ ଷଛାଟ ଚାମଚ ଲେମ୍ବୁ ରସ ମିଶାଇ ଏକ ମିଶ୍ର ପ୍ରସ୍ତୁତ କରନ୍ତୁ ଏହି ମିଶ୍ରକୁ ଆପଣ ମୁହଁରେ ଲଗାଇ ୧୦ମିନିଟ୍ ପରେ ମୁହଁକୁ ପାରଇରେ ଧୋଇ ଦେବେ, ଏହାପରେ ଆପଣଙ୍କ ମୁହଁ ପୂର୍ବ ଅପେକ୍ଷା ସତେଜ ଲାଗଇଥାଏ । ମୁହଁ ସାଧା ପାଣିରେ ଧୋଇବା ଅପେକ୍ଷା ଆପଣ ଅଟା ବା ବେସନରେ କ୍ଷୀର ଓ ଲେମ୍ବୁ ରସ ମିଶାଇ ପ୍ରସ୍ତୁତ ମିଶ୍ରଣକୁ ମୁହଁ ଓ ବେକରେ ଲଗାଇ କିଛି ସମୟ ପାଇଁ ଛାଡ଼ି ଦିଅନ୍ତୁ, ଏହାପରେ ମୁହଁ ଓ ବେକକୁ ପାଣିରେ ଧୋଇ ଦେଇ ମୁହଁରେ ଗୋଲାପ ଜଳ ଲଗାଇ ଦିଅନ୍ତୁ । ଯାହା ଫଳରେ ଆପଣଙ୍କ ତ୍ୱଚାର ଚମକ ବଢ଼ିଯିବ ।

## ନେଲ୍‌ପଲିସ୍ ଶୀଘ୍ର ଶୁଖିଯାଉଛି !




ଆପଣ ନୂଆ ନେଲ୍‌ପଲିସ୍ ଆଣୁଛନ୍ତି ସତ, କିନ୍ତୁ ଥରଟିଏ ବ୍ୟବହାର ପରେ ବଟଲରୁ ଶୁଖିଯାଉଛି । ତେବେ ବ୍ୟସ୍ତ ହୁଅନ୍ତୁନି । ନେଲ୍ ପେଣ୍ଟ୍ ଯତ୍ନ ନେଇ ଆପଣ ଏହାକୁ କେମିତି ଅଧିକ ଦିନ ଯାଏ ରଖି ପାରିବେ ସେ ବିଷୟରେ ଜାଣନ୍ତୁ ।

★ ଯେତେବେଳେ ନେଲ୍‌ପଲିସ୍ ବ୍ୟବହାର କରୁନାହାନ୍ତି ସେତେବେଳେ ଏହାର କ୍ୟାପ୍ ଦେଇ ରଖନ୍ତୁ । ତେବେ ହଁ ନିଶ୍ଚିତ ହୁଅନ୍ତୁ ଯେ, କ୍ୟାପ୍ ଭଲଭାବେ ଟାଇଟ୍ ହୋଇଛି ।

★ ବଟଲକୁ କୁଲ୍ ଏବଂ ଡାର୍କ ପ୍ଲେସ୍ ତଥା ହାତରେ ରେଫ୍ରିଜେରେଟର୍‌ରେ ରଖିଦିଅନ୍ତୁ ।

★ଏହାକୁ ବ୍ୟବହାର କରିବା ପୂର୍ବରୁ ହାତରେ ଭଲ ଭାବେ ରୋଲ୍ କରିଦିଅନ୍ତୁ । ତେବେ ଏହାକୁ ସେକ୍ କରନ୍ତୁନି ।

★ନେଲ୍‌ପଲିସ୍ କ୍ୟାପ୍ ଯଦି ଅସନା ହୋଇଥାଏ ତେବେ ଏହାକୁ ତୁଳା ସାହାଯ୍ୟରେ ସଫା କରିଦିଅନ୍ତୁ ।

# ସଂଗୀତଜ୍ଞ ରାମହରି ମହାନ୍ତି ଥିଲେ ସଂଗୀତର ଦରଦୀ ମଣିଷ



ଭଦ୍ରକ,୧୩।୧ (ନି.ପ୍ର): ବିଶିଷ୍ଟ ସଂଗୀତ ଗୁରୁ, ସଂଗୀତ ପ୍ରବେଶ ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗର ରଚୟିତା ତଥା ଭଦ୍ରକ ସଂଗୀତ ମହାବିଦ୍ୟାଳୟର ପ୍ରତିଷ୍ଠାତା ଓ ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ରାମହରି ମହାନ୍ତିଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ସଂଗୀତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସଭାରେ ଶିକ୍ଷାବିତ୍ ଗଙ୍ଗାଧର ଦେହୁରୀ ସଭାପତିତ୍ୱ କରିଥିବା ବେଳେ ସାହିତ୍ୟିକ ତଥା ସୁନାମଧନ୍ୟ ଚିକିତ୍ସକ ଡା. ଦୁର୍ଯ୍ୟୋଧନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମନମୋହନ ସଂଗୀତ ପରିଷଦର ଅଧ୍ୟକ୍ଷ ଡ. କେଶବ ଚନ୍ଦ୍ର ଜେନା ଏବଂ ନାଟ୍ୟ ନିର୍ଦ୍ଦେଶକ ବାଦଲ ସିକ୍‌ଦାର ଯୋଗ ଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିବା ସହ ଓଡ଼ିଶା ସଂଗୀତ ଜଗତର ସେ ଜଣେ ଅମ୍ଳାନ ପ୍ରତିଭା ବୋଲି ନିଜର ମତବ୍ୟକ୍ତ କରିଥିଲେ। ସଭାରେ ସ୍ୱାଗତ ଭାଷଣ ଦେଇଥିଲେ ନାଟ୍ୟଶ୍ରୀ ନିର୍ମଳ ରାଉତ ଓ ଅତିଥି ପରିଚୟ ଦେଇଥିଲେ ସ୍ୱର୍ଗତ ମହାନ୍ତିଙ୍କ କନିଷ୍ଠଭ୍ରାତା ସାହିତ୍ୟିକ ନନ୍ଦକିଶୋର ମହାନ୍ତି। ସଭାରେ ବିଶିଷ୍ଟ ବକ୍ତା ଭାବେ ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ପ୍ରାଧ୍ୟାପିକା ଡ. ରାଧାରାଣୀ ମହାପାତ୍ର, ପ୍ରାଧ୍ୟାପକ ଓ ଶିଶୁ ସାହିତ୍ୟିକ ମନୀନ୍ଦ୍ର ମହାନ୍ତି, ଶିଳ୍ପୀ ଅଶୋକ ମହାନ୍ତି, ଅଧ୍ୟାପକ ନିହାର ରଂଜନ କର, ସାମ୍ବାଦିକ ହ. ହରିହର ନାୟକ, ଶିଶ୍ୟ ଅଭୟ ଦାସ, କଳା ସଂସ୍କୃତି ସଂଘର ଉପସଭାପତି ସୁବାସ ଚନ୍ଦ୍ର ମଲ୍ଲିକ, ଗୋପାଳ ଚନ୍ଦ୍ର ଦେ, ଅନ୍ତର୍ଯାମୀ ପରିଡା, ସୁରେନ୍ଦ୍ର ଗାହାଣ, ସତ୍ୟ ମହାନ୍ତି, ଉତ୍ପଳ ଚନ୍ଦ୍ର ଚାନ୍ଦ, ଡ. ବାସୁଦେବ ବାରିକ, ଆଇନଜୀବୀ ଚିନ୍ମୟ ସ୍ୱାଇଁ, ନୃତ୍ୟଗୁରୁ ପୁଷ୍ପିତା ମହାନ୍ତିଙ୍କ ସମେତ ବହୁ କଳାକାର ଯୋଗ ଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଚାରଣ କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କ ପୁତ୍ର ସୁଧାଂଶୁ ମହାନ୍ତି, ସୀତାଂଶୁ ମହାନ୍ତି. ହିମାଂଶୁ ମହାନ୍ତି, ଶୁଭ୍ରାଂଶୁ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୪ ବାଇକ ଲୁଟେରା କୋର୍ଟ ଚାଲାଣ

କୋରେଇ,୧୩।୧ (ନି.ପ୍ର): ପାଣିକୋଇଲି ବଜାରରୁ କ୍ରମାଗତଭାବେ ବାଇକ ଚୋରି ହେବା ପାଇ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଥିଲା। ଯାହା ପୁଲିସ ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିଥିବା ବେଳେ ଥାନାଧିକାରୀ ଚକ୍ରପତି କଅଁରଙ୍କ ପାଇଁ ଚ୍ୟାଲେଂଜ ସୃଷ୍ଟି କରିଥିଲା। ଥାନାଧିକାରୀ ଶ୍ରୀ କଅଁର ଏହି ଚ୍ୟାଲେଂଜକୁ ଗ୍ରହଣ କରି ଏକ ସ୍ୱତନ୍ତ୍ର ସ୍ୱାଡ ଗଠନ କରି ସଫଳତା ହାତେଇଛନ୍ତି। ୨ ବାଇକ ଜବତ କରିବା ସହ ଏହି ଲୁଟରେ ସାମିଲ ୪ ଜଣଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଛନ୍ତି। ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ଗତ ୨ ତାରିଖ ପାଣିକୋଇଲି ବଜାରରୁ ଆୟୁଷ ଡାକ୍ତରପ୍ରଶାନ୍ତ ନାୟକଙ୍କ ବାଇକ ଚୋରି ନେଇ ଅଭିଯୋଗ ପରେ ମାମଲା ୬/୨୧ ରୁଜୁ କରାଯାଇଥିଲା। ସେହିପରି ୧୦ ତାରିଖ ଯାଜପୁର ସଦର ଥାନା ଅନ୍ତର୍ଗତ ଭୁବନେଶ୍ୱରପୁର ପଂଚାୟତ ଅନ୍ତର୍ଗତ କଳସଡିହ ଗ୍ରାମର ନିରଂଜନ ନାୟକଙ୍କ ବାଇକ ଚୋରି ନେଇ ଅଭିଯୋଗ ପରେ ମାମଲା ୧୮/୨୧ରୁଜୁ ହୋଇଥିଲା। ଏନେଇ ପୁଲିସ ତଦନ୍ତ ଚାଲୁ ରହିଥିବା ବେଳେ ଚୋରି ବାଇକ ଯାଜପୁର ଝୁମ୍ପୁରୀ ବଜାରରେ ବୁଲୁଥିବା ଖବର ପାଇ ଚଢାଉ କରାଯାଇଥିଲା। ମଙ୍ଗଳପୁର ଥାନା ଅନ୍ତର୍ଗତ ଓଳେଇ ଗ୍ରାମର ଶ୍ରୀକାନ୍ତ ସେଠୀଙ୍କ ପୁଅ ତୁଷାରକାନ୍ତ ଓରଫ ଗୁଣିଆ (୨୦) ଚୋରି ବାଇକ ଧରି ବୁଲୁଥବବା କବର ପାଇ ପୁଲିସ ସେଠାରେ ପହଂଚି ତାକୁ ଗିରଫ କରିବା ସହ ବାଇକକୁ ଜବତ କରିଥିଲା। ପୂର୍ବରୁ ଅନ୍ୟ ଏକ ବାଇକକୁ ତୁଷାର କବାଡିଆ ଦେକାନରେ ବିକିଥବବା ମଧ୍ୟ ପୁଲିସ ଆଗରେ ମାନିଥିଲା। ପରେ ଏହାର ମାଷ୍ଟର ମାଇଣ୍ଡ ବା ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଜିଲ୍ଲା ପୁଲିସ ମୁଖ୍ୟାଳୟର ପଛପଟେ ଘରକରି ରହୁଥିବା ମାଧବ ମହାକୁଡଙ୍କ ପୁଅ ଲକ୍ଷ୍ମଣ (୩୧)କୁ ଗିରଫ କରାଯାଇଥିଲା। ପରେ ପରେ ଲକ୍ଷ୍ମଣର ସହଯୋଗୀ ପାଣିକୋଇଲି ବାଲିଦାଣ୍ଡ ସାହିର ନଟବର ନାୟକଙ୍କ ପୁଅ ପଂଚାନନ(୪୦) ଓ ବିନୋଦ ମାଝୀଙ୍କ ପୁଅ ଫଗୁଣ(୨୬)କୁ ଗିରଫ କରାଯାଇଥିଲା। ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ଥାନାଧିକାରୀ ଶ୍ରୀ କଅଁରଙ୍କ ସମେତ ସବଇନ୍ସପେକ୍ଟର କୈଳାସ ଚନ୍ଦ୍ର ଭୋଇ, ଏସଆଇ ସୟଦବକ୍ସ, କନେଷ୍ଟବଳ ସୀତାରାମ ବେହେରା, ଗଣେଷ ଲେଙ୍କା ପ୍ରମୁଖ ସାମିଲ ହୋଇଥିଲେ।

## ଦୟାବିହାର ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ ପାଳିତ

କଣାସ,୧୩।୧ (ନି.ପ୍ର): ଜାତୀୟ ଯୁବ ଦିବସ ଅବସରରେ ଦୟାବିହାର ସ୍ନାତକ ମହାବିଦ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଦୟାବିହାର ସ୍ନାତକ ମହାବିଦ୍ୟାଳୟରେ ରେଡ୍ ରିବନ୍ କ୍ଲବ ଆନୁକୂଲ୍ୟରେ ଓଡିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମାଜ (ଓ.ଏସ୍.ଏ.ସି.ଏସ୍) ଦ୍ୱାରା ପ୍ରାୟୋଜିତ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି।

ଉକ୍ତ କାର୍ଯ୍ୟକ୍ରମରେ ଦୟାବିହାର ରେଡ୍ ରିବନ୍ କ୍ଲବ ତଥା ରେଡେକ୍ରସ୍ ୟୁନିଟ୍-୨ ସ୍ୱଚ୍ଛାସେବୀମାନଙ୍କ ସହିତ ସ୍ଥାନୀୟ ଗାଦିବ୍ରହ୍ମ ସ୍ନାତକ ମହାବିଦ୍ୟାଳୟ ସ୍ୱଚ୍ଛାସେବୀମାନେ ଅଂଶଗ୍ରହଣ କରି ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପୁରସ୍କୃତ ହୋଇଥିଲେ।

## ଫିଆଟ ଲକ୍ସ କ୍ଲବର ପ୍ରଥମ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଂଟ୍ ଉଦ୍‌ଘାଟିତ

ନୀଳଗିରି,୧୩।୧ (ନି.ପ୍ର): ନୀଳଗିରି ର ବହୁ ପୁରାତନ ତଥା ଅଗ୍ରଣୀ ଫିଆଟ ଲକ୍ସ କ୍ଲବର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଂଟ୍ ମଙ୍ଗଳବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କ୍ଲବ ବହୁ ବର୍ଷ ଧରି ମହୋତ୍ସବ ଆୟୋଜନ କରି ଆସୁଥିବା ବେଳେ ଚଳିତ ବର୍ଷ କୋଭିଡ୍ କଟକଣା ଯୋଗୁଁ ମହୋତ୍ସବ ବନ୍ଦ ରଖିଥିବା ବେଳେ ସରକାରଙ୍କ କୋଭିଡ ନୀତିନିୟମକୁ ମାନି କ୍ରିକେଟ ଟୁର୍ଣ୍ଣାମେଂଟ୍ ଆୟୋଜନ କରାଯାଇଛି। ଏହି ଟୁର୍ଣ୍ଣାମେଂଟ୍ ଦୀର୍ଘ ୧୨ ଦିନ ଧରି ନୀଳଗିରି କେସି ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ମିଳିଛି। ଉଦ୍‌ଘାଟନୀ ଦିବସରେ ନୀଳଗିରି ଉପଜିଲ୍ଲାପାଳ ହରିଶ୍ଚନ୍ଦ୍ର ଜେନା ମୁଖ୍ୟ ଅତିଥି ତଥା ଉଦ୍‌ଘାଟକ ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରିମିୟର ଲିଗ୍‌ରେ ମୋଟ ୬ଟି ଟିମ୍ ଅଂଶ ଗ୍ରହଣ କରିଥିବା ବେଳେ ଉଦ୍‌ଘାଟନୀ ମ୍ୟାଚ ମା'ବଡ଼କାଳିଆ ସହିତ ମା' ରାବାଣୀ ୱାରିୟର୍ସ ରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ମା' ବଡ଼କାଳିଆ ଟିମ୍ ବିଜୟୀ ହୋଇଛି। ଏହି ଅବସରରେ କ୍ଲବର ସଭାପତି ଉଦୟଜ୍ୟୋତି ମହାନ୍ତି, ସଂପାଦକ ସବ୍ୟସାଚୀ ମହାପାତ୍ର, ସହ-ସଂପାଦକ ଅଭିଶେକ ବେହେରା, ପୂର୍ବତନ ସଭାପତି ସୁରଞ୍ଜନ ମହାପାତ୍ର, ବରିଷ୍ଠ ସଦସ୍ୟ ରାଜେନ୍ଦ୍ର ଜେନା, ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କୁମାର ରାୟ ଓ ସଂଜୀବ ଚୌଧୁରୀ ଅମ୍ପାୟାରିଂ କରୁଥିବା ବେଳେ ଏହି ମ୍ୟାଚକୁ ଦେଖିବା ପାଇଁ ବହୁ କ୍ରିକେଟ ପ୍ରେମୀ ଖେଳ ଉପଭୋଗ କରିଥିବା ଦେଖିବାକୁ ମିଳିଛି।

# ନେତାଜୀ ଜୟନ୍ତୀ କମିଟିରେ ଓଡିଶାରୁ ୨୫ଜଣଙ୍କୁ ସାମିଲ କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ନିରଞ୍ଜନଙ୍କ ଚିଠି

ଭୁବନେଶ୍ୱର,୧୩।୧ (ନି.ପ୍ର): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ୧୨୫ତମ ଜନ୍ମ ବାର୍ଷିକୀ ପାଳନ କରିବା ପାଇଁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ୮୫ ଜଣିଆ କମିଟି ଗଠନ କରିଛନ୍ତି। ଏହି କମିଟିରେ ଓଡ଼ିଶାର ରାଜ୍ୟପାଳ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି, ଆଜାଦ ହିନ୍ଦ ଫୌଜ ସହ ସଂପୃକ୍ତି ଥିବା ବ୍ୟକ୍ତିବିଶେଷ, ରାଜନେତା, ବୁଦ୍ଧଜୀବି, ଐତିହାସିକ, ସାମ୍ବାଦିକଙ୍କ ସମେତ ବିଭିନ୍ନ ବର୍ଗରେ ପାରଦର୍ଶିତା ଲାଭ କରିଥିବା ୨୫ଜଣ ବ୍ୟକ୍ତିବଶେଷଙ୍କୁ ଏହି କମିଟିରେ ସ୍ଥାନିତ କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଚିଠି ଲେଖି ଅନୁରୋଧ କରିଛନ୍ତି। ଏହାବ୍ୟତୀତ ଜାନୁଆରୀ ୨୩ ତାରିଖ ଠାରୁ ବର୍ଷ ବ୍ୟାପୀ ଆରମ୍ଭ ହେବାକୁ ଥିବା ନେତାଜି ଜୟନ୍ତୀ ଉତ୍ସବକୁ କଟକ ଠାରେ ଏକ ବିରାଟ ପ୍ରଦର୍ଶନୀ ମାଧ୍ୟମରେ ପାଳନ କରିବାକୁ ପ୍ରସ୍ତାବ ଦେବା ସହିତ ତତ୍ ସଙ୍ଗେ ସଙ୍ଗେ ପ୍ରଧାନମନ୍ତ୍ରୀ ସଂସ୍କୃତି ବିଭାଗକୁ ଏ ସଂପର୍କରେ ପ୍ରାଧାନ୍ୟ ଦେବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ଶ୍ରୀ ପଟ୍ଟନାୟକ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ କମିଟିରେ ଓଡ଼ିଶାରୁ କେବଳ ୩ଜଣ ଥିବାବେଳେ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ ୨୬ଜଣ ରହିଛନ୍ତି। ଯାହାକି ଓଡ଼ିଶା ପାଇଁ ଦୁଃଖ ଓ ପରିତାପର ବିଷୟ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓଡିଶାର କଟକ ଜିଲ୍ଲାରେ ଜନ୍ମଗ୍ରହଣ କରି ବାଲ୍ୟଶିକ୍ଷା ସମାପ୍ତ କରିଛନ୍ତି। ଏପରିକି ତାଙ୍କର ଜନ୍ମସ୍ଥାନ ଜାନକୀନାଥ ଭବନକୁ ରାଜ୍ୟ ସରକାର ନେତାଜୀ ସଂଗ୍ରହାଳୟରେ ପରିଣତ କରିଛନ୍ତି। ଯେଉଁଠାରେ କି ନେତାଜୀଙ୍କ ସହ ଜଡିତ ସ୍ମାରକପତ୍ର ସେଠାରେ ପ୍ରଦର୍ଶିତ କରାଯାଉଛି। ଏଠାରେ ଉପଲବ୍ଧ ଥିବା ଅବିସ୍ମରଣୀୟ ଫଟୋଚିତ୍ର, କାଗଜପତ୍ର, ସ୍ମୃତିକୁ ଜାତି ଉଦ୍ଦେଶ୍ୟରେ ସୁରକ୍ଷିତ ରଖିବା ପାଇଁ ସୁବାଷ ବୋଷଙ୍କ ଜନ୍ମ ପୀଠକୁ ଜାତୀୟ ସଂଗ୍ରାହଳୟରେ ପରିବର୍ତନରେ ଘୋଷଣା କରିବାପାଇଁ ଶ୍ରୀ ପଟ୍ଟନାୟକ ଏକ ପତ୍ରମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିବା ସହିତ ନେତାଜୀ ସୁବାଷ ବୋଷ ଓଡ଼ିଶା ମାଟିର ଯୋଗ୍ୟତମ ଦାୟାଦ ତାଙ୍କ ଜନ୍ମ ଓଡ଼ିଶାରେ, ତାଙ୍କ ବାଲ୍ୟଶିକ୍ଷା ଓଡ଼ିଶାରେ ଏବଂ ଓଡ଼ିଶାର ଛାତ୍ର ଆନ୍ଦୋଳନର ପ୍ରବର୍ତକ, ଓଡ଼ିଶାବାସୀଙ୍କ ସହିତ ଓତପ୍ରୋତ ଭାବେ ଜଡ଼ିତ ରହିଥିଲେ।

# ପ୍ରତିମୂର୍ତ୍ତିକୁ ସଫେଇ ସହ ଫୁଲ, ଧୂପ ଅର୍ପଣ

ଜୟପୁର,୧୩।୧ (ନି.ପ୍ର): ଜାତୀୟ ଯୁବ ଦିବସରେ ସ୍ୱାମୀ ବିବେକାନନ୍ଦଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ସାମାଜିକ ଅମନୁଷ୍ଠାନ ତରଫରୁ ସମଗ୍ର ଅବିଭକ୍ତ କୋରାପୁଟ ଜିଲାର ମହାପୁରଷଙ୍କ ପ୍ରତିମୂର୍ତି ସଫା କରାଯାଇ ଧୂପ, ପୁଷ୍ପ ଅର୍ପଣ କରାଯାଇଛି। ଜୟପୁରର ମଧୁ ସୁଦନ ଦାସ, ବିକ୍ରମ ଦେବ ମହାରାଜା, ହରି ହର ମିଶ୍ର, ରାଧାକୃଷ୍ଣ ବିଶ୍ୱାର ରାୟ, ସୁବାଷ ବୋଷ, ମଦର ତେରେଷା, ଇନ୍ଦିରା ଗାନ୍ଧୀ, ମହାତ୍ମା ଗାନ୍ଧୀ, ଲଇଚନ ନାୟକ, କୃଷ୍ଣ ଚନ୍ଦ୍ର ଗଜପତି, ଗୋପବନ୍ଧୁ ଦାସ, ସହିଦ ଲକ୍ଷ୍ମଣ ନାୟକ, ବ୍ରଜ ବନ୍ଧୁ ନନ୍ଦ, କୋରା ପ୍ରସାଦ ପଟ୍ଟନାୟକ, ନିଳକ ସାହୁ, ରାଧା ମୋହନ ସାହୁ, ରାଧାକୃଷ୍ଣ ବିଶ୍ୱାରୟ, ବିଜୁ ପଟ୍ଟନାୟକ, ଇନ୍ଦିରା ପଣ୍ଡା, ସିମାଦ୍ରୀ ମହାରଣା ଙ୍କ ପ୍ରତିମୂର୍ତିକୁ ସଫାଇ କରି ପୁଷ୍ପ, ଧୂପ ଦୀପ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦେବେନ୍ଦ୍ର ଅଧିକାରି, ଉମା କାନ୍ତ ମହାରଣା, ସୁବାସ ସାହୁ, କାଳି ଚରଣ ଦେବ ଶର୍ମା, ଟ୍ୱିଙ୍କଲ ମିଶ୍ର, ପଦ୍ମିନି କୃତିବାସ ପାତ୍ର, ଲକ୍ଷ୍ମୀ ମହାକୁଡ, ସିଦ୍ଧାର୍ଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କୃଷି ଆଇନ୍ ବିରୁଦ୍ଧରେ କୃଷକ ସଂଘର୍ଷ ସମନ୍ୱୟ ସମିତିର ଆହ୍ୱାନ ପ୍ରତିବାଦ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୩।୧ (ନି.ପ୍ର): କୃଷକ ଆନ୍ଦୋଳନକୁ ସମର୍ଥନ କରି ସଂଯୁକ୍ତ କିଷାନ ମୋର୍ଚ୍ଚା ଏବଂ ଅଖିଳ ଭାରତ ସଂଘର୍ଷସମନ୍ୱୟ ସମିତି ପକ୍ଷରୁ ଆସନ୍ତାକାଲି (ବୁଧବାର) ସାରା ରାଜ୍ୟରେ କେନ୍ଦ୍ରୀୟ କୃଷି ଆଇନଗୁଡ଼ିକୁ ପୋଡ଼ି ପ୍ରତିବାଦ କରାଯିବ। ସେହିପରି ଆସନ୍ତା ଜାନୁୟାରୀ ୧୮ ତାରିଖରେ ବ୍ଲକସ୍ତରରେ ମହିଳା କୃଷକ ଦିବସ ପାଳନ କରାଯିବ। ମଙ୍ଗଳବାର ଦିନ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ରାଜ୍ୟ ଆବାହକ ମଣ୍ଡଳୀର ବୈଠକ ଏହି ପ୍ରସ୍ତାବ ଗୃହିତ ହୋଇଛି। ବୈଠକର ନିଷ୍ପତି ଅନୁଯାୟୀ ଜାନୁୟାରୀ ୨୩ ନେତାଜୀ ସୁବାଷ ବୋଷଙ୍କ ଜୟନ୍ତୀ ଅବସରରେ ରାଜଭବନ ସମ୍ମୁଖରେ ଗଣଧାରଣା କରାଯାଇ ଆଜାଦ କିଷାନ ଅଭିଯାନ କାର୍ଯ୍ୟକ୍ରମକୁ ସଂଗଠିତ କରାଯିବ। ଜାନୁୟାରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଅପରାହ୍ନରେ କିଷାନ-ମଜଦୁରମାନଙ୍କ ସମାନ୍ତରାଳ ପରେଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏତଦବ୍ୟତୀତ ଜାନୁୟାରୀ ୫ ଠାରୁ ଗ୍ରାମୀଣସ୍ତରରେ ଚାଲିଥିବା ପ୍ରଚାର ଅଭିଯାନ ଏବଂ ବ୍ଲକସ୍ତରୀୟ ଆନ୍ଦୋଳନ ଜାନୁୟାରୀ ୨୦ ପର୍ଯ୍ୟନ୍ତ ଜାରି ରହିବ। ଏହି ସମସ୍ତ କାର୍ଯ୍ୟକ୍ରମ ମଧ୍ୟରେ ଜାନୁୟାରୀ ୨୩ ରାଜଭବନ ସମ୍ମୁଖ ରାଜ୍ୟସ୍ତରୀୟ ଗଣଧାରଣା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଶେଷ ଯୋଜନା ଗ୍ରହଣ କରାଯାଇଛି। ଏହିଦିନ ପଶ୍ଚିମ ଓଡ଼ିଶାର ବରଗଡ଼ ଜିଲ୍ଲାରେ ମଧ ଏକ ବିଶାଳ କୃଷକ ଧାରଣା ସଂଗଠିତ କରାଯିବ। କୃଷକନେତା ଲିଙ୍ଗରାଜଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକ ଏବଂ ସାମ୍ବାଦିକ ସମ୍ମିଳନୀରେ ସର୍ବଶ୍ରୀ ପ୍ରଫୁଲ୍ଲ ସାମନ୍ତରା, ସୁରେଶ ପାଣିଗ୍ରାହୀ, କ୍ଷୀରୋଦ ସିଂହଦେଓ, ଅଶୋକ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପାଢୀ, ଭାଲଚନ୍ଦ୍ର, ଶଙ୍କର ସାହୁ, ନରେନ୍ଦ୍ର ମହାନ୍ତି, ଶଶୀଭୂଷଣ ସ୍ୱାଇଁ, ପ୍ରମୋଦିନୀ ସାହୁ ପ୍ରମୁଖ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଅଂଚଳମଣି ଗଦାଧର ଗିରିଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ପ୍ରତିମୂର୍ତ୍ତୀ ଉନ୍ମୋଚନ



ଜଳେଶ୍ୱର,୧୩।୧ (ନି.ପ୍ର): ବାଲେଶ୍ୱର ଜିଲାର ଅବିଭକ୍ତ ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ପୂର୍ବତନ ଲୋକପ୍ରତିନିଧି ଅଂଚଳମଣି ସ୍ୱର୍ଗତ ଗଦାଧର ଗିରିଙ୍କ ୩୪ତମ ଶ୍ରାଦ୍ଧ ଦିବସ ଅବସରରେ ତାଙ୍କର ୧୪ତମ ପ୍ରତୀମୂର୍ତ୍ତୀ ଉନ୍ମୋଚନ ହୋଇ ଯାଇଛି। ଜଳେଶ୍ୱର ବ୍ଲକ ଅଧିନ ରାଇବଣିଆର କାଳୀକ ପଂଚାୟତର ଅସ୍ତଡିଆ ଛକଠାରେ ରାଇବଣିଆ ଦୁର୍ଗ ସୁରକ୍ଷା ଓ ଆଂଚଳିକ ଉନ୍ନୟନ କମିଟି ପକ୍ଷରୁ ଏହି ପ୍ରତୀମୂର୍ତ୍ତୀ ପ୍ରତିଷ୍ଠା କରାଯାଇଛି। ସ୍ୱର୍ଗତ ଗିରିଙ୍କ ସହଧର୍ମୀଣୀ ଲବଙ୍ଗଲତା ଗିରିଙ୍କ ଅର୍ପିତ ପ୍ରତିମୂର୍ତ୍ତୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ତାଙ୍କ ସ୍ୱାମୀଙ୍କ ସ୍ୱପ୍ନ ଓ ଅଂଚଳବାସୀଙ୍କ ଇଚ୍ଛା ପୂରଣ ହୋଇପାରିଛି ବୋଲି କହିଥିଲେ। ଗ୍ରାମାଂଚଳ ବରିଷ୍ଠ ନାଗରିକ ପରିଷଦର ସଂପାଦକ ଅଧ୍ୟାପକ ସୁଧାଂଶୁ ଶେଖର ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଷ୍ଠା କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ଏହି ସ୍ଥାନରେ ଆଲୋକର ବ୍ୟବସ୍ଥା କରାଯିବା, ମୂର୍ତ୍ତୀ ଅବସ୍ଥାପିତ ହୋଇଥିବା ସରକାରୀ ଜାଗାରୁ ୧ ଡିସିମିଲ ଗଦାଧର ଗିରି ପ୍ରତିମୂର୍ତ୍ତୀ ସୁରକ୍ଷା କମିଟିକୁ ହସ୍ତାନ୍ତର କରାଯିବା ଏବଂ ଅସ୍ତଡିହାଛକଠାରୁ ନମାଣିଆ ଗହିରାଖାଳ ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ଗଦାଧର ଗିରି ମାର୍ଗରେ ନାମକରଣ କରିବାକୁ ପ୍ରସ୍ତାବ ଦେଇଥିଲେ। ପୂର୍ବତନ ସରପଂଚ ପ୍ରଫୁଲ୍ଲ କୁମାର ସୁରଙ୍କ ପ୍ରଚେଷ୍ଟାରେ ଏହି ମୂର୍ତ୍ତୀ ସ୍ଥାପନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାଳିକ ସରପଂଚ ବିଜୟ କୁମାର ବେହେରା ଯୋଗ ଦେଇ ଗଦାଧର ଗିରିଙ୍କ ଆଦର୍ଶରେ ସେ ଅନୁପ୍ରାଣିତ ହୋଇଥିବା କହିଥିଲେ। ଏହି ସ୍ଥାନକୁ ଗଦାଧର ଗିରି ଛକରେ ନାମିତ କରିବାକୁ ସେ ଘୋଷଣା କରିବା ଓ ତତ୍ ସହିତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସରପଂଚ ଦିଲ୍ଲିପ ସାମଲ, ଅଜୟ ମହାନ୍ତି, ସ୍ୱର୍ଗତ ଗିରିଙ୍କ ୪ର୍ଥ ପୁତ୍ର ତଥା ବାଲିଆପାଳ ବ୍ଲକ ପଂଚାୟତ ସମିତି ସଦସ୍ୟ ପ୍ରତାପ ଚନ୍ଦ୍ର ଗିରି, କାଂଗାଳି ଦଳାଇ, ଶଶିକାନ୍ତ ମହାନ୍ତି, ଅଜିତ୍ ଜେନା, ଅନନ୍ତ କୁମାର ମହାନ୍ତି, ଗଜାନନ ବେହେରା, ମୁରଲୀ ବେହେରା, ସମରେନ୍ଦ୍ର ସାମଲ, ରତନ ସିଂ, ସଂଜୟ ସିଂହ, ବିଷ୍ଣୁପଦ ଆଚାର୍ଯ୍ୟ, ଗୋପାଳ ଚନ୍ଦ୍ର ମହାନ୍ତି, ତପରଂଜନ ସାମଲ, ବିଜୟ କୁମାର ବେହେରା, ରାଧାଶ୍ୟାମ ଜେନା, ନିର୍ମାଳ ଦେ, ରତିକାନ୍ତ ମହାନ୍ତି, ରବିନ୍ଦ୍ର ବେହେରା ପ୍ରମୁଖ ସ୍ୱର୍ଗତ ଗିରିଙ୍କ ଅତୀତ ଦିନର ସ୍ମୃତିଚାରଣ କରିଥିବା ବେଳେ ରତିକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଏସସିଏସଟି ରେଳବାଇ କର୍ମଚାରୀ ସଙ୍ଘ ପକ୍ଷରୁ ଦାବିପତ୍ର

ଭୁବନେଶ୍ୱର,୧୩।୧ (ନି.ପ୍ର): ପୂର୍ବତଟ ରେଳପଥ ସର୍ବଭାରତୀୟ ତଫସିଲଭୁକ୍ତ ଜାତି ଓ ଜନଜାତି ରେଳବାଇ କର୍ମଚାରୀ ସଙ୍ଘ ପକ୍ଷରୁ ସମ୍ପାଦକ ନୃସିଂହ ଚରଣ ସେଠୀଙ୍କ ନେତୃତ୍ୱରେ ଆଜି ରେଳସଦନ ଠାରେ ରେଳବାଇ ବୋର୍ଡ ମାନବ ସମ୍ବଳର କାର୍ଯ୍ୟକାରୀ ନିର୍ଦ୍ଦେଶକ (ରିଜର୍ଭେସନ) ମନୋଜ କୁମାର ରାମଙ୍କୁ ଭେଟି ଛଅ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବତଟ ରେଳପଥ ସର୍ବଭାରତୀୟ ତଫସିଲଭୁକ୍ତ ଜାତି ଓ ଜନଜାତି ରେଳବାଇ କର୍ମଚାରୀ ସଙ୍ଘର ଜୋନାଲ ସେକ୍ରେଟାରୀଙ୍କ ନେତୃତ୍ୱରେ ସଂଘର ସଦସ୍ୟମାନେ ଶ୍ରୀ ରାମଙ୍କୁ ପଦୋନ୍ନତି, ଟ୍ରାନ୍ସଫର, ପିଆରଇଏମ୍ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ କ୍ୱାସି ଆଡମିନିଷ୍ଟ୍ରେଟିଭ୍ ସ୍ଥିତି, ଶାଖାସ୍ତର ପର୍ଯ୍ୟନ୍ତ କାର୍ଡ ପାସ୍ ସୁବିଧା ବିସ୍ତାର ଇତ୍ୟାଦି ଉପରେ ଏକ ସ୍ମାରକପତ୍ର ଦାଖଲ କରିଥିଲେ।

## ଭାଜପାର ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର ଓ ମିଶ୍ରଣ ପର୍ବ ଅନୁଷ୍ଠିତ

ଜଳେଶ୍ୱର,୧୩।୧ (ନି.ପ୍ର): ଆଜି ମଂଗଳବାର ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ସ୍ୱପ୍ନେଶ୍ୱର ମଣ୍ଡଳ ଜିଲାପରିଷଦ ଜୋନ୍‌୯ର ବିଜେପିର ପ୍ରଶିକ୍ଷଣ ଶିବିରକୁ ଜିଲା ସଭାପତି ଉମାକାନ୍ତ ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ରାଜପୁର, ମହମ୍ମଦନଗରପାଟଣା, ରାୟାଁରାମଚନ୍ଦ୍ରପୁର, କୋଟସାହି, ଗୋପିମୋହନପୁର, ଆରୁହା, ନଛିମପୁର, ସୁଗୋ ଓ ନେତୁଆ ଗ୍ରାମପଂଚାୟତରୁ ବୋଥସ୍ତରୀୟ ସଭାପତି, ଶକ୍ତିକେନ୍ଦ୍ର ପ୍ରମୁଖ, ମଣ୍ଡଳ କମିଟି ସଦସ୍ୟ/ ସଦସ୍ୟାମାନେ ଉପସ୍ଥିତ ରହିଥିଲେ। ଜିଲାର ପୁର୍ଣ୍ଣେନ୍ଦୁ ଆଚାର୍ଯ୍ୟ, ଅରୁଣ କୁମାର ବେଜ, ଶ୍ରୀନିବାସ ପ୍ରଧାନ, ସୁବଳା ଦାସ, ଶୋଭନା ମହାନ୍ତି, ଅଦ୍ୱୈତ୍ୟବାଗ ପ୍ରମୁଖ ପ୍ରଶିକ୍ଷକ ମାନେ ଉପସ୍ଥିତ ରହି ପ୍ରଶିକ୍ଷଣ କରାଇଥିଲେ। ପ୍ରଥମେ କମଳାକାନ୍ତ ଦେ ମଂଚ ଆହ୍ୱାନ କରିଥିବା ବେଳେ ଶିଦ୍ଧାର୍ଥଶଂକର ପାଳ ସ୍ୱାଗତ ଅଭିଭାଷଣ କରିଥିଲେ। ସ୍ୱପ୍ନେଶ୍ୱର ମଣ୍ଡଳର ସଭାପତି ତପନ ବିଶ୍ୱାଳ ପୌରହିତ୍ୱ କରିଥିବା ବେଳେ ସମୀର ପାତ୍ର, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ପର୍ଶୁରାମ ପରିଡା, ଅଶୋକ ପରିଡା, ରବିନ୍ଦ୍ର ଜେନା, ଅଭିପ୍ସା ନାୟକ ପ୍ରମୁଖ ମଂଚାସୀନ ଥିଲେ। ବିଜୟ କୁମାର ଜେନା, ବିଜୟ ଖଣ୍ଡା, ନିତ୍ୟାନନ୍ଦ ଦାସ, ସାବିତ୍ରୀ ଜେନା, ସୁଦର୍ଶନ ପ୍ରଧାନ, ବାବି ପଣ୍ଡା, ନାରାୟଣ ସାହୁ, ବିନୟ ମାଝି, ଅଜୟ ଦାସ , ଦେବରାଜ ଦେ, ସୁଦର୍ଶନ ସେନାପତି ପ୍ରମୁଖ ସହଯୋଗ କରିଥିଲେ। ମୁରଲୀଧର ଜେନା, ସୁଶିଷ ମହାନ୍ତି, ପ୍ରଫୁଲ୍ଲ ମହାନ୍ତି ପ୍ରମୁଖ ବିଜେପିରେ ଯୋଗ ଦେଇଥିଲେ।

# ବେଳାଭୂମି ପର୍ଯ୍ୟଟନ କ୍ଷେତ୍ରରେ ନୂଆ ମାଇଲଖୁଂଟ

### ଚନ୍ଦ୍ରଭାଗା ଓ ତଳସାରୀ ବେଳାଭୂମିକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କେନ୍ଦ୍ର ଭାବରେ ବିକଶିତ କରାଯିବ

ଭୁବନେଶ୍ୱର,୧୩।୧ (ନି.ପ୍ର): ପର୍ଯ୍ୟଟନ ରାଜ୍ୟ ସରକାରଙ୍କର ଅଗ୍ରାଧିକାର କ୍ଷେତ୍ର ଭାବରେ ବିକାଶ ଲାଭ କରିବା ଆରମ୍ଭ କରିଛି। ରାଜ୍ୟରେ ପର୍ଯ୍ୟଟନ କ୍ଷେତ୍ରରେ ଥିବା ବିପୁଳ ସମ୍ଭାବନାକୁ ଉପଯୋଗ କରି ଦେଶ ବିଦେଶର ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିବା ପାଇଁ ରାଜ୍ୟ ସରକାର ଏକ ଉଚ୍ଚାଭିଳାଷ ଯୋଜନା ପ୍ରସ୍ତୁତ କରିଛନ୍ତି। ବେଳାଭୂମି ପର୍ଯ୍ୟଟନ କ୍ଷେତ୍ରରେ ଏକ ମାଇଲଖୁଂଟ ଭାବରେ ରାଜ୍ୟରେ ପୁରୀ-କୋଣାର୍କ ମେରାଇଡ଼ ଡ୍ରାଇଭର ଚନ୍ଦ୍ରଭାଗା ଏବଂ ବାଲେଶ୍ୱରର ତଳସାରୀ-ଉଦୟପୁର ବେଳାଭୂମିରେ ଭିତିଭୂମିର ବିକାଶ କରି ଆନ୍ତର୍ଜାତିକ ପର୍ଯ୍ୟଟନ କେନ୍ଦ୍ର ଭାବରେ ବିକଶିତ କରିବା ପାଇଁ ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଦୁଇଟି ମହତ୍ୱାକାଂକ୍ଷୀ ଯୋଜନାର ରୂପାୟନ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଯୋଜନାରେ ପୁରୀ-କୋଣାର୍କ ବେଳାଭୂମିର ଚନ୍ଦ୍ରଭାଗା ଠାରେ ୧ କିଲୋମିଟର ବ୍ୟାପୀ ଅଂଚଳର ବିକାଶ କରାଯିବ। ଏଥିପାଇଁ ପ୍ରସ୍ତୁତ ମାଷ୍ଟର ପ୍ଲାନରେ ଜଳକ୍ରୀଡ଼ା, ଆମୋଦପ୍ରମୋଦ, ସୁଦୃଶ୍ୟ ଚଲାପଥ, ସାଇକେଲ ଟ୍ରାକ୍, ସମୁଦ୍ରର କୂଳେ କୂଳେ କାଠର ଚଲାପଥ, ମୁକ୍ତ ରଂଗମଂଚ, ଛୋଟ ପିଲାଙ୍କ ଖେଳ ପାଇଁ ଅଂଚଳ, ସୂର୍ଯ୍ୟୋଦୟ ଦେଖିବା ପାଇଁ ମଂଚ, ଦୁଃସାହସିକ କ୍ରୀଡ଼ା ଆଦି ଅତ୍ୟାଧୁନିକ ସୁବିଧା ସେହିସବୁ ସ୍ଥାନ ମାନଙ୍କରେ ଉପଲବ୍ଧ ହେବ। ଏତଦ୍ ବ୍ୟତୀତ ଆଧୁନିକ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା, ଲ୍ୟାଣ୍ଡସ୍କାପିଙ୍ଗ, ବାଲି ସୁରକ୍ଷା ବ୍ୟବସ୍ଥା, ସୌର ଆଲୋକ ସୁବିଧା ସହିତ ସ୍ଥାନୀୟ ଲୋକଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରାଯିବ। ଏହି କାର୍ଯ୍ୟ ଏକ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟ ରଖାଯାଇଥିବା ବେଳେ, ପର୍ଯ୍ୟଟକମାନେ କେବଳ ଦିନ ସମୟରେ ହିଁ ଏହି ସବୁକୁ ଉପଭୋଗ କରିପାରିବେ। ଅନ୍ୟପକ୍ଷରେ ବାଲେଶ୍ୱରର ତଳସାରୀର ବେଳାଭୂମିରେ ପର୍ଯ୍ୟଟକମାନେ ଏକାଧିକ ଦିନ ରହଣୀ କରି ଯେଉଳି ବେଳାଭୂମିର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ, ସେଥିପାଇଁ ସେଠାରେ ୨.୪ କିଲୋମିଟର ଅଂଚଳକୁ ବିକଶିତ କରାଯିବ। ଏଥିପାଇଁ ସେଠାରେ ତାରକା ହୋଟେଲ ଏବଂ ବଜେଟ ହୋଟେଲ ନିର୍ମାଣ କରିବା ପାଇଁ ଉତ୍ସାହିତ କରାଯିବ। ଏହି ବେଳାଭୂମିର ସୌନ୍ଦର୍ଯ୍ୟକୁ ପର୍ଯ୍ୟଟକମାନେ ଯେପରି ମନଭରି ଉପଭୋଗ କରିପାରିବେ, ସେଥିପାଇଁ ରୁଚିପୂର୍ଣ୍ଣ ଭାବରେ ପାଭିଲିଅନ ସହିତ ବର୍ଷା ଆଶ୍ରୟସ୍ଥଳ,କିସୋକ, ସିଟିଂ ଆଇଜଲାଣ୍ଡ, ରେଷ୍ଟୁରାଂଟ ଆଦି ସୁବିଧା ପର୍ଯ୍ୟଟକ ମାନଙ୍କ ପାଇଁ କରାଯିବ। ଏତଦ୍ ବ୍ୟତୀତ ପର୍ଯ୍ୟଟକ ମାନଙ୍କୁ ଓଡ଼ିଶାର କଳା ସଂସ୍କୃତି ସହ ପରିଚିତ କରିବା ପାଇଁ ଏକ ଆର୍ଟ ଏବଂ କ୍ରାଫ୍ଟ ପ୍ଲାଜା ମଧ୍ୟ ନିର୍ମାଣ କରାଯିବ। ଏସବୁ ଭିତିଭୂମି କାର୍ଯ୍ୟ ଅକ୍ଟୋବର ୨୦୨୧ ସୁଦ୍ଧା ଲକ୍ଷ୍ୟ ରଖାଯାଇଛି।

ପର୍ଯ୍ୟଟକ ମାନଙ୍କ ସୁରକ୍ଷା ଦୃଷ୍ଟିରୁ ଉଭୟ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯିବ ଏବଂ ଲାଇଫ ଗାର୍ଡ଼ ମାନଭ୍‌କୁ ମୂତୟନ କରାଯିବ। ଏହିସବୁ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟରେ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଦେର୍ଦଶ ଦେବା ସହିତ ଏଥିପାଇଁ ସମସ୍ତ ସହଯୋଗ ଯୋଗାଇ ଦେବାପାଇଁ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗ, ଏଜେନ୍‌ସି ଓ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ପୁରୀ ବେଳାଭୂମିକୁ ବ୍ଲୁ ଫ୍ଲାଗ୍ ଷ୍ଟାଣ୍ଡାର୍ଡ଼ ମିଳିଥିବାରୁ ମୁଖ୍ୟମନ୍ତ୍ରୀ ଆନନ୍ଦ ପ୍ରକାଶ କରିବା ସହିତ ଏଥିପାଇଁ ଜିଲ୍ଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗକୁ ଧନ୍ୟବାଦ ଜଣାଇଥିଲେ ଏବଂ ଆଗାମୀ ୨ ବର୍ଷ ମଧ୍ୟରେ ପୀର ଜାହାନିଆ, ନିଳାଦ୍ରୀ, ମୁହାଣ ଆଦି ପୁରୀ ଜିଲ୍ଲାରେ ଥିବା ବେଳାଭୂମି ଏବଂ ଗଂଜାମ ଜିଲ୍ଲାର ହରିପୁର ଓ ପତିସୋନପୁର ବେଳାଭମୂିକୁ ବ୍ଲୁ ଫ୍ଲାଗ୍ ବେଳାଭୂମି ଭାବରେ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

## ଜାତୀୟ ଯୁବ ଦିବସରେ କମ୍ବଳ ବଂଟନ

ଭୁବନେଶ୍ୱର, ୧୨ ଜାନୁଆରୀ - ଜାତୀୟ ଯୁବ ଦିବସ ଉପଲକ୍ଷେ ଗୁଣନିଧି ରବିନ୍ଦ୍ର ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ବିନ୍ଦୁସାଗର ନିକଟ ଡାଲମିଆ ଧର୍ମଶାଳାରେ ଶତାଧିକ ନିରାଶ୍ରୟ ଲୋକଙ୍କୁ କମ୍ବଳ ଓ ମାସ୍କ ବଂଟନ କରାଯାଇଥିଲା। ସେବା ପ୍ରତିନିଧି ପକ୍ଷରୁ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନୀଳମଣି ମିଶ୍ର ଏଥିରେ ସଂଯୋଜନା କରିଥିଲେ। ସ୍ୱାମୀ ବିବେକାନନ୍ଦ, ସ୍ୱର୍ଗତ ଗୁଣନିଧି ମହାପାତ୍ର, ସ୍ୱର୍ଗତ ରବିନ୍ଦ୍ର ମହାପାତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ସ୍ମୃତିସଭା କରାଯିବା ପରେ କମ୍ବଳ ବଂଟନ କରାଯାଇଥିଲା। ଏଥିରେ ବିଧାୟକ ସୁରେଶ କୁମାର ରାଉତରାୟ, ସମାଜସେବୀ ସୁଜାତା ମହାପାତ୍ର, ଲିଙ୍ଗରାଜ ସାହୁ ପ୍ରମୁଖ ସାମିଲ ଥିଲେ।

## ମୟୂରଭଞ୍ଜ ଲୋକସଂସ୍କୃତିରେ...

(ପୃଷ୍ଠା ୪ର ଅବଶିଷ୍ଟାଂଶ...)

ମୟୂରଭଞ୍ଜରେ ଏହା ଏକ ଉଲ୍ଲେଖନୀୟ ଉତ୍ସବ କହିଲେ ଚଳେ ।

ଏହି ମକର ପର୍ବ ସହିତ ଆହୁରି ଅନେକ ଉତ୍ସବ ଜଡିତ ହୋଇଥାଏ । ତନ୍ମଧ୍ୟରୁ କୁଡୁମୀ ସଂପ୍ରଦାୟର ଟୁସୁ ଏବଂ ସାନ୍ତାଳିମାନଙ୍କର ଦାମୋଦର ଯାତ୍ରା ଅନ୍ୟତମ । କୁଡୁମୀ ସଂପ୍ରଦାୟ ବା ମହାନ୍ତ ଜାତିର କୁମାରୀ ଝିଅ ବା ସଧବା ସ୍ତ୍ରୀମାନଙ୍କ ଦ୍ୱାରା ଏହି 'ଟୁସୁ ପର୍ବ' ମକର ସଂକ୍ରାନ୍ତି ଦିନଠାରୁ ପାଳିତ ହୋଇଥାଏ । ମହନ୍ତ ସଂପ୍ରଦାୟର ଅବିବାହିତ ଝିଅମାନେ ସେମାନଙ୍କର ଇଷ୍ଟଦେବୀ ଟୁସୁଦେବୀଙ୍କ ମୃଣ୍ମୟ ମୂର୍ତ୍ତି ଗଢି ବିଭିନ୍ନ ନଦୀ କୂଳରେ ସ୍ଥାପନା ପୂର୍ବକ ପୂଜାର୍ଚ୍ଚନା କରନ୍ତି । ସେମାନେ ପାରଂପରିକ ଗୀତ ବୋଲି ଟୁସୁ ଦେବୀଙ୍କୁ ଶୋଭାଯାତ୍ରାରେ ନେଇ ଗ୍ରାମ ପରିକ୍ରମା କରିଥାଆନ୍ତି । ମୁଖ୍ୟତ ସଙ୍ଗୀତ ମାଧ୍ୟମରେ ଏହି ପୂଜା ସଂପାଦିତ ହୋଇଥାଏ । ଏହି ସଙ୍ଗୀତଗୁଡିକୁ ଟୁସୁଗୀତ ବୋଲି କୁହାଯାଏ ଏବଂ କୁଡୁମୀ ସଂପ୍ରଦାୟର ଝିଅବୋହୁମାନେ 'କୁଡୁମାଲି'ଭାଷାରେ ଏହାକୁ ଗାନ କରିଥାଆନ୍ତି । ଗୀତ ମାଧ୍ୟମରେ ସେମାନେ ଜୀବନର ସୁଖ, ଦୁଃଖ, ହସ ଓ କାନ୍ଦକୁ ଟୁସୁଦେବୀଙ୍କ ଆଗରେ ବଖାଣିଥାନ୍ତି । ପ୍ରତ୍ୟୁତ୍ତର ଛଳରେ ଗୀତଗୁଡିକ ସେହିଭଳି ବ୍ୟଞ୍ଜିତ ହୋଇଥାଏ । ମା ଓ ଝିଅ ସଂପର୍କର ଅନ୍ତରଙ୍ଗତା ଏହି ଗୀତ ମାଧ୍ୟମରେ ଦୃଶ୍ୟମାନ ହୋଇଥାଏ । ଅବଶେଷରେ ଆସେ ବିଦାୟବେଳା । ପୂଜା ଶେଷ ହେବାପରେ ସେମାନେ ମୂର୍ତ୍ତିକୁ ନଦୀରେ ବସର୍ଜିତ କରିଥାନ୍ତି । ଟୁସୁ ଭସାଣ ଗୀତ ମାଧ୍ୟମରେ ସେମାନେ ଟୁସୁଦେବୀଙ୍କୁ ବିଦାୟ ଦିଅନ୍ତି ।

ଏହି ସଂପ୍ରଦାୟର ଝିଅମାନେ ଟୁସୁଦେବୀଙ୍କୁ ପୂଜାକରିବା ପଛରେ ବହୁ କିମ୍ବଦନ୍ତୀ ଶୁଣାଯାଏ । କାରଣ ଟୁସୁଦେବୀ କୌଣସି ପୌରାଣିକ ଆଖ୍ୟାନ କିମ୍ବା ଐତିହାସିକ ତଥ୍ୟ ଉପରେ ପର୍ଯ୍ୟବେସିତ ନୁହେଁ । କେହିକେହି ଗବେଷକ ଟୁସୁଦେବୀଙ୍କ ସୀତାଦେବୀଙ୍କ ପାତାଳ ପ୍ରବେଶ ଗଙ୍ଗାଦେବୀଙ୍କ ଶାନ୍ତନୁଙ୍କଠାରୁ ବିଛେଦ କିମ୍ବା ବଂଗମୟ ତୁଲଷା ଲକ୍ଷ୍ମୀବ୍ରତର ଲକ୍ଷ୍ମୀଦେବୀଙ୍କ ସମ୍ପର୍କ ଖୋଜିଲାବେଳେ କେହି ମଧ୍ୟ ଇତିହାସ ପୃଷ୍ଠାର ରାଜପୁତ କନ୍ୟା ତୁସ୍ମିନୀ ଦେବୀଙ୍କ ସତୀତ୍ୱ ରକ୍ଷାଲାଗି ପ୍ରାଣ ବିସର୍ଜନ ସଙ୍ଗେ ଏହି ପୂଜାର ସଂଯୋଗ ଥିବା ବିଶ୍ୱାସ କରନ୍ତି । ପୁଣି କିଛି ଗବେଷକଙ୍କ ମତରେ ଜୈନିକ କୁଡୁମୀ ଜମିଦାରଙ୍କର ଏକମାତ୍ର ଅଲିଅଳି ଝିଅ ଥିଲା 'ଟୁସୁ' । ସେ ଥିଲା ଅପରୂପ ସୌନ୍ଦର୍ଯ୍ୟର ଅଧିକାରିଣୀ । ମୋଗଲଶାସନାଧୀନ ସେ ସମୟର କେଉଁଝର ଓ ମୟୂରଭଞ୍ଜର ଶାସକଙ୍କ ଦୃଷ୍ଟି ପଡିଲା ଟୁସୁଙ୍କ ଉପରେ । ଟୁସୁଙ୍କର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ମୋଗଲ ବାଦଶାହା ତାଙ୍କୁ ନିଜର ବେଗମ କରିବାକୁ ଚାହିଁଲେ । ଜମିଦାର ଟୁସୁଙ୍କ ପିତାଙ୍କୁ ଏହା ଭଲ ଲାଗିନଥିଲା । ତେଣୁ ପରିସ୍ଥିତିରୁ ମୁକୁଳିବା ପାଇଁ ସେ ଅନ୍ୟତ୍ର ଝିଅର ବାହାଘର ଠିକ କରିଦେଲେ । ଏ ଖବର ବାଦଶାହାଙ୍କ ନିକଟରେ ପହଞ୍ଚିବାରୁ ସେ ଟୁସୁ ନିମନ୍ତେ ସ୍ଥିରିକୃତ ବରପାତ୍ରକୁ ହତ୍ୟା କରିବା ସହିତ ଜମିଦାରଙ୍କୁ ଅକଥନୀୟ ନିର୍ଯ୍ୟାତନା ଦେଲେ । ନିଜର ଭାବିପତିଙ୍କୁ ହରାଇ ଥିବା ଟୁସୁ ପିତାଙ୍କୁ ନିର୍ଯ୍ୟାତନାରୁ ରକ୍ଷା ଏବଂ ବାଦଶାହାଙ୍କ କାମୁକ ଦୃଷ୍ଟିରୁ ନିଜକୁ ରକ୍ଷା କରିବା ନିମନ୍ତେ ଏକ ଚରମ ନିଷ୍ପତ୍ତି ନେଲେ । ସେ ଏହି ପବିତ୍ର ମକର ସଂକ୍ରାନ୍ତି ଦିନ ପବିତ୍ର କଂସାବତୀ(ବୈତରଣୀ) ନଦୀକୁ ଝାସଦେଇ ନିଜର ସତୀତ୍ୱ ରକ୍ଷା କରିଥିଲେ । ସେହି ପବିତ୍ର ସ୍ମୃତିକୁ ମନେ ରଖିବା ନିମନ୍ତେ କୁଡୁମୀ ସଂପ୍ରଦାୟ ପ୍ରତ୍ୟେକ ବର୍ଷ ମକରସଂକ୍ରାନ୍ତି ଦିନ ଟୁସୁପର୍ବ ପାଳନ କରିଆସୁଛି ।

ଟୁସୁ ପୂଜାର ସୃଷ୍ଟି,ପରଂପରା ଗବେଷଣାର ଅପେକ୍ଷା ରଖେ । କିନ୍ତୁ ଏସବୁରୁ ଉର୍ଦ୍ଧ୍ୱରେ ପଲ୍ଲୀ ଲଳନାର ଆଶା ଓ ଆନନ୍ଦ ସଙ୍ଗେ ସଙ୍ଗେ ବ୍ୟଥା ଓ ବେଦନାର ସୁମଧୁର ରାଗିଣୀ ଟୁସୁଗୀତ ମାଧ୍ୟମରେ ମୂର୍ଚ୍ଛିତ ହୋଇଥାଏ । ଏହି ପୂଜାର କୌଣସି ଲିଖିତ ବିଧାନ ନଥିବା ବେଳେ ଥାଏ କେବଳ ନିଷ୍କପଟ ହୃଦୟର ଅଭିବ୍ୟକ୍ତି ।

## ବନ ବିଭାଗ ଦ୍ୱାରା ବିରଳ ଜଙ୍ଗଲୀ କ୍ୟାଟ ଉଦ୍ଧାର

ନୀଳଗିରି,୧୩।୦୧ (ନି.ପ୍ର): ନୀଳଗିରି ବନ ବିଭାଗ ଦ୍ୱାରା ନୂତନ ଜଙ୍ଗଲ କ୍ୟାଟ ଉଦ୍ଧାର କରାଯାଇଛି । ନୀଳଗିରି ଏନଏସି ଅଧିନସ୍ଥ ୪ ନଂ ୱାର୍ଡ ମିରିଗିଣି ଗାଁ ମୁଣ୍ଡ ଟାୟାର ଦୋକାନ ନିକଟରେ ଏକ ବାଘ ଛୁଆ ସଦୃଶ୍ୟ ପଶୁଛୁଆଟି ହଠାତ୍ ସେଠାରେ ବୁଲୁଥିବା ବେଳେ ସ୍ଥାନୀୟ ଯୁବକ ମାନେ ଦେଖି ଗଣମାଧ୍ୟମକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଗଣମାଧ୍ୟମର ପ୍ରତିନିଧି ମାନେ ପହଂଚିବା କ୍ଷଣି ବିରଳ ଜଙ୍ଗଲି କ୍ୟାଟକୁ ଦେଖିବା ପାଇଁ ଲୋକଙ୍କ ଭିଡ ଲାଗିଥିଲା। ପଶୁ ଛୁଆଟିର ୪ଟି ଗୋଡ଼ରେ ବଡ଼ ବଡ଼ ନଖ ଥିବା ବେଳେ କାନ ୨ଟି ତୀକ୍ଷଣ ଥିବା ସହିତ ବାଘ ପରି ମୁହଁରେ ନିଶ ଥିବାରୁ ଏହାକୁ ଲୋକେ ଚିହ୍ନି ପାରିନଥିଲେ। ପରେ ଖବର ପାଇ ନୀଳଗିରି ରେଞ୍ଜ ଅଧିକାରୀ ମନୱାର ଖାଁ ଘଟଣାସ୍ଥଳରେ ପହଂଚିଲା ପରେ ଏହା ବାଘ ଛୁଆ ନୁହେଁ , ଏହା ଏକ ବିରଳ ଜଙ୍ଗଲୀ କ୍ୟାଟ ବୋଲି କହିବା ସହିତ ଜନ୍ତୁଟି ହାତୀର ପରମ ଶତ୍ରୁ ବୋଲି ରେଞ୍ଜ ଅଧିକାରୀ ସୂଚନା ଦେଇଥିଲେ। ପରେ ଉଦ୍ଧାର ଜଙ୍ଗଲୀ କ୍ୟାଟକୁ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ଜଣାପଡିଛି ।

## ପାରାଦୀପ ଏନ.ସି.ସି କ୍ଲବ ପକ୍ଷରୁ ବନ୍ଧୁ ମିଳନ



ପାରାଦ୍ୱୀପ,୧୩।୦୧ (ନି.ପ୍ର): ପାରାଦୀପ ଏନ୍.ସି.ସି. କ୍ରିକେଟ କ୍ଲବ ତରଫରୁ ବୁଧବାର ଦିନ ଶଡ଼କୁଦ ସାଉଦଗେଟ୍ ନିକଟରେ ବନ୍ଧୁ ମିଳନଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକର୍ମରେ ସଭାପତିତ୍ୱ କରିଥିଲେ ଚନ୍ଦନ କୁମାର ଦାସ , ଅନ୍ୟମାନଙ୍କ ମଧ୍ୟରେ ତୁଶାର କୁମାର ପ୍ରଧାନ, ଜୟନ୍ତ ଲେଙ୍କା,ସ୍ମୃତି ରଂଜନ ଜେନା, ପ୍ରକାଶ ରାଉତ, ସଂଜୟ ସାହୁ,ଦିପ୍ତି ରଂଜନ ଦାସ, ଜଗନ୍ନାଥ ଶତପଥୀ,ପାର୍ଥ ସାରଥି ମହାପାତ୍ର, ମାନସ ପଣ୍ଡା,ସୁଶାନ୍ତ,ସଂଜୟ ସେଠି, ସଂନ୍ତେସ ରାଉତ,ନିର୍ଭୟ ମଲ୍ଲ ପ୍ରମୁଖ ଯୋଗଦାନ କରିଥିଲେ। ଏହି କ୍ଲବ ତରଫରୁ ପ୍ରତିବର୍ଷ ବନ୍ଧୁ ମିଳନ କାର୍ଯ୍ୟକର୍ମ ଅନୁଷ୍ଠିତ କରାଯାଏ। ଏ ବର୍ଷ କରୋନାକୁ ଦୃଷ୍ଟିରେ ରଖି ସିମିତ ସଦସ୍ୟ ମାନଙ୍କୁ ନେଇ କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଥିଲା। ଏହି କ୍ଲବ କରୋନା ସମୟରେ ମାସ୍କ, ସାନିଟାଇଜର,ଅସହାୟ ମାନଙ୍କୁ ଖାଦ୍ୟ ବନ୍ଟନ ଭଳି କାର୍ଯ୍ୟକର୍ମରେ ଯୋଗଦାନ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୮୦ ବିଧାୟକଙ୍କୁ....

କାରଣ ଲୋକାର୍ପିତ ହେବ ୭୫୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ବହୁ ପ୍ରତିକ୍ଷିତ ଇନ୍ଦ୍ରାବତୀ ମେଗା ଜଳସେଚନ ପ୍ରକଳ୍ପ । ଏହି ପ୍ରକଳ୍ପ ଦ୍ୱାରା କୋକସରା, ଧର୍ମଗଡ଼ ଓ ଜୟପାଟଣା ବ୍ଲକର ୮୭ଟି ଗାଁର ଚାଷୀ ଓ ସାଧାରଣ ଲୋକେ ଉପକୃତ ହେବେ । ତେବେ ଏହି କାର୍ଯ୍ୟକ୍ରମ ପଛର ଉଦ୍ଦେଶ୍ୟ ରହିଛି ଫୋକସ୍ ପଶ୍ଚିମ ଓଡିଶା । ଦେଶରେ ଚାଷୀ ଆନ୍ଦୋଳନ ଜାରି ରହିଥିବାବେଳେ କୃଷକଙ୍କୁ ଆକୃଷ୍ଟ କରିବାକୁ ରାଜ୍ୟ ସରକାର ଏଭଳି ଉଦ୍ୟମ ଚଳାଇଥିବା କୁହାଯାଉଛି । ପଶ୍ଚିମ ଓଡିଶାରେ ୧୯ ନିର୍ବାଚନରେ ୫ରୁ ୫ଟି ଲୋକସଭା ଆସନ ଖସିଯାଇଥିଲା ବିଜେଡି ହାତରୁ । ଗତ ପଂଚାୟତ ନିର୍ବାଚନରେ ବି କଳାହାଣ୍ଡି ଜିଲ୍ଲାରେ ବିଜେଡି ସବୁଠୁ ଖରାପ ପ୍ରଦର୍ଶନ ବି କରିଥିଲା। ଏପରିକି ମାତ୍ର ଗୋଟିଏ ଜିଲ୍ଲା ପରିଷଦ ସିଟ୍ ହାତେଇଥିଲା ବିଜେଡି । ଆଗକୁ ପଂଚାୟତ ଏବଂ ପୌର ନିର୍ବାଚନ ଥିବାରୁ ବିଜେଡି ସରକାରର ଏହା ମେଗା ଇଭେଣ୍ଟ । ତେବେ ମହାଙ୍ଗା ହତ୍ୟାକାଣ୍ଡରୁ ପରୀ ଇସ୍ୟୁ, ବିଜେପି ବିଭିନ୍ନ ପ୍ରସଙ୍ଗରେ ରାଜ୍ୟରେ ଅଭିଯାନ ଚଳାଇଥିବାରୁ ଏହାକୁ କାଉଣ୍ଟର ପାଇଁ ଏହି ମେଗା ଇଭେ ନୁହେଁ ତ ? ଏବେ ଏମିତି ପ୍ରଶ୍ନ ଉଠିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଆଜି ବିଜେଡ଼ିର ନେତା ଓ ମନ୍ତ୍ରୀଙ୍କୁ ଭବାନୀପାଟଣାରେ କଳାପତାକା ପ୍ରଦର୍ଶନ କରିଥିଲା କଂଗ୍ରେସ। ବିଜେପି ମଧ୍ୟ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛି । କିଛି ଦିନ ପୂର୍ବରୁ ପୂର୍ବତନ ମୁଖ୍ୟଶାସନ ସଚିବ ଅସିତ ତ୍ରିପାଠୀଙ୍କୁ ପଶ୍ଚିମ ଓଡିଶା ବିକାଷ ପରିଷଦର ଅଧ୍ୟକ୍ଷ ସହ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଭାବେ ନିଯୁକ୍ତି ମିଳିଛି । ଆଉ ଏବେ ମୁଖ୍ୟମନ୍ତ୍ରୀଙ୍କ ମେଗା କାର୍ଯ୍ୟକ୍ରମ । ତେବେ ପଶ୍ଚିମ ଓଡ଼ିଶା କାର୍ଡ କେତେ କାମ ଦେଉଛି, ତାଉପରେ ନଜର ରହିଛି।

## 'ପରୀ' ମାମଲାରେ....

ଶେଷରେ ପରୀଙ୍କ ମାଆ ସୌଦାମିନୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଗୁରୁତ୍ୱ ଦେଖି କୋର୍ଟ ରାଜ୍ୟ ସରକାରଙ୍କୁ ନୋଟିସ କରିଛନ୍ତି। ଅନ୍ୟପକ୍ଷରେ ପରୀ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ନାବାଳକର ବ୍ରେନ ମ୍ୟାପିଂ ପାଇଁ ଆଜି ଝଓଝ ଆବେଦନ କରିଥିଲା। କିନ୍ତୁ ଅଭିଯୁକ୍ତ ବ୍ରେନ ମ୍ୟାପିଂ କରିବା ପାଇଁ ମନା କରିଦେଇଛନ୍ତି ନାବାଳକ। ଯାହାଫଳରେ ନୟାଗଡ ଜୁଭେନାଇଲ ଜଷ୍ଟିସ ବୋର୍ଡ ମାମଲାର ଶୁଣାଣି କରି ଏସ୍ଆଇଟିର ବ୍ରେନ୍ ମ୍ୟାପିଂ ଆବେଦନକୁ ଖାରଜ କରିଦେଇଛନ୍ତି।

## ଡି. ପ୍ରକାଶ ରାଓ ଅନ୍ୟମାନଙ୍କ....

ସମାଜସେବୀ ପଦ୍ମଶ୍ରୀ ଡି. ପ୍ରକାଶ ରାଓ କଟକ ବକ୍ସିବଜାରରେ ଏକ ଚା' ଦୋକାନ କରିଥିଲେ। ସେଥିରୁ ଉପାର୍ଜିତ ଅର୍ଥରେ ସେ ବସ୍ତି ପିଲାମାନଙ୍କୁ ପାଠ ପଢ଼ାଉଥିଲେ। ଏଥିସହ ସେ ନିଜ ଉଦ୍ୟମରେ ସ୍କୁଲ କରିଛନ୍ତି। ଏହାଛଡ଼ା ସେ ୨୦୦ ଥରରୁ ଅଧିକ ଥର ରକ୍ତଦାନ କରିଛନ୍ତି। ତାଙ୍କର ଏହି ଅବଦାନ ପାଇଁ ୨୦୧୯ ମସିହାରେ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ 'ମନକି ବାତ୍' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଡି. ପ୍ରକାଶ ରାଓଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଏପରିକି କଟକ ଗସ୍ତ ସମୟରେ ଡି. ପ୍ରକାଶ ରାଓଙ୍କୁ ପ୍ରଧାନମନ୍ତ୍ରୀ ଭେଟିଥିଲେ। ଆଉ ତାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ସ୍କୁଲର ପିଲାମାନଙ୍କ ସହିତ ମୋଦି ଫଟୋ ଉଠାଇଥିଲେ। ଆଜି ସେହି ଫଟୋକୁ ମୋଦି ଟ୍ୱିଟ୍ ? କରି ଶୋକବ୍ୟକ୍ତ କରିଛନ୍ତି। ଆଜି ସମାଜସେବୀ ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କ ମୃତ୍ୟୁ ଘଟିଛି। ଏସସିବି କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଶୋକ ପ୍ରକାଶ କରିଛନ୍ତି।

## ଅପରାଜିତା ଡାଳେ ଡାଳେ....

ଯାହାକି ରାଜ୍ୟ ସରକାରଙ୍କ ୫ ଟଙ୍କିଆ ଭାତ-ଡାଲମା ଯୋଜନା 'ଆହାର'କୁ ସିଧାସଳଖ ଚ୍ୟାଲେଞ୍ଜ ସୃଷ୍ଟି କଲା। ତେବେ ଅପରାଜିତା ଡାଳେ ଡାଳେ ଗଲେ ରାଜ୍ୟ ସରକାରଙ୍କ ଇଙ୍ଗିତରେ ପରିଚାଳିତ ବିଏମସି ପତ୍ରେ ପତ୍ରେ। ମାଗଣା ଭୋଜନ ନେଇ ଦିନେ ନାହିଁ କି କାଳେ ନାହିଁ ନୋଟିସ୍ ଜାରି କରି ନଥିବା ବିଏମସି ହଠାତ୍ ଏକ ନୋଟିସ୍ ଜାରି କରି ମାଗଣା ବାଣ୍ଟିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଧମକ ଦେଇଛି। ନୋଟିସ୍‌ରେ କୁହାଯାଇଛି ଯେ, ଭୁବନେଶ୍ୱରକୁ ଭିକ୍ଷାବୃତ୍ତିମୁକ୍ତ ସହର ଭାବେ ଗଠନ ପାଇଁ ଲକ୍ଷ୍ୟ ରଖାଯାଇଛି। ହେଲେ କିଛି ସଂସ୍ଥା ବିଏମସିର ବିନା ଅନୁମିତିରେ ଖାଦ୍ୟ ବସ୍ତ୍ର ବାଣ୍ଟୁଛନ୍ତି। ଏହା ଫଳରେ ସେହି ବୃତ୍ତିର ଲୋକମାନେ ସରକାରୀ ଆଶ୍ରୟସ୍ଥଳରେ ନରହି ରାସ୍ତାକଡ଼ରେ ରହିବାକୁ ପସନ୍ଦ କରୁଛନ୍ତି। ତେଣୁ ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଏହାର ଜବାବ ଦେଇଛନ୍ତି ଅପରାଜିତା। ଅପରାଜିତା କହିଛନ୍ତି ଅନ୍ନପୂର୍ଣ୍ଣା ଯୋଜନାରେ କାହାକୁ ମାଗଣାରେ ଖାଦ୍ୟ ଦିଆଯାଉ ନାହିଁ। ଲୋକଙ୍କୁ ଏଥିପାଇଁ ୧ ଟଙ୍କା ଦେବାକୁ ପଡ଼ିବ। ଏ ସବୁ ତ ରାଜନୀତିର ଛକାପଞ୍ଝାର କଥା। ଏହାବାଦେ ସାଧାରଣ ଭାବେ ମନରେ ଗୋଟିଏ ବିଚାର ଆସୁଛି। ଆମ ହିନ୍ଦୁ ଧର୍ମରେ ଦାନ ପରମ୍ପରାର ବିଶ୍ୱାସ ରହିଛି, ଅସହାୟ, ଗରିବ ଓ ଭିକ୍ଷାବୃତ୍ତି କରୁଥିବା ବ୍ୟକ୍ତିଙ୍କୁ ମାଗଣାରେ ଖାଦ୍ୟ ଦେଲେ ପୁଣ୍ୟ ଅର୍ଜନ ହୁଏ। ଏଥିପାଇଁ ଲୋକେ ବିଭିନ୍ନ କ୍ରିୟା କର୍ମ ତଥା ବାହାଘର, ବ୍ରତ, ଜନ୍ମଦିନ ଓ ଶ୍ରାଦ୍ଧ କର୍ମରେ ମାଗଣା ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରନ୍ତି। ଏଥିପାଇଁ ଭୁବନେଶ୍ୱରର ବିନ୍ଦୁ ସାଗରଠାରୁ ଆରମ୍ଭ କରି ରାମମନ୍ଦିରରେ ଅଧିକ ଭିଡ଼ ଜମେ। ଏବେ ପ୍ରଶ୍ନ ଉଠୁଛି ଯଦି କେହି ଜଣେ ତାଙ୍କ ସମ୍ପର୍କୀୟଙ୍କ ଶ୍ରାଦ୍ଧ କର୍ମରେ କାହାକୁ ମାଗଣା ବାଣ୍ଟିବାକୁ ଇଚ୍ଛା କରନ୍ତି ତାଙ୍କୁ କ'ଣ ବିଏମସି ପାଖରୁ ଅନୁମିତି ନେବାକୁ ପଡ଼ିବ ବିଏମସି ପକ୍ଷରୁ ଜାରି ହୋଇଥିବା ନୋଟିସ୍‌ରେ ଏହାର ସ୍ପଷ୍ଟ ଉତ୍ତର କିନ୍ତୁ ନାହିଁ। ଏମିତି ବି ଦେଖିବାକୁ ଗଲେ ଉତ୍ସବ, ପୂଜା ପର୍ବକୁ ଆଳ କରି ନେତାମନ୍ତ୍ରୀଙ୍କ ଠାରୁ ଅଧିକ କେହି ବାଣ୍ଟି ପାରନ୍ତି ନାହିଁ। ତେବେ ସେ ଯାହା ହେଉ ନା କାହିଁକି ଏ ରାଜ୍ୟକୁ କିଏ ମାଗଣାଖିଆ ଓ ଛତ୍ରଖିଆ କରିଛି ଏହାର ଉତ୍ତର ହୁଏତ ବିଜେପି ନେତା ଖାରବେଳ ସ୍ୱାଇଁଙ୍କ ଠାରୁ ଆଉ କେହି ଅଧିକ କହି ପାରିବେ ନାହିଁ। ଯାହା ସେ ବୁଲି ବୁଲି ପ୍ରଚାର କରନ୍ତି ।

## ବାଇକ ଦୁର୍ଘଟଣାରେ ୧ ମୃତ,୧ ଗୁରୁତର,୧ ଆହତ

ନୀଳଗିରି,୧୩।୦୧ (ନି.ପ୍ର): ନୀଳଗିରି ଥାନା ଅନ୍ତର୍ଗତ ମିରିଗିଣି ଛକ ନିକଟରେ ଦୃତ ଗତିରେ ଯାଉଥିବା ଏକ ବାଇକ ଦୁର୍ଘଟଣା ଗ୍ରସ୍ତ ହେବା ଯୋଗୁଁ ବାଇକରେ ଥିବା ୨ ଜଣ ଯୁବକଙ୍କ ମଧ୍ୟରୁ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ଥିବା ଜଣାପଡିଛି। ସୂଚନା ଅନୁଯାୟୀ ରାତି ପ୍ରାୟ ୮ଟା ସମୟରେ ଶ୍ୟାମସୁନ୍ଦରପୁର ଗ୍ରାମପଂଚାୟତ କାଇଁଶପାଳ ଅଂଚଳର ୨ ଜଣ ଯୁବକ ଦ୍ରୁତ ଗତିରେ ଏକ ବାଇକରେ ଯାଉଥିବା ବେଳେ ମିରିଗିଣି ଅଂଚଳର ସଂନ୍ଧ୍ୟା ଭ୍ରମଣରେ ଚାଲି ଚାଲି ଯାଉଥିବା ଦେବାଶିଷ ଦ୍ୱିବେଦୀଙ୍କୁ ପଛପଟୁ ଧକ୍କା ଦେବା ଫଳରେ ଗାଡିଟି ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ କାଇଁଶପାଳର କାର୍ତ୍ତିକ ଦେହୁରି(୪୫) ଙ୍କର ମୃତ୍ୟୁ ହୋଇଥିବା ବେଳେ ଦେବେନ୍ଦ୍ର ପାତ୍ର(୨୭) ଗୁରୁତର ହୋଇ ନୀଳଗିରି ଡାକ୍ତରଖାନାରେ ଚିକିତ୍ସିତ ହୋଇଥିବା ଜଣାପଡିଛି। ଚାଲିଚାଲି ଯାଉଥିବା ଦେବାଶିଷ ଦ୍ୱିବେଦୀ ମଧ୍ୟ ସାମାନ୍ୟ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତ ଦେହ ଆସନ୍ତାକାଲି ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି।

## ଫକୀର ମୋହନଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୧୩।୦୧ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ - ଆଧୁନିକ ଓଡ଼ିଆ ଭାଷା-ସାହିତ୍ୟର ଯୁଗାନ୍ତକାରୀ ସ୍ରଷ୍ଟା ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ।

## ଅଗ୍ନିକାଣ୍ଡରେ ୩ଟି ଦୋକାନଗୃହ ପୋଡି ନଷ୍ଟ



ଜଳେଶ୍ୱର, ୧୩/୧ (ନିପ୍ର) : ଜଳେଶ୍ୱର ବ୍ଲକ ଅଧିନ ଜାତୀୟ ରାଜପଥ ୬୦ର ଲକ୍ଷ୍ମଣନାଥ ପୁରୁଣା ତନଖିଫାଟକ ନିକଟରେ ମଂଗଳବାର ମଧ୍ୟ ରାତ୍ରୀରେ ଅଚାନକ ୩ଟି ଦୋକାନ ଗୃହରେ ଅଗ୍ନି ସଂଯୋଗ ହୋଇ ସମସ୍ତ ଆସବାପତ୍ର ସହିତ ଗ୍ରୋସରି ସାମଗ୍ରୀ ସଂପୂର୍ଣ୍ଣଭାବେ ଭସ୍ମିଭୂତ ହୋଇଛି । ଉକ୍ତ ସ୍ଥାନରେ କଟିସାହି ଗ୍ରାମର ଭାରତୀ ସେଠୀ, ନାଙ୍ଗୁରସାହି ଗ୍ରାମର ସରୋଜିନୀ ବେହେରା ଓ ସୁକାନ୍ତି ସିଂ ପ୍ରମୁଖ ଦୋକାନ କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ । ମାତ୍ର ସେମାନେ ପ୍ରତିଦିନ ଭଳି ମଂଗଳବାର ରାତ୍ରୀ ୮ଟା ସମୟରେ ଦୋକାନ ବନ୍ଦ କରି ଘରକୁ ଯାଇଥିବା ବେଳେ ମଧ୍ୟରାତ୍ରୀରେ ଅଗ୍ନିକାଣ୍ଡର ଖବର ପାଇଥିଲେ । ଟୋଲ ପ୍ଲାଜାର ଅନତୀଦୂରରେ ଏପରି ଘଟଣା ହୋଇଥିବାରୁ ଉପସ୍ଥିତ ଥିବା କର୍ମଚାରୀମାନେ ଦମକଳ ବିଭାଗକୁ ସୂଚନା ଦେଇଥିଲେ । ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରି ଫେରିଥିଲେ । ପ୍ରାୟ ୩ଟି ଦୋକାନ ଗୃହରେ ଲକ୍ଷାଧିକ ଟଙ୍କାର ଜିନିଷପତ୍ର ପୋଡି ଯାଇଥିବା ବେଳେ କେହିଜଣେ ଦୁର୍ବୃର୍ତ୍ତ ଚୋରୀ କରିବାକୁ ଆସି ବିଫଳହୋଇ ଏଥିରେ ଅଗ୍ନିସଂଯୋଗ କରିଥିବାର ସନ୍ଦେହ କରାଯାଉଛି । କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ନଛିମପୁର ସରପଂଚ ପ୍ରତିନିଧି ସପନ ଜେନା, ସୁଦାମ ପାତ୍ର, ରାଜେଶ ଜେନା ପ୍ରମୁଖ ସରକାରଙ୍କ ଠାରେ ନିବେଦନ କରିଛନ୍ତି ।

## ୨୦୨୦-୨୧ ରବି କୃଷି ନିର୍ଦ୍ଧାରଣ କମିଟି ବୈଠକ

ଭଦ୍ରକ,୧୩।୦୧ (ନି.ପ୍ର): ୨୦୨୦-୨୧ ରବି ଋତୁ ପାଇଁ ଭଦ୍ରକ ଜିଲ୍ଲା ନିମନ୍ତେ କୃଷି ନିର୍ଦ୍ଧାରଣ କମିଟି ବୈଠକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଜଗନ୍ନାଥ ନନ୍ଦ ଖରିଫ୍ - ୨୦୨୦ରେ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ସଦସ୍ୟଙ୍କୁ ଅବଗତ କରାଇଥିଲେ। ଏହା ବ୍ୟତୀତ ରବି ଋତୁ ପାଇଁ କୃଷକମାନଙ୍କ ଉନ୍ନତି ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସହ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ରାଜ୍ୟସ୍ତରୀୟ ତଥା କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ସମ୍ବନ୍ଧରେ ବିଶଦ୍ ଭାବେ ଆଲୋଚନା କରିଥିଲେ। ବୈଠକରେ ଅଧ୍ୟକ୍ଷତା କରୁଥିବା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଳରାମ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ସମ୍ବନ୍ଧରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଉପସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏତଦ୍ ବ୍ୟତୀତ ଉଦ୍ୟାନ କୃଷି ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ଏବଂ ସମବାୟ ସମିତିର ସହନିବନ୍ଧକ ଏବଂ ଜଳ ସଂପଦ ବିଭାଗର ଅଧିକାରୀଗଣ ନିଜର ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

## ଯୁବ ରେଡକ୍ରସ ତରଫରୁ ଜାତୀୟ ୱେବିନାର

ଭଦ୍ରକ,୧୩।୦୧ (ନି.ପ୍ର): ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଅବସରରେ ଚରମ୍ପା ମହାବିଦ୍ରାଳୟର ଯୁବ ରେଡକ୍ରସ ବିଭାଗ ଆନୁକୁଲ୍ୟରେ ଏକ ଜାତୀୟ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରଜକିଶୋର ବଳ ସଭାପତିତ୍ୱ କରିଥିଲେ। ଯୁବ ରେଡକ୍ରସ ଉପଦେଷ୍ଟା ଡ. ସୁକାନ୍ତି ମହାପାତ୍ର ସମସ୍ତଙ୍କୁ ଅଭିବାଦନ ଓ ସ୍ୱାଗତ କରିଥିଲେ। ଅନ୍ୟତମ ଉପଦେଷ୍ଟା ପ୍ରାଧାପିକା ବାସନ୍ତୀ ଲତା ନାୟକ ବିବେକାନନ୍ଦ ଜୟନ୍ତୀ ଉପରେ ଗୁରୁତ୍ୱାରୋପ କରି ତାଙ୍କ ଜୀବନାଦର୍ଶର ଆଲୋକପାତ କରିଥିଲେ। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଡ. ରଜତ କୁମାର ପ୍ରଧାନ ମୁଖ୍ୟବକ୍ତା ଭାବରେ 'ସ୍ୱାମୀ ବିବେକାନନ୍ଦଙ୍କ କ୍ରମ ବର୍ଦ୍ଧମାନ ପ୍ରାସଙ୍ଗିକତା' ଉପରେ ବିଶେଷ ଆଲୋଚନା କରିଥିଲେ। ଚରମ୍ପା କଲେଜ, ଭଦ୍ରକ କଲେଜ, କାଜି ନଜରୁଲ ବିଶ୍ୱିଦ୍ୟାଳୟ ପଶ୍ଚିମବଙ୍ଗର ଛାତ୍ରଛାତ୍ରୀମାନେ ସେମାନଙ୍କ କବିତା, ସଂଗୀତ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନେକ ପ୍ରତିଷ୍ଠିତ କବିମାନେ ମଧ୍ୟ ସ୍ୱରଚିତ କବିତା ଆବୃତି କରିଥିଲେ। ସେମାନଙ୍କ ମଧ୍ୟରେ କବୟିତ୍ରୀ ଡ. ପ୍ରଭାତ ନଳିନୀ ମହାପାତ୍ର, ସୁଜିତ ପଣ୍ଡା, ଗିରୀଶ ଷଡଙ୍ଗୀ, ବିଶାଖା ସିଂହାଣିଆ, ଅସୀମା ତ୍ରିପାଠି, ମୋନାଲିସା ସାହୁ, ବର୍ଷାରାଣୀ ନାୟକ, ନିକିତା ପଣ୍ଡା, ଇପ୍‌ସିତା ମିଶ୍ର, ଜୟଶ୍ରୀ ନାୟକ, ରୀନା ପରବିନ, ସ୍ମୃତିସନ୍ଧ୍ୟା ନାୟକ, ନାଜିଆ କାଦ୍ରି, ସୁଦୀପ୍ତା ନାୟକ ପ୍ରମୁଖ ସାମିଲ ଥିଲେ। ୟୁଜିସି ନିର୍ଦ୍ଦେଶାନୁଯାୟୀ ଅନ୍‌ଲାଇନ ଯୋଗେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯୁବ ରେଡକ୍ରସ ଉପଦେଷ୍ଟା ସମାଜ ବିଜ୍ଞାନ ଅଧ୍ୟାପକ ବିଶ୍ୱରଂଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁଥ ଫର ସେବା ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ



ଭଦ୍ରକ,୧୩।୦୧ (ନି.ପ୍ର): ଯୁବଗୋଷ୍ଠୀଙ୍କ ମଧ୍ୟରେ ସେବା ମନବୃତ୍ତି ରଖିବାର ଚିନ୍ତା ଚେତନା ନେଇ 'ୟୁଥ୍ ଫର ସେବା' ପକ୍ଷରୁ ମା' ଭଦ୍ରକାଳୀଙ୍କ ପୀଠରେ ଜାତୀୟ ଯୁବ ଦିବସ ପାଳନ ହୋଇ ଯାଇଛି। ସ୍ୱାମୀ ବିବେକାନନ୍ଦ ଜନ୍ମ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଅବସରରେ ଜନ୍ମ ନେଇଥିବା ଏହି ସଂଗଠନ ତା'ର ୧୦ମ ବାର୍ଷିକ ଉତ୍ସବ ମଧ୍ୟ ପାଳନ କରିଛି। ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ ଆଜିର ଯୁବ ପିଢିଙ୍କ ନିକଟରେ ସେବା ମନବୃତ୍ତି ଜାଗ୍ରତ କରିବା ପାଇଁ ୟୁଥ୍ ଫର ସେବା ସଂଗଠନ ପକ୍ଷରୁ ନିଆଯାଉଥିବା ସାମଗ୍ରିକ କାର୍ଯ୍ୟର ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଏହି ସଂଗଠନ ବହୁ ଉପାଦେୟ ପଦକ୍ଷେପ ନେଇ ସମାଜ ତଥା ଯୁବପିଢିଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁ ବୋଲି ପରାମର୍ଶ ଦେଇଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ବାର୍ତ୍ତାକୁ ଗ୍ରହଣ କରି ତାଙ୍କ ଆଦର୍ଶକୁ ପାଥେୟ କରି ଚାଲିଲେ ଯୁବ ପିଢି ନିଶ୍ଚିତ ସୁପଥରେ ପଥିକ ହୋଇ ପାରିବେ ବୋଲି ଅତିଥି ଭାବେ ଯୋଗ ଦେଇ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମାଜସେବୀ ଅମ୍ବିକା ପ୍ରସନ୍ନ ଦାସ, ଚନ୍ଦ୍ରମୋହନ ମହାପାତ୍ର ପ୍ରମୁଖ କହିଥିଲେ। ଏହି ଅବସରରେ ସଂଗଠନ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ସ୍କୁଲ କିଟ୍ ଯଥା ଖାତ, କଲମ, ପେନ୍‌ସିଲ,ବ୍ୟାଗ, ପାଣିବୋତଲ ଆଦି ପ୍ରଦାନ କରାଯାଇଥିଲା।

## ଜିଲ୍ଲାରେ ପହଞ୍ଚିଲା ୫୫ଶହ କୋଭିଡ୍ ଟୀକା

ଭଦ୍ରକ,୧୩।୦୧ (ନି.ପ୍ର): କୋଭିଡ୍ ଟୀକା କୋଭାକ୍ସିନ ଆଜି ଭଦ୍ରକ ଜିଲ୍ଲାରେ ପହଞ୍ଚିଛି। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାକୁ ୫ହଜାର ୫ଶହ ଟୀକା ଆସିଛି। ଏହି ଟୀକାକୁ ଆଜି କୁଆଁସ ଗ୍ରାମ ସ୍ଥିତ ଟୀକାକରଣ କେନ୍ଦ୍ରରେ କଡା ସୁରକ୍ଷା ମଧ୍ୟରେ ରଖା ଯାଇଛି। ଜିଲ୍ଲାପାଳ ଡ. ଜ୍ଞାନ ଦାସଙ୍କ ଉପସ୍ଥିତିରେ ଏହି ଟୀକାକୁ ସଂରକ୍ଷିତ କରାଯାଇଛି। ଏହି ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ର ଓ ଅରୁଣ କୁମାର ମହାପାତ୍ର, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ ପାତ୍ର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶିବାଶିଷ ମହାରଣାଙ୍କ ସହିତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, କର୍ମଚାରୀ ଏବଂ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ଆସନ୍ତା ୧୬ ତାରିଖରୁ ପ୍ରଥମ ଟୀକାକରଣ କାର୍ଯ୍ୟ ଆରମ୍ଭ ହେବ। ୩ଟି କେନ୍ଦ୍ରରେ ପ୍ରଥମ ପର୍ଯ୍ୟାୟରେ ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଟୀକା ପ୍ରଦାନ କରାଯିବା ସହିତ ଅନ୍ୟ କରୋନା ଯୋଦ୍ଧାଙ୍କୁ ମଧ୍ୟ ଟୀକା ପ୍ରଦାନ କରାଯିବ।

## ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ




ବାରିପଦା,୧୩।୦୧ (ନି.ପ୍ର): ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ରାଷ୍ଟ୍ରୀୟ ଯୁବ ଦିବସ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଶ୍ରୀ ନାୟକ କାର୍ଯ୍ୟକ୍ରମରେ ପୌରହିତ୍ୟ କରିବା ଅବସରରେ କହିଥିଲେ ଯେ ଯୁବକମାନେ ନିଜକୁ କ୍ରାଇସିସ ମ୍ୟାନେଜର ଭାବେ ଗଠନ କରିବାର ଆବଶ୍ୟକତା ରହିଛି । ବିପଦ ଆପଦ ସମୟରେ ନିଜକୁ ପରିସ୍ଥିତି ସହିତ ଖାପ ଖୁଆଇ ଚଳି ପାରିବ, ସେଥିପ୍ରତି ପ୍ରସ୍ତୁତି କରିବାର ଆବଶ୍ୟକତା ରହିଛି । ବାରିପଦାସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଶୁଭେନ୍ଦୁ ଶତପଥୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଛାତ୍ରଛାତ୍ରୀମାନେ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଦେଶ ଗଠନରେ ଯୁବକମାନଙ୍କ ଭୂମିକା ରହିଛି। ତେଣୁ ଛାତ୍ରଛାତ୍ରୀମାନ ଆଗାମୀ ଦିନ ପାଇଁ ନିଜକୁ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ବାରିପଦା ମହାବିଦ୍ୟାଳୟ ପ୍ରାଣିବିଜ୍ଞାନ ଅଧ୍ୟାପିକା ଅଳି ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ସ୍ୱାମୀ ବିବେକାନନ୍ଦ ୟୁବକ ମାନଙ୍କର ପ୍ରତିକ । ତେଣଉ ଛାତ୍ରଛାତ୍ରୀମାନେ ନିଜକୁ ଗଠନ ମୂଳକ କାର୍ଯ୍ୟରେ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟର ଉପାଧକ୍ଷା ସଂଘମିତ୍ରା ରାଉତ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ପରିଶ୍ରମି ହେବା ସହିତ ଭବିଷ୍ୟତରେ ରୋଜଗାରକ୍ଷମ ହେବା ପାଇଁ ପରାମର୍ଶ ଦେଇଥିଲେ । ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ପ୍ରୋଗ୍ରାମ ଅଫିସର ବିଜୟା ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୀରା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱେଚ୍ଛାସେବ ସଂଗୀତା ସରେନ, ସୋନାଲି ସାମଲ ଯୁବ ଦିବସ ଅବସରରେ ସେମାନଙ୍କର ମତାମତ ରଖିଥିଲେ । ମହାବିଦ୍ୟାଳୟର ଅଧ୍ୟାପକ ମଦନ ମୋହନ ସାହୁ, ଶିବ ପ୍ରସାଦ ମଲ୍ଲିକ, ଅଧ୍ୟାପିକା ସବିତାରାଣୀ ଦାଶ, ତୃପ୍ତି ଦାଶ, ସାଗରୀକା ପଣ୍ଡା, ଅଙ୍କିତା ସାହୁ, ଅଭିପ୍ସା ନାୟକ, ପଞ୍ଚାନନ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ ।

## ପଗଡ ଗ୍ରାମରେ ଅବସ୍ଥିତ ମାନବବାଦୀ କନ୍ୟାଶ୍ରମ ଓ ଡଗମୁଣ୍ଡ କୁଷ୍ଠ କଲୋନୀରେ କମ୍ବଳ ବଣ୍ଟନ




ଭଦ୍ରକ,୧୩।୦୧ (ନି.ପ୍ର): ଭଦ୍ରକ ବ୍ଲକ ଚଣ୍ଡିଗାଁ ପଞ୍ଚାୟତ ପଗଡ ଗ୍ରାମଠାରେ ଥିବା ମାନବବାଦୀ କନ୍ୟାଶ୍ରମ ଏବଂ ରାନ୍ଦିଆ ଡଗମୁଣ୍ଡଠାରେ ଥିବା କୁଷ୍ଠ କଲୋନୀରେ ଇଫ୍‌କୋ କମ୍ପାନୀ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି। ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ପାଦକ ପଞ୍ଚାନନ କର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିଥି ଭାବେ ମହାତ୍ମାଗାନ୍ଧୀ ବିଚାର ମଞ୍ଚର ସମ୍ପାଦକ ଶାନ୍ତନୁ ରାଉତ ଯୋଗ ଦେଇ ମାନବବାଦ୍ ଓ ପରୋପକାର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଗାନ୍ଧୀ ବିଚାରମଞ୍ଚର ବୟୋଜ୍ୟେଷ୍ଠ ସଭ୍ୟ ପଦ୍ମନାଭ ପାଢୀ, କ୍ଷୀରୋଦ ଚନ୍ଦ୍ର ମିଶ୍ର ଏବଂ ଇଫ୍‌କୋ ଫର୍ଟିଲାଇଜର, ଭଦ୍ରକର ମ୍ୟାନେଜର ସୁଦର୍ଶନ ପଣ୍ଡା ବକ୍ତବ୍ୟ ରଖିଥିଲେ। ସଭା ଆରମ୍ଭରେ ରଂଜନ କୁମାର ସାହୁ ଭକ୍ତି ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ରାଜକୁମାର ଦାସ, ଦେବେନ୍ଦ୍ର କୁମାର ବେହେରା, ବ୍ରହ୍ମକୁମାର ସୁଧାଂଶୁ ପାଢୀ ଅଂଶଗ୍ରହଣ କରିଥିଲେ। କନ୍ୟାଶ୍ରମର ବୟୋଜ୍ୟେଷ୍ଠ ସଭ୍ୟ କପିଳ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କମ୍ପାନୀ ପକ୍ଷରୁ ଡଗମୁଣ୍ଡ କୁଷ୍ଠ କଲୋନୀରେ ମଧ୍ୟ କଲୋନୀବାସୀଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।

# ପଂଚଦଶ ତୋଷାଳି ମେଳା-୨୦୨୧ ଉପଲକ୍ଷେ ଆନ୍ତଃବିଭାଗୀୟ ସମନ୍ୱୟ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୧୩।୦୧ (ନି.ପ୍ର): ପଂଚଦଶ ତୋଷାଳି ମେଳା, ୨୦୨୧ ଜାନୁଆରୀ ୨୧ ତାରିଖରୁ ଫେବୃଆରୀ ୫ ତାରିଖ ପର୍ଯ୍ୟନ୍ତ ଜନତା ମଇଦାନଠାରେ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ଆଜି ଲୋକସେବା ଭବନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଏକ ଆନ୍ତଃବିଭାଗୀୟ ସମନ୍ୱୟ ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ଜେନା ଅଧ୍ୟକ୍ଷତା କରିଥିଲେ । କୋଭିଡ୍ ନିୟମକୁ ସଂପୂର୍ଣ୍ଣ ଭାବେ ଅନୁପାଳନ କରାଯାଇ ସାମାଜିକ ଦୂରତା ରକ୍ଷା କରି ମେଳା ଆୟୋଜନ କରିବା ଉପରେ ଉନ୍ନୟନ କମିଶନର ଶ୍ରୀ ଜେନା ଗୁରୁତ୍ୱ ଦେଇଥିଲେ । ବୈଠକ ଆରମ୍ଭରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ପଂଚଦଶ ତୋଷାଳି ମେଳା ୨୦୨୧ ସମସ୍ତ ସହଯୋଗୀ ବିଭାଗର ମିଳିତ ଉଦ୍ୟମରେ ସଫଳ ହୋଇପାରିବ ବୋଲି କହିଥିଲେ । ଏହି ଜାତୀୟ ସ୍ତରୀୟ ମେଳାର ଆୟୋଜନ ଦ୍ୱାରା ବୁଣାକାର ଓ ଶିଳ୍ପୀମାନଙ୍କ ଉତ୍ପାଦର ବିକ୍ରି ନିମନ୍ତେ ସୁଯୋଗ ସୃଷ୍ଟି ହୋଇପାରିବ । ଗତବର୍ଷ ୪୫୦ଟି ଷ୍ଟଲ ଥିବାବେଳେ ସ୍ୱତନ୍ତ୍ର କୋଭିଡ୍ ନିୟମ ପାଳନକୁ ଆଖିରେ ରଖି ଚଳିତ ବର୍ଷ ଏହି ମେଳାରେ ସମୁଦାୟ ୨୫୦ଟି ଷ୍ଟଲ୍ କରାଯାଉଛି । ସମସ୍ତ କୋଭିଡ୍ ନିୟମର ଅନୁପାଳନ କରାଯାଇ ମେଳାର ଆୟୋଜନ କରାଯାଉଛି ବୋଲି ସଚିବ ଶ୍ରୀମତୀ ଶର୍ମା ପ୍ରକାଶ କରିଥିଲେ । ଏହି ବୈଠକରେ ତୋଷାଳି ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଆବଶ୍ୟକୀୟ ପୋଲିସ୍, ଯଥେଷ୍ଟ ଟ୍ରାଫିକ୍ ବ୍ୟବସ୍ଥା, ଦିନରାତି ଦୁଇ ୟୁନିଟ୍ ଅଗ୍ନିଶମ ଦଳଙ୍କ ମୁତୟନ, ବିଦ୍ୟୁତଯୋଗାଣ, ପିଇବା ପାଣି, ଫାଷ୍ଟଏଡ୍ ବ୍ୟବସ୍ଥା, ମେଳା ପରିସରର ସ୍ୱଚ୍ଛତା, ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଗଣମାଧ୍ୟମରେ ବ୍ୟାପକ ପ୍ରଚାର ଓ ପ୍ରସାର ବ୍ୟବସ୍ଥା ଆଦି ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଅତିରିକ୍ତ କମିଶନର ଅଫ୍ ପୋଲିସ୍ ଶ୍ରୀମତୀ ରେଖା ଲୋହାନୀ, ବିଏମ୍?ସି କମିଶନର ଶ୍ରୀ ପ୍ରେମଚାନ୍ଦ ଚୌଧାରୀ, ରାଜ୍ୟ ଫାୟାର ଅଫିସର, ଟିପି ସେଣ୍ଟ୍ରାଲ୍ ଓଡ଼ିଶା ସେଣ୍ଟ୍ରାଲ୍ ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍, ପିଏଚ୍ଇଡି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଭିନ୍ନକ୍ଷମ ସଶକ୍ତିକରଣ ନିର୍ଦ୍ଦେଶକ, ହସ୍ତଶିଳ୍ପ ନିର୍ଦ୍ଦେଶକ, ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ, ସୂଚନା ଓ ଲୋକସଂପର୍କ ବିଭାଗର ପଦାଧିକାରୀ ଉପସ୍ଥିତ ରହି ମେଳାର ସୁପରିଚାଳନା ନିମନ୍ତେ ନିଜର ମତାମତ ବ୍ୟକ୍ତ କରିଥିଲେ ।

# ବାଲେଶ୍ୱରର ସର୍ବାଙ୍ଗିନ ଉନ୍ନତିକୁ ନେଇ ବରିଷ୍ଠ ନାଗରିକ ମଞ୍ଚର ବୈଠକ

## ସରକାରଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ ନିଷ୍ପତ୍ତି



ବାଲେଶ୍ୱର,୧୩।୦୧ (ନି.ପ୍ର): ବାଲେଶ୍ୱର ଜିଲାର ସର୍ବାଙ୍ଗିନ ଉନ୍ନତି ପାଇଁ ବର୍ଷବର୍ଷ ଧରି ବାରମ୍ବାର ସରକାରଙ୍କଠାରେ ଦାବି ହୋଇ ଆସୁଥିଲେ ମଧ୍ୟ ଅଦ୍ୟାବଧି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ନ ହେବାକୁ ନେଇ ବରିଷ୍ଠ ନାଗରିକ ମଞ୍ଚ ଅସନ୍ତୋଷ ପ୍ରକାଶ କରିଛି । ଏନେଇ ଆସନ୍ତା ୨୭ ତାରିଖ ଦିନ ମଞ୍ଚର ଏକ ୫୧ଜଣିଆ ପ୍ରତିନିଧିଦଳ ଜିଲାପାଳଙ୍କ ଜରିଆରେ ସରକାରଙ୍କୁ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ ବୋଲି ଆୟୋଜିତ ଏକ ବୈଠକରେ ବୁଧବାରଦିନ ନିଷ୍ପତି ନିଆଯାଇଛି । ଜିଲା କାର୍ଯ୍ୟାଳୟରେ ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମଞ୍ଚର କର୍ମକର୍ତ୍ତାମାନେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହିତ ଆସନ୍ତା ୨୭ ତାରିଖର ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ସଫଳତା ଦିଗରେ ନିଷ୍ପତି ନେଇଥିଲେ । ଏହିଦିନ ଗାନ୍ଧିସ୍ମୃତି ଭବନଠାରେ ଏକତ୍ରିତ ହୋଇ ନିରବ ଶୋଭାଯାତ୍ରାରେ ଯିବା ବେଳେ ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ । ପରେ ଜିଲାପାଳଙ୍କୁ ସାକ୍ଷାତ କରି ରାଜ୍ୟସରକାରଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବା ପାଇଁ ଧାର୍ଯ୍ୟ ହୋଇଛି । ଏଥି ସହିତ ବୈଠକରେ ଅନ୍ୟାନ୍ୟ ପ୍ରସଙ୍ଗ ଗୁଡ଼ିକ ମଧ୍ୟରେ ବରିଷ୍ଠ ନାଗରିକମାନଙ୍କ ଲାଗି କରୋନା ପ୍ରତିଷେଧକ ଟୀକା ପ୍ରଦାନ, ହାଓଡ଼ା-ପୁରୀ-ଧଉଳି ଏକ୍ସପ୍ରେସ୍, ଖଡ଼କପୁର-ଖୋର୍ଦ୍ଧା ଫାଷ୍ଟ ପେସେଞ୍ଜର ଓ ଭଦ୍ରକ ହାଓଡ଼ା ବାଘାଯତୀନ୍ ପେସେଞ୍ଜର ଟ୍ରେନ୍‌କୁ ଅବିଳମ୍ବେ ଚାଲୁକରାଯିବା, ବରିଷ୍ଠନାଗରିକମାନଙ୍କ ଲାଗି ଉଦ୍ଦିଷ୍ଟ ରେଳଭଡ଼ା ରିହାତିର ପୁନଃପ୍ରଚଳନ କରାଯିବା ବାଲେଶ୍ୱର ଫ୍ଲାଏ ଓଭରବ୍ରିଜ୍‌ର ଆଶୁ ମରାମତି ହେବା ବାଲେଶ୍ୱରରେ ପୂର୍ବପରି ଏମ୍ସ ସାଟେଲାଇଟ୍ ସାପ୍ତାହିକ ଓପିଡି ସେଣ୍ଟରକୁ ଅବିଳମ୍ବେ ପୁନଃକାର୍ଯ୍ୟକ୍ଷମ କରି ରୋଗୀସେବା ପ୍ରଦାନ, ବାଲେଶ୍ୱର ସହରର ଜଳନିଷ୍କାସନ ଓ ଟ୍ରାଫିକ୍ ସମସ୍ୟାର ଆଶୁ ସମାଧାନ କରାଯିବା ଆଦି ସଂପର୍କରେ ଆଲୋଚିତ ହୋଇଥିଲା । ଏଥିପାଇଁ ଏକ ୧୧ଜଣିଆ ତଦାରଖ କମିଟି ଗଠନ କରାଯାଇଥିଲା । ସାଧାରଣ ସଂପାଦକ ଲକ୍ଷ୍ମୀଧର ବେହେରା, ଅନ୍ତର୍ଯ୍ୟାମୀ ପ୍ରଧାନ, ଡ. ପଦ୍ମଲୋଚନ ପାତ୍ର, ସୁରେନ୍ଦ୍ରନାଥ କର, ଗୋପୀନାଥ ଦାସ, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ବିଷ୍ଣୁପ୍ରସାଦ ମହାନ୍ତି, ଦାମୋଦର ନାୟକ, ଲକ୍ଷ୍ମୀନାରାୟଣ ଘୋଷ, ଅକ୍ଷୟ କୁମାର ତ୍ରିପାଠୀ, ସୀତାରାମ ପ୍ରଧାନ ଓ ଗିରିଶ ଚନ୍ଦ୍ର ଦାଶ, ପଣ୍ଡିତ ସୁରେନ୍ଦ୍ରନାଥ କର, ଡ. ପଦ୍ମଲୋଚନ ପାତ୍ର, ଅନ୍ତର୍ଯ୍ୟାମୀ ପ୍ରଧାନ, ଅର୍ଚ୍ଚନା ନନ୍ଦୀ, ଅକ୍ଷୟ କୁମାର ତ୍ରିପାଠୀ, ସୀତାରାମ ପ୍ରଧାନ, ଦାମୋଦର ନାୟକ ଗୋପୀନାଥ ଦାସ, ଦେବବ୍ରତ ପାଣିଗ୍ରାହୀ, ପରମାନନ୍ଦ ପଣ୍ଡା ଯଶୋଦାନନ୍ଦନ ଆଶ୍ ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିବାବେଳେ ଲକ୍ଷ୍ମୀନାରାୟଣ ଘୋଷ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନକୁ ତୀବ୍ର ବିରୋଧ

## ନୂତନ ଆଇନର ପ୍ରତିଲିପି ପୋଡ଼ିଲା କୃଷକ ସଂଘର୍ଷ ସମନ୍ୱୟ ସମିତି




ବାଲେଶ୍ୱର,୧୩।୦୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନକୁ ବିରୋଧ କରି ଦିଲ୍ଲୀରେ ଦୀର୍ଘ ୪୯ ଦିନ ଧରି ଆନ୍ଦୋଳନ ଜାରି ରହିଥିବା ବେଳେ ଏହାକୁ ସମର୍ଥନ ଜଣାଇ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ବୁଧବାର ଦିନ ନୂତନ ଆଇନର ପ୍ରତିଲିପିକୁ ପୋଡ଼ା ଯାଇଛି । ସ୍ଥାନୀୟ ଫାଣ୍ଡିଛକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରେମ ରଞ୍ଜନ ପାତ୍ର, କ୍ଷେତ ମୂଲିଆ ନେତା ଶିଶିର ହୁଇ, କୃଷକ ସଭା ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ, ଭାଗବତ ପ୍ରତିହାରୀ, ଗୌରାଙ୍ଗ ପାଣିଗ୍ରାହୀ, ଶୀତାଂଶୁ ସେନାପତି, ବିଜୟ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ଶ୍ୟାମସୁନ୍ଦର ଜେନା, ବିକାଶ ଦାସ, ପ୍ରଦୀପ ସ, ଜୀବନ ପରିଡ଼ା ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନର ଦୃଢ ସମାଲୋଚନା କରିଥିଲେ । କୃଷକମାନେ ନୂତନ ଆଇନକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ଆନ୍ଦୋଳନ ଜାରି ରଖିଥିବା ବେଳେ ସୁପ୍ରିମ କୋର୍ଟ ଆଇନ କାର୍ଯ୍ୟକାରୀକୁ ସ୍ଥଗିତ ରଖି ଆଲୋଚନା ନିମନ୍ତେ ୪ ଜଣିଆ କମିଟି ଗଠନ କରିବା ଆଦୌ ଗ୍ରହଣଯୋଗ୍ୟ ନୁହେଁ ବୋଲି ସେମାନେ କହିଥିଲେ । ନୂତନ ଆଇନକୁ ସମର୍ଥନ କରୁଥିବା ୪ଜଣ ବ୍ୟକ୍ତିଙ୍କୁ ଏହି କମିଟିରେ ରଖାଯିବା କେଉଁ ନ୍ୟାୟରେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ଯେତେ ଦିନ ପର୍ଯ୍ୟନ୍ତ କୃଷକ ବିରୋଧୀ କଳା ଆଇନ ପ୍ରତ୍ୟାହାର ନ ହୋଇଛି, ସେ ପର୍ଯ୍ୟନ୍ତ ଦିଲ୍ଲୀଠାରୁ ପଲ୍ଲୀ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି କୃଷକ ସଂଘର୍ଷ ସମନ୍ୱୟ ସମିତିର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି । ଏହି ଅବସରରେ ସେମାନେ ନୂତନ କୃଷି ଆଇନର ପ୍ରତିଲିପିକୁ ପୋଡ଼ି ବିରୋଧ ପ୍ରଦର୍ଶନ କରିଥିଲେ ।

# ଫକୀର ମୋହନଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର ,୧୩।୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ପୁରୋଧା ତଥା କଥା ସମ୍ରାଟ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି । ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରୁଥିବା 'ରେବତୀ', ''ଛ' ମାଣ ଆଠ ଗୁଣ୍ଠ', 'ଡାକ ମୁନସୀ' ଭଳି କାଳଜୟୀ ରଚନା ସହ ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ଦିଗରେ ତାଙ୍କ ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ।

# କ୍ଲଷ୍ଟର ସ୍ତରୀୟ ପ୍ରଧାନ ଶିକ୍ଷକ ସମୀକ୍ଷା ବୈଠକ




ଜଳେଶ୍ୱର, ୧୩/୧ (ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱରସ୍ଥିତ ରାଇବଣିଆ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ପ୍ରଧାନ ଶିକ୍ଷକମାନଙ୍କର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି । ରାଇବଣିଆ, ଖୁଆଡ, ଗୋପାଳପୁର ଓ ବେହେରାସାହି କ୍ଲଷ୍ଟର ଅଧିନରେ ଥିବା ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକମାନେ ଯୋଗ ଦେଇଥିଲେ । ବିଆର୍‌ସିସି ଲଳାଟେନ୍ଦୁ କେଶରୀ ଜେନାଙ୍କ ଅଧ୍ୟକ୍ଷତାରେ ବିଇଓ ନିରଞ୍ଜନ ଦାସ ମହାପାତ୍ର, ଏବିଇଓ ସୁଶାନ୍ତ କୁମାର ଜେନା, ଅଜୟ କୁମାର ଜେନା, ହିସାବରକ୍ଷକ ଅମିତ କୁମାର ଦଣ୍ଡପ୍ରମୁଖ ଉପସ୍ଥିତ ରହି ସମୀକ୍ଷା କାର୍ଯ୍ୟରେ ଭାଗ ନେଇଥିଲେ । ବିଭିନ୍ନ କାର୍ଯ୍ୟର ୟୁସି ପ୍ରଦାନ, ପୋଷାକ ବିତରଣ, ମଧ୍ୟାହ୍ନ ଭୋଜନ ପରିଚାଳନା, ବିଦ୍ୟାଳୟ ପରିଚାଳନା, ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ସମୀକ୍ଷା କରାଯାଇଥିଲା । କୋଭିଡ୍-୧୯ ସମୟରେ ଛାତ୍ରଛାତ୍ରୀଙ୍କ ଡୋର ପଏଣ୍ଟରେ ଶିକ୍ଷାଦାନ ପାଇଁ ପରାମର୍ଶ ଦେଇଥିଲେ । ସିଆର୍‌ସିସି ନିବେଦିତା ନାୟକ ପରିଚାଳନା କରିଥିଲେ । ଶିକ୍ଷକ ଚନ୍ଦନ କୁମାର ଶାସମଲ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁରୂପଭାବେ ଅପରାହ୍ନରେ ଚାଫଲାସ୍ଥିତ ସାବିତ୍ରୀମୟୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବରଡିହା, ଚାଫଲା କ୍ଲଷ୍ଟରର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ।

# କରୋନାରେ ଦେଶରେ ଗତ ୨୪ ଘଂଟାରେ ୧୫,୯୬୮ ନୂଆ ମାମଲା

ନୂଆଦିଲ୍ଲୀ,୧୩।୦୧ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୧୫,୯୬୮ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୨୦୨ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧,୦୪,୯୫,୧୪୭ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୨,୧୪,୫୦୭ ଥିବା ବେଳେ ବର୍ତମାନ ସୁଦ୍ଧା ୧,୫୧,୫୨୯ ଜଣ ମୃତ୍ୟୁ ବରଣ କରିଛନ୍ତି ।


## ।। ଶୁଭେଚ୍ଛା ବାର୍ତ୍ତା ।।





ନବବର୍ଷ ୨୦୨୧ ଓ ମକର ସଂକ୍ରାନ୍ତି ସମସ୍ତଙ୍କ ପରିବାର ସୁଖ, ଶାନ୍ତି, ସମୃଦ୍ଧି ସଂକଳ୍ପର ବର୍ଷ ହେବା ସଙ୍ଗେ ସଙ୍ଗେ ସମସ୍ତଙ୍କ ଚଲାପଥ କୁସୁମିତ କରୁ । ଏ ବର୍ଷ ପ୍ରାରମ୍ଭରୁ ଲୋକେ କୋଭିଡ ୧୯ର ନିର୍ଯ୍ୟାତିତ ହୋଇ ନିଜକୁ ଅସହାୟ ମନେ କରୁଥିବାବେଳେ ଆଗାମୀ ବର୍ଷ ଓ ମକର ସଂକ୍ରାନ୍ତିଟି ବିଗତ ବର୍ଷର ଯନ୍ତ୍ରଣାରୁ ମୁକ୍ତି ପାଇ ଏକ ସୁନ୍ଦର ଶୃଙ୍ଖଳିତ ସମାଜ ମିଳୁ ଏହା ହିଁ ଜଗନ୍ନାଥଙ୍କଠାରେ ପ୍ରାର୍ଥନା ।

କୃଷ୍ଣଚନ୍ଦ୍ର ରାହୁଲ


# ପୁଣି ଝାଡଖଣ୍ଡୀ ଦନ୍ତାଙ୍କ ଆତଙ୍କ



ନୀଳଗିରି,୧୩।୦୧ (ନି.ପ୍ର): ଝାଡଖଣ୍ଡୀ ହାତୀପଲ ନୀଳଗିରି ରୁ ପ୍ରତ୍ୟାବର୍ତ୍ତନ ପରେ ପ୍ରତ୍ୟେକ ଦିନ କୁଳଡିହା ହାତୀ ଉତ୍ପାତ ଯୋଗୁଁ ଲୋକେ ଭୟଭିତ ଅବସ୍ଥାରେ ଜୀବନ ବିତାଉଛନ୍ତି । ଏତିକିବେଳେ ଭୋର ୫ଟାରେ ପୁଣି ଝାଡଖଣ୍ଡ ହାତୀ ପଲଙ୍କ ମୁରବି ପାଇଲଟ ଦନ୍ତା ମୟୁରଭଞ୍ଜ ଅତିକ୍ରମ କରି ନୀଳଗିରି ସୀମାରେ ପ୍ରବେଶ କରିଥିଲା । ପ୍ରଥମେ କୁଲାଟ ବରହମପୁର, ରାଧାକିଶୋରପୁର, ଆନିକାପୁର, କାଂଶ, କାଠପାଳ, ଅଯୋଧ୍ୟା, ମହିଷାପଟ୍ଟା, ଗୋପାଳପୁର ଅତିକ୍ରମ କରି ନରଣପୁର ସଂରକ୍ଷିତ ଜଙ୍ଗଲରେ ଦନ୍ତାଟି ବୁଲୁଥିବା ଜଣାପଡିଛି । ନୀଳଗିରି ରେଞ୍ଜର ମନୋଓ୍ୱର ଖାଁଙ୍କ ନିର୍ଦ୍ଦେଶକ୍ରମେ ସଜନାଗଡ ଫରେଷ୍ଟର ଶ୍ରୀଧର ଲେଙ୍କା, ସଜନାଗଡ ଗାର୍ଡ, ଜୟଦେବ ମଲ୍ଲିକ, ଗୋପାଳପୁର ଗାର୍ଡ ସରସ୍ୱତୀ ମୁର୍ମୁ, ମିତ୍ରପୁର ଗାର୍ଡ ମନୋରଂଜନ ସିଂ, ହାତୀ ଉପରେ ନଜର ରଖିଛନ୍ତି । ଦନ୍ତା ହାତୀଟି ଯେପରି ଗ୍ରାମକୁ ପ୍ରବେଶ ନକରେ ସେଥିପ୍ରତି ବନ ବିଭାଗ ସତର୍କ ଦୃଷ୍ଟି ରଖିଛି ।

# ଗଛରୁ ପଡ଼ି ଯୁବକ ମୃତ



ନୀଳଗିରି,୧୩।୦୧ (ନି.ପ୍ର): କରତରେ(ମେସିନ) ଡାଳ କାଟୁଥିବା ବେଳେ ହଠାତ୍ ଡାଳଟି କାଟୁଥିବା ଯୁବକ ଉପରେ ଅସାବଧାନତା ହେତୁ ଡାଳ ବାଜି ପଡିବାରୁ ତଳକୁ ଖସିପଡି ଘଟଣାସ୍ଥଳରେ ଯୁବକର ମୃତ୍ୟୁ ଘଟିଛି । ଏନେଇ ସ୍ଥାନୀୟ ଅଚଂଳରେ ଶୋକର ଛାୟା ଖେଳିଯାଇଛି । ସୂଚନା ଅନୁସାରେ ନୀଳଗିରି ବ୍ଲକର ଗରଡିହି ପଂଚାୟତର ବନ୍ଧସାହି ଗ୍ରାମର ଭାଟୁ ସିଂ ର ପୁଅ ବାସୁଆ ଓରଫ ବାସୁଦେବ ସିଂ (୨୫) ବୁଧବାର ଦିନ ପ୍ରାୟ ୯ଟା ସମୟରେ କଳାକାଦ ଗ୍ରାମର ଦାସିଆ ମହାନ୍ତିଙ୍କ ବାଡ଼ିରେ ଏକ କରଞ୍ଜ ଗଛର ଡାଳ କାଟୁଥିବା ବେଳେ ଅସାବଧାନତା ଯୋଗୁଁ କାଟୁଥିବା ଡାଳଟି ବାସୁଆ ଦେହରେ ବାଜିବାରୁ ବାସୁଆ ତଳକୁ ଖସିପଡ଼ିଥିଲା । ପରିବାର ଲୋକେ ସଂଗେ ସଂଗେ ନୀଳଗିରି ଡାକ୍ତରଖାନକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ବାସୁଆର ଛୋଟ ସନ୍ତାନଟିଏ ଥିବାର ଜଣାପଡ଼ିଛି ।


## ।। ଶୁଭେଚ୍ଛା ବାର୍ତ୍ତା ।।

ବିଜୁ ଜନତା ଦଳ





ନବବର୍ଷ ୨୦୨୧ ଓ ପବିତ୍ର ମକର ସଂକ୍ରାନ୍ତି ଅବସରରେ ବାଲେଶ୍ୱର ୱାର୍ଡ଼ ୨୮ ଓ ବାଲେଶ୍ୱରବାସୀ ତତ୍‌ସହିତ ଓଡ଼ିଶାର ଅଗଣିତ ଜନସାଧାରଣଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ସଂକଳ୍ପର ବର୍ଷ ହେବା ସଙ୍ଗେ ସଙ୍ଗେ ସମସ୍ତ ଚଲାପଥ କୁସୁମିତ ହେଉ । ଏହା ହିଁ ଜଗନ୍ନାଥଠାରେ ପ୍ରାର୍ଥନା ।

ଇତିକୃଷ୍ଣା ସ୍ୱାଇଁ
ପୂର୍ବତନ ବିଜେଡ଼ି କାଉନସିଲର
ୱାର୍ଡ଼ ମେମ୍ବର ୨୮


# 'ମୋନା' ପକ୍ଷରୁ ନିଶା ବିରୋଧୀଙ୍କୁ ସୁରକ୍ଷା ଦାବି

ବାଲେଶ୍ୱର,୧୩।୦୧ (ନି.ପ୍ର): ଗତ ସପ୍ତାହରେ ଖଇରା ଅଞ୍ଚଳର ଶାରୀଶୁଆ ପାହାଡ଼ ନିକଟରେ ବେଆଇନ୍ ମଦବିକ୍ରିକୁ ବିରୋଧ କରିବାରୁ ଜଣେ ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର ଜିଲ୍ଲା କମିଟି ଘୋର ଉଦ୍‌ବେଗ ପ୍ରକାଶ କରିଛି । ଗୁରୁତର ଆହତ ଶିକ୍ଷକ ଗୋପାଳଚନ୍ଦ୍ର ଜେନାଙ୍କୁ ଚିକିତ୍ସା ବାବଦରେ ସମସ୍ତ ଖର୍ଚ୍ଚ ଜିଲ୍ଲା ପ୍ରଶାସନ ତରଫରୁ ଯୋଗାଇଦେବାକୁ ଓ ଚିକିତ୍ସାଧୀନ ସମୟରେ ସ୍ୱତନ୍ତ୍ର ଛୁଟି ମଂଜୁର କରିବାକୁ 'ମୋନା' ଦୃଢ଼ ଦାବି କରିଛି । ଚୋରା ମଦବେପାରୀ ଓ ତାଙ୍କ ସହଯୋଗୀମାନଙ୍କୁ ତୁରନ୍ତ ଗିରଫ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରି ସୁସ୍ଥସମାଜରେ ବିଭୀଷିକା ସୃଷ୍ଟି କରୁଥିବା ନିଶା ବେପାର ବିରୁଦ୍ଧରେ ସ୍ୱରଉତ୍ତୋଳନ କରୁଥିବା ମହିଳାଗୋଷ୍ଠୀ, ସାମାଜିକ କର୍ମୀ ଓ ବ୍ୟକ୍ତିବିଶେଷଙ୍କୁ ପୋଲିସ୍ ସୁରକ୍ଷା ପ୍ରଦାନ ପାଇଁ 'ମୋନା' ଦାବି କରିଛି । ସେହିପରି ସରକାର ଡାକ୍ତରଖାନାରେ ଆହତଙ୍କର ଚିକିତ୍ସାପାଇଁ ସମସ୍ତ ଖର୍ଚ୍ଚ ବହନ କରିବା ସହିତ ଆହତଙ୍କୁ ଉଦ୍ଧାରକରି ହସପିଟାଲରେ ପହଞ୍ଚାଇବା ବ୍ୟକ୍ତିଙ୍କୁ ଜିଲ୍ଲାପ୍ରଶାସନ ପ୍ରଶଂସିତ କରିବା ଉଚିତ ବୋଲି 'ମୋନା' ତରଫରୁ କୁହାଯାଇଛି । ଲିଖିତ ପ୍ରତିକ୍ରିୟାରେ 'ମୋନା'ର ଜିଲ୍ଲା ସଭାପତି ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁ, ସାଧାରଣ ସଂପାଦିକା ମମତା ମହାପାତ୍ର, ଉପଦେଷ୍ଟା ସୁବ୍ରତ କର, କୋଷାଧ୍ୟକ୍ଷ ଡ. କ୍ଷିତିଶ୍ୱର ଦାଶ, ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ, ପ୍ରଫୁଲ୍ଲ କୁମାର ଦାସ, କମଳାକାନ୍ତ ଦାଶ, ସୁଶ୍ରୀ ଗୀତାଞ୍ଜଳି ସିଂହ ପ୍ରମୁଖ ଉକ୍ତ ଘଟଣାରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି ।


## ।। ଶୁଭେଚ୍ଛା ବାର୍ତ୍ତା ।।





୨୦୨୧ ଇଂରାଜୀ ନବବର୍ଷ, ପବିତ୍ର ମକର ସଂକ୍ରାନ୍ତି ଓ ଭାଷା ସମ୍ରାଟ ବ୍ୟାସକବି ଉତ୍କଳର ବରପୁତ୍ର ଫକୀରମୋହନ ସେନାପତିଙ୍କ ୧୭୯ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ବାଲେଶ୍ୱର ତଥା ଉତ୍କଳବାସୀ ଭାଇ, ଭଉଣୀ, ଗୁରୁଜନ, ସମାଜସେବୀ ଓ ବୁଦ୍ଧିଜୀବୀଙ୍କ ସୁଖ, ଶାନ୍ତି, ସମୃଦ୍ଧି, ନିରାମୟ ଓ ଦୀର୍ଘ ଜୀବନ ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ପ୍ରାର୍ଥନା ।

ତ୍ରିଦିବ କୁମାର ନାୟକ
ସହଦେବଖୁଂଟା, ବାଲେଶ୍ୱର



## ।। ଶୁଭେଚ୍ଛା ବାର୍ତ୍ତା ।।



ଆଜି ହେଉଛି ପବିତ୍ର ମକର ସଂକ୍ରାନ୍ତି । ଯୁଗସ୍ରଷ୍ଟା ବ୍ୟାସକବି ଫକୀରମୋହନ ସେନାପତିଙ୍କର ୧୭୯ତମ ଜୟନ୍ତୀ ।

ଏଇ ନବ ବର୍ଷରେ .....
ଝରି ଝରିଯାଏ ଝରା ବଉଳଲୋ
ସରି ସରି ଯାଏ ଦି ହଜାର କୋଡ଼ିଏ
ଗୁପତେ ସାଇତା ମନପକ୍ଷୀ କହେ
କେହି ତ କାହାରି ନୁହେଁ....
ଶୁଆ କହେ ଶାରୀ ଭୁଞ୍ଜିବୁନି ଆଉ
ଗଲାସନ ଦାରୁଣ ବ୍ୟଥା
କରୋନା ଭୂତାଣୁ ସାରିଦେଲା ସୁଖ
ଗାଏ ଗୁହବନ୍ଦୀ ଆତ୍ମକଥା...

ଆସନ୍ତୁ !! ଆମେ ସମସ୍ତେ ସେହି ମହାପ୍ରଭୁଙ୍କ ପାଦ ପଦ୍ମରେ ଶରଣ ନେଇ ନିଜକୁ ସୁସ୍ଥ ନିରାମୟ ରଖିବା ସହିତ କୋଭିଡ -୧୯ର ସମସ୍ତ କଟକଣାକୁ ପାଳନ କରିବା ଓ ଧ୍ୱନି ପ୍ରତିଧ୍ୱନିର ଏଇ ମହତ୍ ଉଦ୍ଦେଶ୍ୟକୁ ସଂ'ଳ କରିବା ।



ଶ୍ରୀମତୀ କଲ୍ୟାଣୀ ନନ୍ଦ
ମୁଖ୍ୟ କିରାଣୀ, ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ, ବସ୍ତା
ରାଜାବଗିଚା, ବାଲେଶ୍ୱର



❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo